ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୮୫
୧୨ ଡିସେମ୍ବର, ୨୦୨୫ ଶୁକ୍ରବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 185
12th December, 2025 Friday
Bhubaneswar

ODISHA EXPRESS     SIGHTS TRUTH WRITES TRUTH     ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in   E-mail : odishaexpress@gmail.com   RNI Regd. No. ODIODI/2006/23033   Postal Regd. No. : BN/169/13-15   ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଇଶା ବାସ୍ୟମିଦଁ ସର୍ବଂ ଯତ୍କିଞ୍ଚ ଜଗତ୍ୟାଂ ଜଗତ୍ ।**
**ତେନ ତ୍ୟକ୍ତେନ ଭୁଞ୍ଜିଥା ମା ଗୃଧଃ କସ୍ୟ ସ୍ୱିଦ୍ ଧମମ୍**

ଅଖିଳ ବ୍ରହ୍ମାଣ୍ଡରେ ଯାହା କିଛି ବି ଜଡ଼ ଚେତନା ରୂପ ଜଗତ୍ ଅଛି ଏହା ସମସ୍ତ ଈଶ୍ୱରଙ୍କ ଦ୍ୱାରା ବ୍ୟାପ୍ତ ଅଟେ । ସେହି ଈଶ୍ୱରଙ୍କ ସହିତ ରହି ତ୍ୟାଗ ପୂର୍ବକ ତାହାକୁ ଭୋଗକର । ଏହା ସହିତ ଆସକ୍ତ ହୁଅନାହିଁ । କାରଣ ଧନ-ଭୋଗ ପଦାର୍ଥ । କାହାରି ମଧ୍ୟ ନୁହେଁ ।

# ଖାଇକୁ ଖସିଲା ଟ୍ରକ୍: ୨୨ ଶ୍ରମିକ ମୃତ

**ନୂଆଦିଲ୍ଲୀ,୧୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅରୁଣାଚଳ ପ୍ରଦେଶରେ ଭୟଙ୍କର ସଡକ ଦୁର୍ଘଟଣା । ଶ୍ରମିକଙ୍କୁ ନେଇ ଯାଉଥିବା ଗୋଟିଏ ମିନି ଟ୍ରକ୍ ୧୦୦୦ ଫୁଟ ତଳେ ଥିବା ଖାତକୁ ଖସି ପଡିଛି । ଏଥିରେ ୨୨ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ମୃତ ସମସ୍ତ ଶ୍ରମିକ ଆସାମର ବୋଲି ଜଣାପଡିଛି । ଭାରତ-ଚାଇନା ସୀମାନ୍ତ ଅଞ୍ଜାଓ୍ୱ ଜିଲ୍ଲାରେ ଏପରି ଘଟଣା ଘଟିଛି ।

ସୋମବାର ମିନି ଟ୍ରକଟି ସୀମାନ୍ତ ଅଞ୍ଚଳରେ ଥିବା ଅତି ଉଚ୍ଚ ହାୟୁଲିଆଙ୍ଗ-ଚାଗଲାଗମ ରାସ୍ତାରେ ଯାଉଥିବା ବେଳେ ଏପରି ଦୁର୍ଘଟଣାର



ସମ୍ମୁଖୀନ ହୋଇଥିଲା । କିନ୍ତୁ ୩ ଦିନ ଧରି ଏହାର ଖବର କାହା ପାଖରେ ନଥିଲା ।

**ଗୁରୁବାର ଏହି ଦୁର୍ଘଟଣାରେ ଏକମାତ୍ର ଜୀବିତ ବ୍ୟକ୍ତି ଗଭୀର ଖାତରୁ ବାହାରିବା ସହ ପାହାଡ ଚଢ଼ି ଉପରକୁ ଆସିଥିଲେ । ସେ ଗୁରୁତର ଆହତ ହୋଇଥିଲେ ହେଁ ୪ କିମି ବାଟ ଚାଲି ଚାଲି ଗୋଟିଏ ବର୍ଡର ରୋଡ ଅର୍ଗାନାଇଜେସନ କ୍ୟାମ୍ପରେ ପହଞ୍ଚିଥିଲେ । ସେଠାରେ ସେ ଘଟଣା ସମ୍ପର୍କରେ ସୂଚନା ଦେବା ପରେ ସମସ୍ତେ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ ।**

ଘଟଣା ସମ୍ପର୍କରେ ଖବର ଦେଇଥିବା ଗୁରୁତର ଆହତଙ୍କୁ ଦିବ୍ରୁଗଡ ସ୍ଥିତ ଆସାମ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବର୍ତ୍ତମାନ ସୁଦ୍ଧା ୧୮ ଜଣ ଶ୍ରମିକଙ୍କ ପରିଚୟ ମିଳିଛି । ଅନ୍ୟ ୪ ଜଣଙ୍କ ସମ୍ପର୍କରେ ସୂଚନା ହାସଲ କରିବାକୁ ଉଦ୍ୟମ ଚାଲିଛି ।" ଡିଫେନ୍ସ ପିଆରଓ ଲେଫ୍ଟନାଣ୍ଟ କର୍ଣ୍ଣେଲ ଏମ ରାଓ୍ୱତ କହିଛନ୍ତି ଯେ ଭାରତୀୟ ସ୍ଥଳ ସେନା ପକ୍ଷରୁ ସର୍ଚ୍ଚ ଓ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି । ୪ ଘଣ୍ଟାର ସର୍ଚ୍ଚ ଅପରେସନ ପରେ ପ୍ରାୟ ୨୦୦ ମିଟର ଗଭୀରରେ ଦୁର୍ଘଟଣା ଗ୍ରସ୍ତ ଟ୍ରକକୁ ଠାବ କରାଯାଇଛି । ହେଲିକପ୍ଟରରୁ ୧୮ଟି ମୃତଦେହ ଚିହ୍ନଟ ହୋଇଛି ।

# ଭାରତ ଉପରେ ୫୦% ଆମଦାନୀ ଶୁଳ୍କ ଲାଗୁ କଲା ମେକ୍ସିକୋ

**ନୂଆଦିଲ୍ଲୀ,୧୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଆମେରିକା ପରେ ଭାରତ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ ବୃଦ୍ଧି କରିଛି ମେକ୍ସିକୋ । ଆସନ୍ତା ୨୦୨୬ରୁ ଏହି ନୂଆ ବର୍ଦ୍ଧିତ ଶୁଳ୍କ ଲାଗୁ ହେବ । ଭାରତରୁ ଆମଦାନୀ ହେଉଥିବା ବିଭିନ୍ନ ସାମଗ୍ରୀ ବା ଉତ୍ପାଦ ଉପରେ ଶୁଳ୍କ ଲାଗୁ ହେବ । ଭାରତ ସମେତ ଚୀନ ଏବଂ ଅନ୍ୟାନ୍ୟ ଏସୀୟ ରାଷ୍ଟ୍ରଗୁଡ଼ିକ ଉପରେ ମେକ୍ସିକୋ ସରକାର ଏହି ଶୁଳ୍କ ଲାଗୁ କରିଛନ୍ତି ।

ଗତ ବୁଧବାର ସିନେଟରେ ଏ ସଂକ୍ରାନ୍ତ ବିଲ୍ ପାସ୍ ହୋଇଛି । ବିଲ୍ ସପକ୍ଷରେ ୭୬ଟି ଭୋଟ ମିଳିଥିବାବେଳେ ୫ଟି ବିରୋଧରେ ଏବଂ ୩୫ ସଦସ୍ୟ ଭୋଟଦାନରୁ ବିରତ ରହିଥିଲେ । ମେକ୍ସିକୋ ସହିତ ଯେଉଁ ଦେଶଗୁଡ଼ିକର ବାଣିଜ୍ୟିକ ରାଜିନାମା ହୋଇ ନ ଥିବ ସେହିସବୁ ଦେଶ ଏହି ଶୁଳ୍କ ବୋଝ ମୁଣ୍ଡାଇବେ । ପ୍ରାୟ ୧୪୦୦ ଉତ୍ପାଦ ଉପରେ ଶୁଳ୍କ ଲାଗୁ ହେବ ।

ଶୁଳ୍କ ଲାଗୁ ହେବାକୁ ଥିବା ସାମଗ୍ରୀଗୁଡ଼ିକ ମଧ୍ୟରେ ଗାଡ଼ିମୋଟର ଯନ୍ତ୍ରାଂଶ, ହାଲୁକା ଯାନ, ବସ୍ତ୍ର, ପ୍ଲାଷ୍ଟିକ ଉତ୍ପାଦ, ଷ୍ଟିଲ, ଘରୋଇ ଉପକରଣ, ଖେଳଣା, ଟେକ୍ସଟାଇଲ୍ସ, ଫର୍ନିଚର, ଜୋତା, ଚମଡ଼ା ଉତ୍ପାଦ, ପେପର ଏବଂ କାର୍ଡବୋର୍ଡ, ମୋଟରସାଇକେଲ, ଆଲୁମିନିଅମ, ଟ୍ରେଲରସ୍, ଗ୍ଲାସ, ସାବୁନ, ପରଫ୍ୟୁମ ଏବଂ କସମେଟିକ୍ସ ଉତ୍ପାଦ ପ୍ରମୁଖ ରହିଛି । ଅଧିକାଂଶ ସାଗମ୍ରୀ ଉପରେ ୩୫% ପର୍ଯ୍ୟନ୍ତ ଶୁଳ୍କ ଲାଗୁ ହୋଇଥିବାବେଳେ ଯାତ୍ରୀବାହୀ ଯାନ ସମେତ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୩ ଡିଗ୍ରୀରେ ଥରୁଛି ଶିମିଳିପାଳରେ



**କରଞ୍ଜିଆ,୧୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରବଳ ଜାଡରେ ଥରୁଛି ଶିମିଳିପାଳ ଅଭୟାରଣ୍ୟ । ଶିମିଳିପାଳରେ ୩ ଡିଗ୍ରୀକୁ ଖସିଲା ପାରଦ । ଜନଜୀବନ ଅସ୍ତବ୍ୟସ୍ତ । ହାଡ଼ଭଙ୍ଗା ଶୀତ ସାଙ୍ଗକୁ ଘନ କୁହୁଡ଼ିର ଧଳା ଚାଦର ତଳେ ଘୋଡେଇ ହୋଇଛି ଶିମିଳିପାଳ । ଏହାର ପାଦଦେଶରେ ଥିବା ଯଶୀପୁର, ଠାକୁରମୁଣ୍ଡା, କରଞ୍ଜିଆ, ରରୁଆଁ ଓ ଶୁକୃଳି ବ୍ଲକ ଅଞ୍ଚଳରେ ଘନ କୁହୁଡି ସାଙ୍ଗକୁ ଶୀତର ଲହରୀ ଜାରି ରହିଛି । ଏପରିକି ପ୍ରବଳ ଶୀତ ଯୋଗୁ ରାସ୍ତା ପାର୍ଶ୍ୱରେ ରହି ବ୍ୟବସାୟ କରୁଥିବା ସ୍ଥାନୀୟ ଚାଷୀ, ଦିନ ମଜୁରିଆମାନେ ବେଶୀ ପ୍ରଭାବିତ ହେଉଛନ୍ତି ।

ଗୁରୁବାର ସକାଳ ୬ଟା ସୁଦ୍ଧା ଶିମିଳିପାଳର ଉପର ବାରାକାମୁଡାରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଚହଲାରେ ୫ ଡିଗ୍ରୀ, ନଅଣା ଠାରେ ୬ ଡିଗ୍ରୀ ଓ ଗୁଡ଼ଗୁଡିଆରେ ୭ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି । ଏ ନେଇ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

ସେପଟେ ହାଡ଼ଭଙ୍ଗା ଶୀତରେ ଥରୁଛି ସାରା ରାଜ୍ୟ । ୧୦ ଡିଗ୍ରୀ ତଳେ ୧୬ ସହରର ତାପମାତ୍ରା । *(ଶେଷ ପୃଷ୍ଠା ଦେଖନ୍ତୁ)*

# ଦରମା ଓ ଭତ୍ତା ବୃଦ୍ଧିକୁ ବିଧାୟକଙ୍କ ବିରୋଧ

**ଭୁବନେଶ୍ୱର,୧୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ମଙ୍ଗଳବାର ବିଧାନସଭା ଗୃହରେ ପାରିତ ହୋଇଥିବା ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧିକୁ ସିପିଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡା ବିରୋଧ କରିଛନ୍ତି । ବିଧାନସଭାରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତି, ମନ୍ତ୍ରୀଗଣ, ବିରୋଧୀ ଦଳର ନେତା, ସରକାରୀ ମୁଖ୍ୟସଚେତକ ଏବଂସମସ୍ତ ବିଧାୟକମାନଙ୍କର ଦରମା ଓ ଭତ୍ତା ତିନିଗୁଣ ବୃଦ୍ଧି ହୋଇଛି । ଏହି ପ୍ରସ୍ତାବକୁ ବିଜେଡି, ବିଜେପି,



କଂଗ୍ରେସ ଏକାଠି ହୋଇ ସମର୍ଥନ କରିଥିବା ବେଳେ ସିପିଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏହାକୁ ବିରୋଧ କରିଛନ୍ତି ।

ସେ କହିଛନ୍ତି ଯେ ରାଜ୍ୟରେ ଶ୍ରମିକ, କର୍ମଚାରୀ, ଶିକ୍ଷକମାନେ ଦୁଃଖ ଭିତରେ ଅଛନ୍ତି । ଶ୍ରମଜୀବୀ ଓ ମୂଲିଆମାନଙ୍କ ଦାବିକୁ ସରକାର ପ୍ରତ୍ୟାଖାନ କରୁଥିବା ବେଳେ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧିକୁ ସିପିଏମ ବିରୋଧ କରିବ । ତୁରନ୍ତ ଏହି ନିଷ୍ପତିକୁ ପ୍ରତ୍ୟାହାର କରାନଗଲେ ବିଧାନସଭା ଭିତରେ ଓ ବାହାରେ ଗଣତାନ୍ତ୍ରିକ ମାଧ୍ୟମରେ ସଂଗ୍ରାମ ଜାରି ରହିବ ।

ସୂଚନାଯୋଗ୍ୟ ଓଡ଼ିଶା ବିଧାନସଭାର ସଦସ୍ୟ, ବାଚସ୍ପତି, ଉପ ବାଚସ୍ପତି, ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀମାନଙ୍କ ଦରମା ଓ ଭତ୍ତା ବହୁଗୁଣା ବୃଦ୍ଧିକୁ ନେଇ ସବୁଆଡ଼େ ଆଲୋଚନା । ସଦସ୍ୟମାନେ ଏହା ଯଥାର୍ଥ ବୋଲି ଦାବି କରୁଥିବା ବେଳେ ସାଧାରଣରେ ଏହାକୁ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି । ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଆଲୋଚନା ବେଶ୍ ଜୋର ଧରିଛି । ମଙ୍ଗଳବାର ବିଧାନସଭାର ଶୀତ ଅଧିବେଶନ ବନ୍ଦ ହେବା ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧାୟକ ଓ ଅନ୍ୟମାନଙ୍କ ଦରମା/ଭତ୍ତା ଏବଂ ପୂର୍ବତନ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶାରେ ଖୋଲିବ ସିଏଜି କାର୍ଯ୍ୟାଳୟ

**ଭୁବନେଶ୍ୱର,୧୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ଓଡ଼ିଆ ନବବର୍ଷ ଏପ୍ରିଲ ୧୫ ତାରିଖରେ ଭାରତର ମହାଲେଖା ନିୟନ୍ତ୍ରକ(ସିଏଜି)ଙ୍କ ପୂର୍ବାଞ୍ଚଳ ଶାଖା ଭୁବନେଶ୍ୱରରେ ଖୋଲିବାକୁ ସିଏଜି ଅନୁମୋଦନ କରିଛନ୍ତି । ଯାହା ପୂର୍ବ ଭାରତରେ ତଦାରଖ ବିକେନ୍ଦ୍ରୀକରଣ ଏବଂ ଅଡିଟ ପ୍ରଶାସନକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ।

ସରକାରୀ ସୂଚନା ଅନୁଯାୟୀ, ନୂତନ କାର୍ଯ୍ୟାଳୟ ୧୫ ଏପ୍ରିଲ ୨୦୨୬ରୁ କାର୍ଯ୍ୟ ଆରମ୍ଭ କରିବ । ପୂର୍ବାଞ୍ଚଳ ମୁଖ୍ୟାଳୟ ଜଣେ ଉପନିୟନ୍ତ୍ରକ ଏବଂ ଅଡିଟର ଜେନେରାଲ (ଡେପୁଟି ସିଏଜି)/ଅତିରିକ୍ତ ଉପ ନିୟନ୍ତ୍ରକ ଏବଂ ଅଡିଟର ଜେନେରାଲ (ଅତିରିକ୍ତ ଡେପୁଟି ସିଏଜି) (ପୂର୍ବାଞ୍ଚଳ) ଅଧୀନରେ ଏହା କାର୍ଯ୍ୟ କରିବ ଏବଂ ବର୍ତ୍ତମାନ ଦିଲ୍ଲୀ ସିଏଜି ମୁଖ୍ୟାଳୟରେ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ପୂର୍ବାଞ୍ଚଳ ଶାଖାର ସମସ୍ତ କାର୍ଯ୍ୟ ଭୁବନେଶ୍ୱର ପୂର୍ବାଞ୍ଚଳ ଶାଖାରେ ସମ୍ପାଦିତ ହେବ । ନୂତନ ମୁଖ୍ୟାଳୟ ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ପଶ୍ଚିମବଙ୍ଗର ଅଡିଟ କାର୍ଯ୍ୟାଳୟଗୁଡ଼ିକୁ ତଦାରଖ କରିବ, ଯାହା ଚାରିଟି ରାଜ୍ୟରେ ଅଡିଟ କାର୍ଯ୍ୟକଳାପର ଅଧିକ ସମନ୍ୱୟ ଏବଂ ଉତ୍ତମ ତଦାରଖ କରିବାକୁ ସକ୍ଷମ କରିବ । ଏହି ପଦକ୍ଷେପକୁ ଦାୟିତ୍ୱ ବୃଦ୍ଧି ଏବଂ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୬ ରାଜ୍ୟରେ ବଢ଼ିଲା ଏସ୍ଆଇଆର ତାରିଖ

**ନୂଆଦିଲ୍ଲୀ,୧୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭୋଟର ତାଲିକାରେ ସଂଶୋଧନ କରିବା ପାଇଁ ଜାରି ରହିଥିବା ସ୍ପେଶାଲ ଇଣ୍ଟେନସିଭ ରିଭିଜନ ବା ଏସ୍ଆଇଆର ସମୟସୀମାକୁ ବୃଦ୍ଧି କରିଛନ୍ତି ନିର୍ବାଚନ କମିଶନ । ୫ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ଏସଆଇଆର ସମୟସୀମାକୁ ବୃଦ୍ଧି କରାଯାଇଛି । ତେବେ ବେଙ୍ଗଲ କ୍ଷେତ୍ରରେ କୌଣସି ପ୍ରକାରର ସମୟସୀମା ବୃଦ୍ଧି କରି ନାହାନ୍ତି ନିର୍ବାଚନ କମିଶନ ।

କମିଶନ ପକ୍ଷରୁ ଆଜି ତାମିଲନାଡୁ, ଗୁଜରାଟ, ମଧ୍ୟପ୍ରଦେଶ, ଛତିଶଗଡ, ଉତ୍ତର ପ୍ରଦେଶ ଓ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ଚାଲିଥିବା ଏସ୍ଆଇଆର ସମୟସୀମାକୁ ବୃଦ୍ଧି କରାଯାଇଛି । ତେବେ ପୂର୍ବ ଘୋଷଣା ଅନୁସାରେ, ଗୋଆ, ଲାକ୍ଷାଦ୍ୱୀପ, ରାଜସ୍ଥାନ ଓ ପଶ୍ଚିମବଙ୍ଗରେ ଆଜି ଏସ୍ଆଇଆର ପ୍ରକ୍ରିୟା ଶେଷ ହୋଇଛି । ଏଠାରେ ଏସ୍ଆଇଆର ସମୟସୀମାକୁ ବୃଦ୍ଧି କରାଯାଇ ନାହିଁ । ଏହି ୪ ରାଜ୍ୟର ଡ୍ରାଫ୍ଟ ଭୋଟର ତାଲିକା ଆସନ୍ତା ଡିସେମ୍ବର ୧୬ରେ ପ୍ରକାଶ ପାଇବ ବୋଲି ନିର୍ବାଚନ କମିଶନ କହିଛନ୍ତି ।

ନୂଆ ଘୋଷଣା ଅନୁସାରେ, ତାମିନଲନାଡୁ ଓ ଗୁଜରାଟରେ ଡିସେମ୍ବର ୧୪, ମଧ୍ୟପ୍ରଦେଶ ଓ ଆଣ୍ଡାମାନରେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୧୭ରେ ଓଟିଇଟି

**ଭୁବନେଶ୍ୱର,୧୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

**କଟକ, ୧୧/୧୨:** ଆସନ୍ତା ୧୭ ତାରିଖରେ ସାରା ରାଜ୍ୟରେ ଓଟିଇଟି ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି । ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ଦ୍ୱାରା ପରିଚାଳିତ ଏହି ପରୀକ୍ଷାରେ ରାଜ୍ୟରେ ୧ଲକ୍ଷ ୬୦ହଜାର ୩୭୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ଏଥିରେ ଉଭୟ ଇନସର୍ଭିସ ଓ ଆଶାୟୀ ଶିକ୍ଷକ ଶିକ୍ଷୟତ୍ରୀ ଅଛନ୍ତି । ଓଟିଇଟି ପରୀକ୍ଷା ୨ଟି ପତ୍ରରେ ଅନୁଷ୍ଠିତ ହେବ । ପେପର-୧ ପାଇଁ ୪୭ହଜାର ୭୨୦ଜଣ ପ୍ରାର୍ଥୀ ଓ ପେପର-୨ ପାଇଁ ୧ଲକ୍ଷ ୧୨ହଜାର ୬୫୯ ଜଣ ପ୍ରାର୍ଥୀ ପଞ୍ଜୀକୃତ ହୋଇଛନ୍ତି । ପରୀକ୍ଷା ପ୍ରକ୍ରିୟା ସୁଗମ ଓ ନିରପେକ୍ଷ କରିବା ପାଇଁ ସାରା ରାଜ୍ୟରେ ୪୫୨ଟି ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି । ସମସ୍ତ ପରୀକ୍ଷା କେନ୍ଦ୍ରରେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଔଷଧ ଦୋକାନରୁ ମଦ ଜବତ

**ଭଦ୍ରକ,୧୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ସମୟ ବଦଳିଛି । ଟଙ୍କା ପାଇଁ ଲୋକଙ୍କର ମାନସିକ ଚିନ୍ତାଧାରାରେ ମଧ୍ୟ ବଡ ପରିବର୍ତ୍ତନ ଦେଖାଯାଇଛି । ଅଧିକ ଟଙ୍କା ରୋଜଗାର କରିବା ନିଶାରେ ଲୋକେ ବିପଥଗାମୀ ହେଉଛନ୍ତି । ସେଥି ପାଇଁ ଉପରକୁ ସ୍ୱଚ୍ଛ ଦେଖାଯାଉଥିବା ଲୋକେ ଭିତରେ କଳା ଧନ୍ଦା କରିବାକୁ ପଛାଉ ନାହାନ୍ତି । ଭଦ୍ରକ ସହରର ବାଇପାସ୍ ଛକ ନିକଟସ୍ଥ ଏକ ଔଷଧ ଦୋକାନରୁ ମଦ ଜବତ ହୋଇଛି । ଭଗବାନ ଗଣେଶଙ୍କ ନାମରେ ନାମିତ ଔଷଧ ଦୋକାନରୁ ମଦ ବାହାରୁଛି, ଯାହା ବୁଦ୍ଧିଜୀବୀଙ୍କୁ ହତବାକ୍ କରିଛି । ସଦର ଥାନା ଅଧୀନ ବାଇପାସ ନିକଟସ୍ଥ ଶ୍ରୀ ଗଣେଶ ଔଷଧ ଦୋକାନରେ ମଦ ବିକ୍ରି ହେଉଥିବା ନେଇ ପ୍ରଶାସନକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା । ଏହି ଗୁଇନ୍ଦା ସୂଚନା ଆଧାରରେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇଥିଲା । ଔଷଧ ଦୋକାନ ଲାଇସେନ୍ସ ଯାଞ୍ଚ ପାଇଁ ଆଜି ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ଡ୍ରଗ୍ସ ଇନ୍ସପେକ୍ଟର ଓ ପୁଲିସର ମିଳିତ ଯାଞ୍ଚ କରାଯାଇଥିଲା । ଚଢ଼ଉ ସମୟରେ ଔଷଧ ଦୋକାନରୁ ପୁଳାପୁଳା ମଦ ବାହାରିଥିଲା । ବିଭିନ୍ନ ବ୍ରାଣ୍ଡର ମଦ ବାହାରିଥିଲା । ଭଦ୍ରକ ଟାଉନ ପୁଲିସ ମଦ ଜବତ କରିଛି । ଏହି ଔଷଧ ଦୋକାନରୁ ମାଲିକଙ୍କୁ ନେଇ ଥାନାରେ ଅଟକ ରଖି *(ଶେଷ ପୃଷ୍ଠା ଦେଖନ୍ତୁ)*

# ୮ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

**ଭୁବନେଶ୍ୱର,୧୧।୧୨**
**ତଥ୍ୟ**

ଓଡ଼ିଶାରେ ଆଠଟି ସରକାରୀ ଡିଗ୍ରୀ କଲେଜ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଥିବାବେଳେ ଏବେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ଅନ୍ୟ କଲେଜଗୁଡିକ ଭିତରୁ ଆଉ ଅନ୍ୟୁନ ଆଠଟି କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାପାଇଁ ଦାବି ହେଉଛି ।

ଓଡିଶାରେ ୫୨ଟି ସରକାରୀ ଡିଗ୍ରୀ କଲେଜ ରହିଥିଲା । ଏଥିରୁ ଅବଶ୍ୟ କେତେକରେ ସ୍ନାତକୋତ୍ତର ପାଠ୍ୟକ୍ରମ ରହିଥିଲା । ଇତି ମଧ୍ୟରେ ରାଜ୍ୟ ସରକାର କଟକର ରେଭେନ୍ସା ଓ ଭୁବନେଶ୍ୱରର ରମାଦେବୀ ମହିଳା କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିଛନ୍ତି । ସମ୍ବଲପୁରର ଗଙ୍ଗାଧରମେହେର କଲେଜ,



ବ୍ରହ୍ମପୁରର ଖଲିକୋଟ କଲେଜ, ବଲାଙ୍ଗିରର ରାଜେନ୍ଦ୍ର କଲେଜ ମଧ୍ୟ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହୋଇସାରିଛନ୍ତି । ବାରିପଦା, କେନ୍ଦୁଝର ଓ ଜୟପୁରରେ ଥିବା ଆଉ ତିନିଟି ସରକାରୀ କଲେଜ ବି ବିଶ୍ୱବିଦ୍ୟାଳୟକୁ ଉନ୍ନିତ ହୋଇସାରିଛି ।

ତେବେ ଏହି ୮ଟି ଯାକ ବିଶ୍ୱବିଦ୍ୟାଳୟରେ ବ୍ୟାପକ ସଂଖ୍ୟାରେ ଶିକ୍ଷକ ଓ ଅଣଶିକ୍ଷକ ପଦବୀମାନ ଖାଲି ପଡିଥିବାରୁ ଶିକ୍ଷାଦାନ, ଗବେଷଣା ଓ ପ୍ରଶାସନିକ କାର୍ଯ୍ୟ ଗୁରୁତର ଭାବେ ବ୍ୟାହତ ହେଉଛି । ଏହାଛଡା ଏହି ବିଶ୍ୱବିଦ୍ୟାଳୟଗୁଡିକରୁ ଅଧିକାଂଶରେ ନିୟମିତ କୁଳପତି ମଧ୍ୟ ନାହାନ୍ତି ।

ଅନ୍ୟ ପକ୍ଷରେ ଖୋର୍ଦ୍ଧାର ପ୍ରାଣନାଥ ସ୍ୱୟଂଶାସିତ କଲେଜ, ପୁରୀର ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତକ କଲେଜ ସମେତ ଭଦ୍ରକ, କେନ୍ଦ୍ରାପଡା, ପାରଳାଖେମୁଣ୍ଡି, ଫୁଲବାଣୀ, ନୟାଗଡ ଓ ସୁନ୍ଦରଗଡ ଜିଲ୍ଲାରେ ଥିବା ପୁରାତନ ଅଗ୍ରଣୀ କଲେଜଗୁଡିକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବାପାଇଁ ଦାବି ବଢିବାରେ ଲାଗିଛି । ବିଶେଷକରି ବିଜେପି ବିରୋଧିଦଳରେ ଥିବାବେଳେ ଅଧିକାଂଶ କ୍ଷେତ୍ରରେ ଏହି ଦାବିକୁ ସମର୍ଥନ କରିଥିବାରୁ ଏବେ ଏହି ଜିଲ୍ଲାଗୁଡିକରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଆଶା ଉଜ୍ଜ୍ୱଳ ବୋଲି କୁହାଯାଉଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କିନ୍ତୁ ନିର୍ଦ୍ଦିଷ୍ଟଭାବେ ଏଯାବତ୍ କିଛି ଘୋଷଣା କରାଯାଇ ନାହିଁ ।

ରାଜ୍ୟରେ ଥିବା ପ୍ରାୟ ୪୪ଟି ସରକାରୀ ଡିଗ୍ରୀ କଲେଜରେ ଏବେ ନିୟମିତ *(ଶେଷ ପୃଷ୍ଠା ଦେଖନ୍ତୁ)*

mKisan     ATMA CUTTACK

ଶୁଭେଚ୍ଛା ସହ :
**'ଆତ୍ମା' କଟକ**

ଦୈନିକ ଖବର କାଗଜ 'ଓଡ଼ିଶା ଏକ୍ସପ୍ରେସ୍'ର ୩୨ତମ ପ୍ରତିଷ୍ଠା ଦିବସ ଅବସରରେ
ଓଡ଼ିଶା ଆତ୍ମା କଟକ ପକ୍ଷରୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

## ପ୍ରଗତି ପଥେ 'ଆତ୍ମା', କଟକ

➢ **ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା PMFBY**

ଏହା ହେଉଛି ଚାଷୀଙ୍କୁ ପ୍ରକୃତିକ ଦୁର୍ଘଟଣା ବର୍ଷା ଅସଫଳତା, ବନ୍ୟା, ଝଡ, ରୋଗକୀଟ ଆକ୍ରମଣ ଇତ୍ୟାଦିକୁ ହୋଇଥିବା ଫସଲ କ୍ଷତିର ପ୍ରତିପୂରଣ ଦେବା ପାଇଁ କେନ୍ଦ୍ର ସରକାରଙ୍କ ଏକ ଜାତୀୟ ବୀମା ଯୋଜନା, ଏହି ଯୋଜନାରେ ଚାଷୀ ଭାଇ ଓ ଭଉଣୀ ମାନେ ୧ ଟଙ୍କା ଦେଇ ନିଜ ଫସଲ ବୀମା କରାଇ ନେବା । ଶେଷ ତାରିଖ ୩୧.୧୨.୨୦୨୫

➢ **CM KISAN ମୁଖ୍ୟମନ୍ତ୍ରୀ କୃଷକ ପ୍ରୋତ୍ସାହନ ଯୋଜନା**

CM KISAN ହେଉଛି ଓଡିଶା ସରକାରଙ୍କ ଦ୍ୱାରା ଆରଂଭିତ ଏକ ବିଶେଷ କୃଷକ ଭିତ୍ତିକ ସମର୍ଥନ ଯୋଜନା, ଯାହାର ମୂଳ ଉଦ୍ଦେଶ ହେଲା ଚାଷୀଙ୍କ ଆର୍ଥିକ ସହାୟତା, ଫସଲ ସୁରକ୍ଷା, ବୈଜ୍ଞାନିକ ଚାଷ ପ୍ରୋତ୍ସାହନ ଓ ସ୍ମାର୍ଟ ଫାର୍ମିଙ୍ଗକୁ ଆଗେଇ ନେବା । ଏହି ଯୋଜନା ରାଜ୍ୟ ସରକାର ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ବର୍ଷକୁ ୨ଟି କିସ୍ତିରେ ୪୦୦୦ଟଙ୍କା ଡ଼ିବିଟି ମାଧ୍ୟମରେ ଯୋଗେଇ ଦିଆଯାଏ ।

➢ **PM KISAN ପ୍ରଧାନମନ୍ତ୍ରୀ କିସାନ ସମ୍ମାନ ନିଧି**

ଏହା ହେଉଛି କେନ୍ଦ୍ର ସରକାରଙ୍କ ଏକ ଯୋଜନା ଯେଉଁଥିରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ପ୍ରତି ବର୍ଷ ୬୦୦୦ଟଙ୍କା ଆର୍ଥିକ ସହାୟତା ସିଧା ଚାଷୀଙ୍କ ବ୍ୟାଙ୍କ ଖାତାରେ ଦିଆଯାଏ । ଏହାକୁ ୩ଥର (instalment) ରେ ୨୦୦୦ଟଙ୍କା କରି ପ୍ରଦାନ କରାଯାଏ ।

➢ **ଡିଜିଟାଲ ଫସଲ ସର୍ବେକ୍ଷଣ ( DCS )**

ଓଡିଶା ସରକାରଙ୍କ ତରଫରୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ରାଜ୍ୟରେ ଡିଜିଟାଲ ଫସଲ ସର୍ବେକ୍ଷଣ ଖରିଫ ଓ ରବି ଋତୁରେ ହୋଇଥାଏ । ଏହି ଯୋଜନାରେ ଚାଷୀଙ୍କ ଜମିରେ କଣ ଶସ୍ୟ ଚାଷ ହେଉଛି, କେତେ ଅଞ୍ଚଳରେ ହେଉଛି ଓ ଏହାର ଠିକ ତଥ୍ୟ ଡିଜିଟାଲ ଭାବେ ରେକର୍ଡ କରିବା ପାଇଁ ସରକାରଙ୍କ ଏକ ପ୍ରଚେଷ୍ଟା । ମୋବାଇଲ ଆପ ଜି ପି ଏସ ମାଧ୍ୟମରେ କ୍ଷେତ୍ରର ମାପ ଫସଲର ପ୍ରମାଣ ଓ ଫଟୋଗ୍ରାଫ ସଂଗ୍ରହ କରାଯାଏ । ଏହି ଯୋଜନା ଦ୍ୱାରା କୃଷି ବୀମା, ଇନପୁଟ ସବସିଡି, ଦୁର୍ବିପାକ, ସରକାରୀ କୃଷି ଯୋଜନା ଏବଂ ଅନ୍ୟାନ୍ୟ ଡ଼ିବିଟି ମାଧ୍ୟମରେ ମିଳୁଥିବା ସହାୟତା ଇତ୍ୟାଦି ଚାଷୀ ଭାଇ ଭଉଣୀ ମାନଙ୍କୁ ସୁବିଧାରେ ଯୋଗାଇଦେବା ।

➢ **ଚାଷୀ ପଞ୍ଜିକରଣ (Farmer Registry)**

ଓଡିଶାରେ ଚାଷୀଙ୍କ ଏକ ଏକୀକୃତ ତଥ୍ୟ ଭଣ୍ଡାର ତିଆରି ପାଇଁ ରାଜ୍ୟ ସରକାରଙ୍କର ନିର୍ମିତ ଯୋଜନା / ଚାଷୀ ପଞ୍ଜିକରଣ ହେଉଛି । ଚାଷୀଙ୍କର ସମସ୍ତ ତଥ୍ୟ ଯଥା - ଜମିର ତଥ୍ୟ, ଶସ୍ୟ, ଲାଭାନ୍ୱିତ ଯୋଜନା ଚାଷୀର ପରିଚୟ ସବୁକୁ ଏକ ଡିଜିଟାଲ ମାଧ୍ୟମରେ ଏକତ୍ର କରିବାର ଯୋଜନା । ଏହି ମାଧ୍ୟମରେ ଚାଷୀକୁ ସ୍ୱଚ୍ଛତା, ଶୀଘ୍ର ସରକାରୀ ଲାଭ ଓ ଲକ୍ଷ୍ୟଭିତ୍ତିକ ସହାୟତା ଦେବାରେ ସହାୟକ ହେବ ।

ଅଧ୍ୟକ୍ଷ
ଆତ୍ମା, କଟକ

ପ୍ରକଳ୍ପ ନିର୍ଦ୍ଦେଶକ
ଆତ୍ମା, କଟକ



# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୨ ଡିସେମ୍ବର ୨୦୨୫ । ଶୁକ୍ରବାର




## ବଜାରରୁ ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ମାହାଙ୍ଗା ବ୍ଲକର କୁଆଁପାଳ – ବରଅଠା ଗ୍ରାମ୍ୟ ଉନ୍ନୟନ ସଡକର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁଥିବା ବେଳେ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ରାସ୍ତା ପାର୍ଶ୍ୱରେ ସରକାରୀ ଜମିରେ ବିଭିନ୍ନ ବେଆଇନ ବ୍ୟବସାୟୀ ଓ ଘରୋଇ ଅନୁଷ୍ଠାନ ଗୃହ ନିର୍ମାଣ କରାଯାଇଥିବାରୁ ଉକ୍ତ ସ୍ଥାନରେ ପ୍ରଶସ୍ତୀକରଣ କାର୍ଯ୍ୟ ବନ୍ଦ ରହିଥିଲା । ବାରମ୍ବାର ଅଭିଯୋଗ ପରେ ତହସିଲ ପ୍ରଶାସନ ପକ୍ଷରୁ ବେଆଇନ ଜବରଦଖଲକାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଆଜି ଏହି ରାସ୍ତାର ପ୍ରମୁଖ ବାସୁଦେବପୁର ବଜାର ରେ ବାସୁଦେବପୁର ମେଡିକାଲକୁ ଲାଗିକରି ଥିବା ଦୋକାନ ଏବଂ ଡ୍ରିଛକିରେ ଅବରୋଧ କରୁଥିବା ବ୍ୟବସାୟୀ ପ୍ରତିଷ୍ଠାନ ଗୃହ କୁ ଆଜି ତହସିଲ ପ୍ରଶାସନ ପକ୍ଷରୁ ପ୍ରୋକ୍ଲିନ ସାହାର୍ଯ୍ୟରେ ଭଙ୍ଗା ଯାଇ ଜବରଦଖଲ ଉଚ୍ଛେଦ କରାଯାଇଥିଲା । ଉଚ୍ଛେଦ ସମୟରେ ତହସିଲଦାର ସୁବାଶିଷ ପାଲ୍‌ଟା, ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନ, ଆଇଆଇସି ତପନ କୁମାର ରାଉତ, ଏସଡିଓ ଚିନ୍ମୟୀ ପଲେଇ, କନିଷ୍ଠଯନ୍ତ୍ରୀ ଜନ ମଲିକ, ଠିକାଦାର ଦିଲୀପ ସାମଲ, ଏସଆଇ କେ.ଲାକ୍ରା, ଆର୍ତବନ୍ଧୁ ସେଠୀ, ଏଏସଆଇ ଦିଗମ୍ବର ମୁଦୁଲିଙ୍କ ଏକ ପ୍ଲାଟୁନ ଫୋର୍ସ, ରାଜସ୍ୱ ନିରୀକ୍ଷକ ଏବଂ ତହସିଲ କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।

## ଗାଡ଼ି ଧୁଆରୁ ଗୁଳିମାଡ଼, ଯୁବକ ଗୁରୁତର

**ଅନୁଗୁଳ: ଏକ୍ସପ୍ରେସ ନ୍ୟୁଜ୍**

ଗତ ରାତି ପ୍ରାୟ ୧୧ଟା ସମୟରେ ଅନୁଗୁଳ ଇକୋପାର୍କ ସମ୍ମୁଖରେ ଗୁଳି ମାଡ଼ରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ସୂଚନା ମୁତାବକ ବିଶ୍ୱଜିତ୍ ମିତ୍ର ନାମକ ଜଣେ ଟ୍ରାଭେଲସ ମାଲିକ ଇକୋ ପାର୍କ ସମ୍ମୁଖରେ ଗାଡ଼ି ଧୋଉଥିବ ବେଳେ ଦୁଇ ଜଣ ଯୁବକ ସେ ରାସ୍ତା ଦେଇ ଯାଉଥିଲେ । ଗାଡ଼ି ରାସ୍ତାରେ ପାର୍କିଂକୁ ନେଇ ଗାଡ଼ି ଡ୍ରାଇଭର ସହ ବଚ୍‌ସା ହୋଇଥିଲ । ପାଟି ତୁଣ୍ଡ ଶୁଣି ବିଶ୍ୱଜିତ୍ ମିତ୍ର ଓ ତାଙ୍କ ବନ୍ଧୁ ଭବାନୀ ଶଙ୍କର ପ୍ରଧାନ ପହଞ୍ଚିଥିଲେ । ବଚ୍‌ସା ବଢିବାରୁ ବିଶ୍ୱଜିତ୍ ଯୁବକଙ୍କୁ ଦୁଇ ଚାପୁଡ଼ା ମାରିଥିଲେ ।

ଏହାପରେ ଉକ୍ତ ଦୁଇ ଯୁବକ ରାଜକିଶୋର ପଡ଼ା ଆଡ଼କୁ ପଳାଇଥିଲେ । ପରେ ଯୁବକମାନେ ଏକ ବୁଲେଟ ମଟରସାଇକେଲରେ ଆସି ବିଶ୍ୱଜିତ୍ ମିତ୍ରକୁ ଗୁଳି ମାରିଥିଲେ କିନ୍ତୁ ଗୁଳି ଭବାନୀ ପେଟରେ ବାଜିଥିଲା । ଏହାପରେ ଯୁବକମାନେ ଲୁହାରଡ଼ରେ ବିଶ୍ୱଜିତଙ୍କ ଗୋଡ଼ ଭାଙ୍ଗି ଦେଇଥିଲେ । ଦୁର୍ବୃତ୍ତମାନେ ଫେରାର ହେବା ପରେ ସ୍ଥାନୀୟ ଲୋକେ ଗୁରୁତର ଦୁଇ ଯୁବକଙ୍କୁ ଅନୁଗୁଳ ଡାକ୍ତର ଖାନାରେ ଭର୍ତ୍ତି କରିଥିଲେ । ଭବାନୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଗୁଳି ମାଡ଼ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖା ଦେଇଛି । ଘଟଣା ସ୍ଥଳରେ ଅନୁଗୁଳ ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ପୁଣି ହାତୀ ଆକ୍ରମଣରେ ଯୁବକ ମୃତ

**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**

ଜଙ୍ଗଲି ହାତୀଙ୍କୁ ନିୟନ୍ତ୍ରଣ କରିବାରେ କେନ୍ଦୁଝର ଜିଲ୍ଲା କେନ୍ଦୁଝର ବନଖଣ୍ଡ ସମ୍ପୂର୍ଣ୍ଣ ଭାବରେ ବିଫଳ ହୋଇଥିବା ମନେ ହେଉଛି । ବାରମ୍ବାର କେନ୍ଦୁଝର ଜିଲ୍ଲାରେ ଜଙ୍ଗଲି ହାତୀ ଆକ୍ରମଣରେ ଅଞ୍ଚଳ ବାସିନ୍ଦାମାନଙ୍କ ମୃତ୍ୟୁ ଘଟୁଥିବା ବେଳେ କେନ୍ଦୁଝର ଜିଲ୍ଲା ବନ ବିଭାଗ ଦେଖଣାହାରି ସାଜିଛି । ବୁଧବାର କେନ୍ଦୁଝର ଜିଲ୍ଲା କେନ୍ଦୁଝର ବନଖଣ୍ଡରେ ପୁଣି ହାତୀ ଆକ୍ରମଣରେ ଯୁବକ ମୃତ୍ୟୁ । ଯାହାକି ସୂଚନା ରହିଛି କେନ୍ଦୁଝର ଜିଲ୍ଲା କେନ୍ଦୁଝର ବନଖଣ୍ଡ ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଗିଧିବାସ ଠାରେ ହାତୀ ଆକ୍ରମଣରେ ଗୁରୁବାର ପୁଣି ଜଣେ ଯୁବକ ମୃତବରଣ କରିଥିବା ନେଇ ସୂଚନା, ମୃତକ ଜଣକ ଅସନପାଟ ଗ୍ରାମର ଭାଗବତ ନାଏକ । ସେ ହାତୀ ଦେଖିବାକୁ ଗିଧବାସ ଯାଇଥିଲେ । ହାତୀ ଦେଖୁଥିବା ବେଳେ ହାତୀ ଆକ୍ରମଣ କରିଥିଲା ଘଟଣା ସ୍ଥଳରେ ତାର ମୃତ୍ୟୁହୋଇଥିବା ନେଇ ସୂଚନା । ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିବା ନେଇ ସୂଚନା । କିଛି ଦିନ ହେବ ଦୁଇ ଟିକିଆ ହାତୀ ଏହି ଅଞ୍ଚଳରେ ଉତ୍ପାତ ଜାରି ରଖିଥିବା ବେଳେ ଆଜିର ଘଟଣା ପରେ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ମଧ୍ୟ ଦେଖାଯାଇଥିଲା । ସୂଚନା ଅନୁସାରେ ଗତ ୮ ତାରିଖରେ ଏହି ସେକ୍ସନର ଉଛବାଲି ଠାରେ ତିନିଟିକିଆ ହାତୀ ପଲ ଜଣେ ଯୁବକକୁ ହାତୀ ଆକ୍ରମଣ କରି ମାରିଥିଲା । ଗୋଟିଏ ସପ୍ତାହରେ ଦୁଇଜଣ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିବାକୁ ନେଇ ଅଞ୍ଚଳରେ ଜନ ଅସନ୍ତୋଷ ଦେଖାଦେଇଛି ।

## ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ାଉ, ଦୋକାନୀଙ୍କୁ ୧୦ ହଜାର ଟଙ୍କା ଜରିମାନା

**ଜୁନାଗଡ଼: ଏକ୍ସପ୍ରେସ ନ୍ୟୁଜ୍**

କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରର ବିଭିନ୍ନ ଖାଦ୍ୟ ଦୋକାନରେ ବୁଧବାର ଧର୍ମଗଡ଼ ଉପଖଣ୍ଡ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଛି । ଏହି ସମୟରେ ଜୁନାଗଡ଼ ହାଇସ୍କୁଲ ପଡିଆ ସମ୍ମୁଖରେ ସରକାରୀ ଜାଗା ଉପରେ ଥିବା ବେଙ୍ଗଲୋର ବେକେରି ଦୋକାନରେ ଚଢ଼ାଉ କରାଯାଇ ୧୦ ହଜାର ଟଙ୍କାର ଜରିମାନା କରାଯାଇଛି । ଏହି ଦୋକାନରେ ବର୍ତ୍ତମାନ ସୁଦ୍ଧା ଫୁଡ଼ ଲାଇସେନ୍ସ ନବୀକରଣ କରା ଯାଇ ନ ଥିବା ଓ ହାଇଜିନ ନ ପିନ୍ଧି ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ଜଣାପଡିବା ପରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଅନ୍ୟପକ୍ଷରେ, ଲାଇସେନ୍ସ ନବୀକରଣ ନ ହେବା ଯାଏଁ ବେକେରିରେ ଖାଦ୍ୟ ସାମଗ୍ରୀ ଉତ୍ପାଦନ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଏଠାରେ ପ୍ରସ୍ତୁତ ୨ ଖାଦ୍ୟ ସାମଗ୍ରୀର ନମୁନା ପରୀକ୍ଷଣ ପାଇଁ ବିଭାଗ ପକ୍ଷରୁ ନିଆଯାଇଛି । ପ୍ରକାଶ ଯେ, ରବିବାର ଜୁନାଗଡ଼ ସହରର ଜଣେ ଗୃହିଣୀ ଏହି ଦୋକାନକୁ ବ୍ରେଡ କିଣିବା ପାଇଁ ଯାଇଥିଲେ ।




ଘରେ ପହଞ୍ଚି ସେ ଦେଖିବା ବେଳକୁ ବ୍ରେଡ ଭିତରେ ପୋକ ଥିବା ଦେଖିବାକୁ ପାଇଥିଲେ । ଏହାପରେ ଗୃହିଣୀଙ୍କ ପୁଅ ଦୋକାନକୁ ଯାଇ ଦୋକାନୀ ମାଲିକଙ୍କୁ ବ୍ରେଡ୍ ଦେଖେଇ ପଚାରିଲେ ପୋକ କେମିତି ଆସିଲା ବୋଲି । ଏହାର ଜବାବରେ ଦୋକାନୀ ମାଲିକ ରାଗିକି ଯୁବକଙ୍କୁ ଦବାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ଯୁବକ ଜଣକ ସାହସ କରି ତାଙ୍କୁ ଫୁଡ଼ ଲାଇସେନ୍ସ ଦେଖେଇବା ପାଇଁ କହିଥିଲେ । ତେବେ ଦୋକାନ ମାଲିକ ମୋ ପାଖରେ ନାହିଁ ସରକାରଙ୍କୁ ମାଗ ବୋଲି କହିଥିଲେ । ଏହି ଦୋକାନରେ ମିଳୁଥିବା ବ୍ରେଡରେ ପ୍ରସ୍ତୁତି ତାରିଖ, ଏକ୍ସପାରି ଡେଟ କିମ୍ବା ଏମଆରପି ସମ୍ପୂର୍ଣ୍ଣ ନ ଥିଲା । ଯାହାକୁ ନେଇଁ ଯୁବକ ଜଣକ ଖାଦ୍ୟ ନିରାପତ୍ତା ବିଭାଗରେ ଅଭିଯୋଗ କରିଥିଲେ । ଫଳରେ ଅଭିଯୋଗ ପାଇଁ ବିଭାଗ ପକ୍ଷରୁ ବୁଧବାର ଏହି ଦୋକାନରେ ଚଢ଼ାଉ କରାଯାଇଥିଲା । ସେହିପରି ସହରର ଅନ୍ୟ କିଛି ଦୋକାନରେ ଚଢ଼ାଉ କରାଯାଇ ୧୧ ହଜାର ୫ଶହ ଟଙ୍କା ଜରିମାନା କରାଯାଇଥିଲା । ଏହାସହ ସମସ୍ତ ଦୋକାନୀଙ୍କୁ ଫୁଡ଼ ଲାଇସେନ୍ସ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । ଧର୍ମଗଡ଼ ଉପଖଣ୍ଡ ଖାଦ୍ୟ ନିରାପତ୍ତା ଅଧିକାରୀ ବିଶ୍ୱଜିତ ନାଏକଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ଖାଦ୍ୟ ନିରାପତ୍ତା ବିଭାଗର (ଏମଟିଏସ) ଗଜେନ୍ଦ୍ର କୈବର୍ତ୍ତ, ଜୁନାଗଡ଼ ପୋଲିସ ଏଏସଆଇ ପ୍ରକାଶ ଚନ୍ଦ୍ର ପାତ୍ର ପ୍ରମୁଖ ସାମିଲ ଥିଲେ । ଅନ୍ୟପକ୍ଷରେ, ଖାଦ୍ୟ ନିରାପତ୍ତା ବିଭାଗର ଏହି ଚଢ଼ାଉକୁ ନେଇଁ ସ୍ଥାନୀୟ ବଣିକ ସଂଘର ସଭାପତି ମୁକେଶ ଅଗ୍ରୱାଲ ସ୍ୱାଗତ କରିବା ସହ ସମସ୍ତ ଖାଦ୍ୟ ସାମଗ୍ରୀ ଦୋକାନୀଙ୍କୁ ଫୁଡ଼ ଲାଇସେନ୍ସ କରିବାକୁ ନିବେଦନ କରିଛନ୍ତି ।

## ରାସ୍ତାକଡରେ ପୁଳା ପୁଳା ଔଷଧ: ସ୍ୱାସ୍ଥ୍ୟ ବିଭାଗର ତଦନ୍ତ



**ବାଲେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ରାସ୍ତାକଡରେ ପଡିଛି ପୁଳା ପୁଳା ସରକାରୀ ମେଡିସିନ୍ । ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ରେମୁଣା ବ୍ଲକ ଶ୍ରୀଜଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ମାତ୍ର କିଛି ଦୂରରେ ତୁଣ୍ଡରା ରାସ୍ତାପାର୍ଶ୍ୱରେ । ରାସ୍ତାପାଖ ଅଳିଆ ଗଦାରେ ଅବଧି ସରିନଥିବା ଔଷଧ ପଡିଥିବା ଦେଖିବାକୁ ମିଳିଛି । ଗୋଟିଏ କି ଦୁଇ ପ୍ୟାକେଟ ନୁହେଁ ଶହ ଶହ ପ୍ୟାକେଟ ସରକାରୀ ଆଇରନ ଓ ଫଲିକ ଏସିଡ ମେଡିସିନ ପଡିରହିଛି । ନିକଟରେ ଥିବା କୌଣସି ସ୍ୱାସ୍ଥ୍ୟକେନ୍ଦ୍ରରୁ ଏହି ମେଡିସିନଗୁଡ଼ିକୁ ଫିଙ୍ଗା ଯାଇଥିବା ସନ୍ଦେହ କରାଯାଉଛି । ଏସବୁ ଔଷଧର ଏକ୍ସପ୍ୟାରୀ ଡେଟ୍ ୨୦୨୬ ପର୍ଯ୍ୟନ୍ତ ରହିଛି ।

ସେପଟେ ଏହି ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ସିଡିଏମ୍‌ଓ । ସ୍ଥିତି ଅନୁଧ୍ୟାନ ଲାଗି ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଘଟଣାସ୍ଥଳକୁ ଯାଇଛି । ମେଡିକାଲ ଅଫିସରଙ୍କ ସହ ଏକ ଟିମ୍ ତଦନ୍ତ କରୁଛି । ଯେଉଁ ସରକାରୀ ଅଧିକାରୀ ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କ ବିରୋଧରେ ଆକ୍ସନ୍ ହେବ ।

## ଗୁଣିଗାରେଡି ସନ୍ଦେହରେ ହତ୍ୟା: ଆଉ ଜଣେ ଗିରଫ

**ସୋର: ଏକ୍ସପ୍ରେସ ନ୍ୟୁଜ୍**

ସୋର ବ୍ଲକ ମଲ୍ଲିତୁଆ ଗ୍ରାମରେ ଗତ ଅକ୍ଟୋବର ମାସରେ ଗୁଣିଗାରେଡି ସନ୍ଦେହରେ ହୋଇଥିବା ହତ୍ୟା ଘଟଣାରେ ସୋର ପୁଲିସ ଆଉ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୁଚନା ଅନୁସାରେ ଏହି ଗ୍ରାମର ଚଇତା ସିଂ ଗୁଣିଗାରେଡି କରୁଥିବା ସନ୍ଦେହରେ ଗ୍ରାମବାସୀ ମାନେ ଗତ ସେପ୍ଟେମ୍ବର ମାସରେ ଚଇତା ତାଙ୍କ ସ୍ତ୍ରୀ ମୁନି ସିଂ ଓ ଭାଉଜ ଚୁନି ସିଂଙ୍କୁ ଗଛରେ ବାନ୍ଧି ମାଡ ମାରିବା ସହିତ ଚଇତା ଗୋଡ଼ରେ ବେଡି ପକାଇ ରଖିଥିଲେ। ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଗତ ଅକ୍ଟୋବର ମାସ ୧୨ତାରିଖରେ ଚୁନି ସିଂଙ୍କର ମୃତ୍ୟୁ ହୋଇଥିଲା। ଏ ବାବଦରେ ଚଇତାଙ୍କ ସମ୍ପର୍କୀୟ ଗୋବିନ୍ଦ ସିଂ ଥାନାରେ ଅଭିଯୋଗ କରିବା ପରେ ପୁଲିସ ୭୬୯/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରି ପୂର୍ବରୁ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଏହି ଘଟଣାରେ ଅନ୍ୟମାନେ ଫେରାର ଥିବାବେଳେ ଗତକାଲି ରାତିରେ ଏଥିରେ ସମ୍ପୃକ୍ତ ଗୋପାଳପୁର ଗ୍ରାମର ବାଉଲି ସିଂ (୪୬)ଙ୍କୁ ଗିରଫ କରି ଆଜି ଅପରାହ୍ଣରେ କୋର୍ଟ ଚାଲାଣ କରିଛି।

## ଏନଏସି କାର୍ଯ୍ୟାଳୟରେ ଟେଣ୍ଡର ଫିକ୍ସିଂ !: ଅଡିଓ ଭାଇରାଲ ପରେ ବି ନିରବ ପ୍ରଶାସନ

**କୋଦଲା: ଏକ୍ସପ୍ରେସ ନ୍ୟୁଜ୍**

ସୋସିଆଲ୍ ମିଡିଆରେ ଏବେ ଏକ ଅଡିଓ ରେକର୍ଡିଂ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ କୋଦଲା ଏନଏସି କାର୍ଯ୍ୟାଳୟର କାର୍ଯ୍ୟ ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥଙ୍କୁ ଟେଣ୍ଡର ଫିକ୍ସିଂ କାହିଁକି ହେଲା ଏବଂ ଏନେଇ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ପ୍ରଶ୍ନ କରୁଛନ୍ତି ଜନୈକ କାଉନସିଲର । ଟେଣ୍ଡର ଫିକ୍ସିଂ କରିଥିବା ଲୋକ ନାମରେ କାହିଁକି ଥାନାରେ ଏତଲା ଦିଆଯାଇନି ବୋଲି ପ୍ରଶ୍ନ କରିଛନ୍ତି କାଉନସିଲର । ଟେଣ୍ଡର ଫିକ୍ସିଂ ହୋଇଥିବା ଏହି ଅଡିଓ ରେକର୍ଡିଂରୁ ସ୍ପଷ୍ଟ ବାରି ହୋଇପଡୁଛି । ଅଥଚ୍ ଜିଲ୍ଲା ପ୍ରଶାସନ କାହିଁକି କୌଣସି ପଦକ୍ଷେପ ନେଉନି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସହରର ବୁଦ୍ଧିଜୀବୀ । ଭାଇରାଲ ଅଡିଓକୁ ଯାଞ୍ଚ୍ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ସହରର ସଚେତନ ନାଗରିକ ।

ସୂଚନା ଅନୁଯାୟୀ ଏହି ଏନଏସିରେ ୨୧ଟି ଟେଣ୍ଡରର ୨୨ ନଭେମ୍ବରରେ ଓପନ ପାଇଁ ଧାର୍ଯ୍ୟ କରାଯାଇଥିଲା । କିନ୍ତୁ ସେହି ଦିନ ନ ଖୋଲାଯାଇ ଗତ ୨୭ ତାରିଖ ଦିନ ୧୦ ଘଣ୍ଟା ୧୫ ମିନିଟ୍‌ରେ ଖୋଲା ଯାଇଥିଲା । ଟେଣ୍ଡର ଖୋଲାଯିବା ବେଳେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଭିତରେ କିଛି ଗୁଣ୍ଡା ଶ୍ରେଣୀର ବ୍ୟକ୍ତି ପହଞ୍ଚିଥିଲେ । ଟେଣ୍ଡର ବକ୍ସ ଖୋଲା ଯାଇଥିବା ବେଳେ ସେ ସଂପର୍କୀତ କାଗଜପତ୍ର ଖୋଲା ଯାଇ ନଥିଲା । କୋଦଲା ଏନଏସିରେ ଗୋଟିଏ ଟେଣ୍ଡର ବକ୍ସ ଥିବା ହେତୁ ବାହାରିଥିବା ୧୧ଟି ଟେଣ୍ଡରର ୨୭ ତାରିଖ ଦିନ ହିଁ ୧୦ଟାରୁ ୧୧ଟା ଭିତରେ ଅଫ୍ ଲାଇନ୍‌ରେ ବକ୍ସ ଭିତରେ ପକାଇବାକୁ ଧାର୍ଯ୍ୟ ହୋଇଥିଲା । ଅଡିଓ ରେକର୍ଡିଂରୁ ଯାହା ସ୍ପଷ୍ଟ ହେଉଛି, ପୁରା ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ରହିନି ଏବଂ ସୁଚିନ୍ତିତ ଷଡଯନ୍ତ୍ର କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁର୍ନୀତିକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି କହିଥିବା ବେଳେ କୋଦଲା ଏନଏସି ପ୍ରଶାସନ ମୁଖ୍ୟମନ୍ତ୍ରୀଙ୍କୁ ବଦନାମ କରିବାକୁ ପ୍ରୟାସ କରୁଛି । ଏଣୁ ଏହାର ଭିଜିଲାନ୍ସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ବାଧ ହେବି ବୋଲି କାଉନସିଲର ଭଗବାନ ପାଢୀ କହିଛନ୍ତି ।

## ସ୍ମାର୍ଟ ମିଟରକୁ ବିରୋଧ କରି ଉପଜିଲ୍ଲାପାଳଙ୍କ ଅଫିସ ଘେରାଉ

**ଅନୁଗୁଳ: ଏକ୍ସପ୍ରେସ ନ୍ୟୁଜ୍**

ସ୍ମାର୍ଟ ମିଟରକୁ ବିରୋଧ ସହ ଅନ୍ୟାନ୍ୟ ଦାବି ନେଇ ଗୁରୁବାର ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଆଠମଲ୍ଲିକ ଉପଜିଲ୍ଲାପାଳ ଅଫିସ ଘେରାଉ କରାଯାଇଛି । ଘେରାଉ ପୂର୍ବରୁ ଶତାଧିକ ପୁରୁଷ, ମହିଳା ସ୍ଥାନୀୟ ଖେଳପଡିଆ ଠାରୁ ଏକ ଶୋଭାଯାତ୍ରାରେ ବାହାରି ବଜାର ଗାନ୍ଧୀ ଛକ ଦେଇ ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଏସୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା କମିଟି ସଭ୍ୟ ତୀର୍ଥବାସୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରମଣୀ ରଂଜନ ପ୍ରଧାନ, ଲକ୍ଷ୍ମଣ ବେହେରା, ଚିତ୍ତ ରଂଜନ ମେଣ୍ଡୁଲି, ସରୋଜିନୀ ବେହେରା, ବିନତି ସାହୁ, ରବି ନାରାୟଣ ବାରିକ, ସୁରୁଚି ପ୍ରଧାନ, ପୀତାମ୍ବର ପ୍ରଧାନ ପ୍ରମୁଖ ବକ୍ତବ୍ୟ ଦେଇ ସ୍ମାର୍ଟ ମିଟର ବସାଇ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ କରାଯାଉଥିବା ଶୋଷଣକୁ ତୀବ୍ର ନିନ୍ଦା କରିଥିଲେ । ଏ ଅବସରରେ ଟାଟା ପାୱାର ପକ୍ଷରୁ ବସାଯାଉଥିବା ସ୍ମାର୍ଟ ମିଟର ବନ୍ଦ କରିବା, ସମସ୍ତ ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ବିଦ୍ୟୁତ ମାଗଣାରେ ଯୋଗାଇ ଦେବା, ଘନ ଘନ ବିଦ୍ୟୁତ କାଟ ବନ୍ଦ କରିବା, ଆଠମଲ୍ଲିକ ଉପଖଣ୍ଡର ଡାକ୍ତରଖାନା ସମେତ କିଶୋରନଗର, ମାଧପୁର ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଅଲଟ୍ରାସାଉଣ୍ଡ, ଏକ୍ସରେ ମେସିନ ସ୍ଥାପନ କରିବା ଆଦି ନେଇ ଦାବି କରାଯାଇଛି ।

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳଙ୍କ ଜରିଆରେ ୧୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ରମେଶ ଲୁହା, ସୁଶାନ୍ତ ପାତ୍ର, ଉମେଶ ମୁଣ୍ଡା, କିଶୋରୀ ପ୍ରଧାନ, ବସୁମତୀ ସାହୁ, ଜୟ ବେହେରା, ଦୀପକ ପ୍ରଧାନ, ଲକ୍ଷ୍ମୀ ପ୍ରଧାନଙ୍କ ସମେତ ଶତାଧିକ ଲୋକ ସାମିଲ ହୋଇ ଥିଲେ ।

## ବାଣିଜ୍ୟ

## ଅଧିକ ୧୦୦ ବିମାନ ଉଡ଼ାଇବ ସ୍ପାଇସ୍ ଜେଟ୍

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଘରୋଇ ଏୟାରଲାଇନ୍ସ ସ୍ପାଇସ୍ ଜେଟ୍ ଏହାର ବିମାନ ଉଡାଣ ସଂଖ୍ୟା ବୃଦ୍ଧି କରିବ ବୋଲି ଘୋଷଣା କରିଛି । ପର୍ଯ୍ୟଟନ ଋତୁର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ପାଇସ୍ ଜେଟ୍ ଅଧିକ ୧୦୦ଟି ବିମାନ ଉଡାଣ କରିବ । ଯେଉଁସବୁ ରୁଟ୍‌ରେ ଯାତ୍ରୀଙ୍କ ଅଧିକ ଆବଶ୍ୟକତା ରହିଛି ସେହିସବୁ ରୁଟ୍‌ରେ ଏହି ବିମାନ ଉଡାଣ କରାଯିବ ।

ଅନ୍ୟପଟେ ଇଣ୍ଡିଗୋ ଏୟାର ଲାଇନ୍ସ ଏହାର ବିମାନ ଉଡାଣ ସଂଖ୍ୟା ୪୦୦ରୁ ୫୦୦ କମ୍ କରିବ ବୋଲି କହିଛି । ଯାହା ସରକାରଙ୍କ ନିର୍ଦ୍ଦେଶ ଠାରୁ ଦୁଇଗୁଣ ଅଧିକ । ଧାର୍ଯ୍ୟ ସମୟରେ ବିମାନ ଉଡାଣରେ ଇଣ୍ଡିଗୋ ବାରମ୍ବାର ବିଫଳ ହେବା ପରେ କେନ୍ଦ୍ର ସରକାର ବିମାନ ଉଡାଣ ସଂଖ୍ୟା ୧୦% କମ୍ କରିବାକୁ ଇଣ୍ଡିଗୋକୁ ନିର୍ଦ୍ଦେଶ ଦେଇଥିଲେ । ଗତ ପ୍ରାୟ ଏକ ସପ୍ତାହ ହେଲା ଇଣ୍ଡିଗୋର ବିମାନ ଉଡାଣରେ ବ୍ୟାପକ ବିଶୃଙ୍ଖଳା ଲାଗି ରହିଥିଲା । ଫଳରେ ଦେଶବ୍ୟାପୀ ବିମାନ ଯାତ୍ରୀ ହନ୍ତସନ୍ତ ହୋଇଥିଲେ । ବିମାନ ଉଡାଣରେ ଏପରି ବିଶୃଙ୍ଖଳାକୁ ନେଇ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ବୁଧବାର ଇଣ୍ଡିଗୋ । ଏୟାରଲାଇନ୍ସର ସିଇଓ ପିଟର ଏଲବର୍ସଙ୍କୁ ସମନ ଜାରି କରିଛି । ସମନରେ ପିଟରଙ୍କୁ ୧୧ ତାରିଖରେ ହାଜର ହେବାକୁ କୁହାଯାଇଛି । ଏହା ସହିତ ବିମାନ ବିଳମ୍ବ, କେତେ ବିମାନ ଚଳାଚଳ ସ୍ୱାଭାବିକ ହୋଇଛି, ପାଇଲଟ୍ ଓ କର୍ମଚାରୀ ନିଯୁକ୍ତି ଯୋଜନା, ବର୍ତ୍ତମାନ କେତେ ପାଇଲଟ୍ ଓ କର୍ମଚାରୀ ଅଛନ୍ତି, କେତେ ବିମାନ ଯାତ୍ରୀଙ୍କୁ ଟିକଟ ଅର୍ଥ ଫେରସ୍ତ କରାଗଲାଣି ଓ ଅନ୍ୟସବୁ ପ୍ରକ୍ରିୟା କେତେ ଦୂର ହୋଇଛି ଏ ସବୁ ତଥ୍ୟ ଦେବାକୁ ଇଣ୍ଡିଗୋକୁ ଡିଜିସିଏ କହିଛି ।




## ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସହିତ କାନାରା ବ୍ୟାଙ୍କର ବୁଝାମଣାପତ୍ର




**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଗୁରୁବାର ରେଳ କର୍ମଚାରୀଙ୍କ ଦରମା ଆକାଉଣ୍ଟ ପ୍ୟାକେଜ୍ ଅଧୀନରେ ଉନ୍ନତ ସୁବିଧା ପ୍ରଦାନ କରିବା ପାଇଁ କାନାରା ବ୍ୟାଙ୍କ ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି । ଏହି ବୁଝାମଣା ପତ୍ର କର୍ମଚାରୀ କଲ୍ୟାଣ ଏବଂ ଆର୍ଥିକ ସୁବିଧାରେ ଉନ୍ନତି ଆଣିବା ପାଇଁ ସହାୟକ ହେବ ।

ଏହି ପଦକ୍ଷେପ କାନାରା ବ୍ୟାଙ୍କ ସର୍କଲ୍ ଅଫିସ, ଭୁବନେଶ୍ୱରର ମହାପ୍ରବନ୍ଧକ ସୁମନ ଚକ୍ରବର୍ତ୍ତୀ ଏବଂ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର କାର୍ଯ୍ୟକାରୀ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ପ୍ରମୋଦ ବେହେରା ଆନୁଷ୍ଠାନିକ ଭାବରେ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପିକେ ବେହେରା ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ଶ୍ରୀ ଶୁଭ୍ରଜ୍ୟୋତି ମଣ୍ଡଳଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ । କାନାରା ବ୍ୟାଙ୍କର ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ଅମ୍ବିକା ସିଂ, ସରତ ଚନ୍ଦ୍ର ଭୋଇ, ଟି ଅକିଲା, ଶୋଭମୟ ହାଲଦାର, ଶେଖ ମେହବୁବ, ରୀତା ଦାସ, ଖଗେଶ୍ୱର ସାହୁ, ସସ୍ମିତା ମହାପାତ୍ର, ସୁରଜ କୁମାର ଦତ୍ତ ଏବଂ ସୁଶ୍ରୀ ଆଦ୍ୟାଶା ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

ରେଳବାଇ ସ୍ୱୀକୃତିପ୍ରାପ୍ତ ଟ୍ରେଡ୍ ୟୁନିଅନର ପ୍ରତିନିଧିମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ମଣ୍ଡଳ ସଂଯୋଜକ ଏସ୍‌କେ. ଭଞ୍ଜ, ପୂର୍ବତଟ ରେଳପଥ ଶ୍ରମିକ ୟୁନିୟନର ଅତିରିକ୍ତ ସାଧାରଣ ସମ୍ପାଦକ ଆରକେ. ଦାସଙ୍କ ସହ ଏନକେ. ପରିଡା ଅଂଶ ଗ୍ରହଣ କରିଥିଲାବେଳେ ରେଳ କର୍ମଚାରୀ ଏବଂ ବ୍ୟାଙ୍କ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ ।

## ପେଟ୍ରୋଲ ପମ୍ପ ଡକାୟତି ମାମଲାରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ଅନୁଗୁଳ: ଏକ୍ସପ୍ରେସ ନ୍ୟୁଜ୍**

ଅନୁଗୁଳରେ ପେଟ୍ରୋଲ ପମ୍ପ ଡକାୟତି ମାମଲାରେ ପୋଲିସକୁ ସଫଳତା । ଅଭିଯୁକ୍ତକୁ ଗିରଫ କରିଛି ଅନୁଗୁଳ ପୋଲିସ । ଗତ ୨୪ ଫେବୃଆରୀ ୨୦୨୫ରେ ଅନୁଗୁଳ ସଦର ଥାନା ଅନ୍ତର୍ଗତ କୁମଣ୍ଡଚଣ୍ଡୀ ବଜାର ନିକଟ ଶୁଭମ କିସାନ ସେବା କେନ୍ଦ୍ର ପେଟ୍ରୋଲ ପମ୍ପର ପରିଚାଳକ ଓ ତାଙ୍କ କର୍ମଚାରୀ ଚନ୍ଦନ ଗଡ଼ନାୟକଙ୍କ ଠାରୁ ରାସ୍ତାରେ ଟଙ୍କା ଲୁଟ ହୋଇଥିଲା । ଏହି ଘଟଣାରେ ଅଭିଯୁକ୍ତ ବିଦ୍ୟାପତି ନାୟକ ଓରଫ କାଳିଆ (୨୬)କୁ ପୋଲିସ ଗିରଫ କରିଛି । ପୂର୍ବରୁ ଏହି ଘଟଣାରେ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା । ବହୁ ଖୋଜାଖୋଜି ପରେ ବି କାଳିଆକୁ ଗିରଫ କରିଛି ପୋଲିସ । ତା' ନିକଟରୁ ଅପରାଧରେ ବ୍ୟବହୃତ ଅସ୍ତ୍ର ଏବଂ ଲୁଟ୍ ହୋଇଥିବା ନଗଦ ୩,୪୦,୦୦୦ ଟଙ୍କା ଉଦ୍ଧାର କରାଯାଇଥିବା ସୂଚନା ମିଳିଛି ।

## ଗୋଲ୍ଡେନ ଗ୍ଲୋବ ଦ୍ୱାରା ଆଲିଆ ସମ୍ମାନିତ



## ସିନେମାଫିନେମା ଟିଭିଫିବି

ସାଉଦି ଆରବର ରେଡ୍ ସି ଫିଲ୍ମ ଫେଷ୍ଟିଭାଲର ପଞ୍ଚମ ସଂସ୍କରଣରେ ଏକ ଚମତ୍କାର ଗାଲା ଡିନରରେ ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଏବଂ ଟ୍ୟୁନିସିଆନ୍ ଅଭିନେତ୍ରୀ ହେଣ୍ଡ୍ ସାବ୍ରିଙ୍କୁ ଗୋଲ୍ଡେନ୍ ଗ୍ଲୋବ୍ସ ଦ୍ୱାରା ସମ୍ମାନିତ କରାଯାଇଥିଲା ।

'ହାଇୱେ,' 'ରାଜି,' 'ଉଡତା ପଞ୍ଜାବ,' 'ଡିୟର ଜିନ୍ଦେଗି' ଏବଂ 'ଗଙ୍ଗୁବାଇ କାଠିଆୱାଡି' ଭଳି ଚଳଚ୍ଚିତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଆଲିଆ ସମାଲୋଚକଙ୍କ ପ୍ରଶଂସା ଏବଂ ବକ୍ସ ଅଫିସରେ ସଫଳତା ଅର୍ଜନ କରିଛନ୍ତି ।

ସେ କହିଛନ୍ତି, 'ଗୋଲ୍ଡେନ୍ ଗ୍ଲୋବ୍ସ ବିଶ୍ୱ ପୁରସ୍କାର ବ୍ରହ୍ମାଣ୍ଡର ଏକ ପ୍ରତୀକାତ୍ମକ ଅଂଶ ଏବଂ ମୁଁ ଏହାର ଅଂଶ ହେବାକୁ ଖୁସି ଏବଂ ଶକ୍ତିଶାଳୀ ଏବଂ ଯୋଗ୍ୟ ମହିଳାଙ୍କ କାହାଣୀ କହିବାରେ ମୋର କ୍ୟାରିଅର ଜାରି ରଖିବାକୁ ଅପେକ୍ଷା କରୁଛି ।'

ଗୋଲ୍ଡେନ୍ ଗ୍ଲୋବ୍ସର ଅଧ୍ୟକ୍ଷ ହେଲେନ୍ ହୋହେନ୍ ସବ୍ରିଙ୍କୁ 'ଏକ ପ୍ରକୃତ ପ୍ରତିଷ୍ଠିତ କଳାକାର ଏବଂ ମାନବବାଦୀ ଯାହାଙ୍କ କାର୍ଯ୍ୟର ଶରୀର ଆରବ ସିନେମାର ଗଭୀରତା, ଶକ୍ତି ଏବଂ ବିଶ୍ୱ ପ୍ରଭାବକୁ ପ୍ରତିଫଳିତ କରେ,' ଭାବରେ ବର୍ଣ୍ଣନା କରିଛନ୍ତି ।

ଆଲିଆଙ୍କ ପାଇଁ ପୁରସ୍କାର, ସେ କହିଛନ୍ତି, 'ଆନ୍ତର୍ଜାତୀୟ ସିନେମାରେ ତାଙ୍କର ଅସାଧାରଣ ଅବଦାନ' ପାଳନ କରାଯାଇଥିଲା ।

ସାବ୍ରିଙ୍କୁ ଓମାର ସରିଫ୍ ପୁରସ୍କାର ପ୍ରାପ୍ତକର୍ତ୍ତା ଭାବରେ ନାମିତ କରାଯାଇଥିଲା ଏବଂ ଭଟ୍ଟଙ୍କୁ ଗୋଲ୍ଡେନ୍ ଗ୍ଲୋବ୍ସ ହରିଜନ୍ ପୁରସ୍କାର ମିଳିଥିଲା ।

'ଦି ୟାକୁବିଆନ୍ ବିଲଡିଂ', 'ଶେହେରାଜାଦେ', 'ଟେଲ୍ ମି ଏ ଷ୍ଟୋରି' ଏବଂ 'ଆସମା' ଭଳି ଚଳଚ୍ଚିତ୍ରରେ ସାବ୍ରିଙ୍କ ଅଭିନୟ ଜଟିଳ, ସାମାଜିକ ଭାବରେ ପ୍ରତିଧ୍ୱନିତ ଚରିତ୍ରଗୁଡ଼ିକର ସୂକ୍ଷ୍ମ ଚିତ୍ରଣ ପାଇଁ ତାଙ୍କୁ ବ୍ୟାପକ ସ୍ୱୀକୃତି ପ୍ରଦାନ କରିଥିଲା ।

ସାବ୍ରି କହିଛନ୍ତି, 'ମୋ କ୍ୟାରିଅର୍ ଜଟିଳ କାହାଣୀ ସହିତ ମହିଳାମାନଙ୍କୁ ଉତ୍ଥାନ କରିବା ପାଇଁ ଉତ୍ସର୍ଗୀକୃତ ହୋଇଛି ଏବଂ ମୁଁ ଏହି ଗୋଲ୍ଡେନ୍ ଗ୍ଲୋବ୍ସ ମଞ୍ଚକୁ ଆଲିଆ ଭଟ୍ଟଙ୍କ ସହିତ ସେୟାର କରିବାକୁ ବହୁତ ଉତ୍ସାହିତ, ଯିଏ ପରବର୍ତ୍ତୀ ପିଢ଼ିର ସବୁଠାରୁ ଉଜ୍ଜ୍ୱଳ ଏବଂ ପ୍ରତିଭାଶାଳୀ ତାରକାମାନଙ୍କ ମଧ୍ୟରୁ ଜଣେ ।'

କାର୍ଯ୍ୟକ୍ରମରେ ଅତିଥିମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ସିଆନ୍ ବେକର ଏବଂ ଡାରେନ୍ ଆରୋନୋଫସ୍କି, ଅଭିନେତ୍ରୀ ସିଗୋର୍ନି ୱିଭର, ନାଓମି ହାରିସ୍, ଶୈଲେନ୍ ଉଡଲି ଏବଂ ଓଲଗା କୁରିଲେଙ୍କ, ଅଭିନେତା-ନିର୍ଦ୍ଦେଶକ ଇଦ୍ରିସ୍ ଏଲବା ଏବଂ ଅଭିନେତା ଏଡଗାର ରାମିରେଜ୍, ସଲମାନ ଖାନ, ହେନରୀ ଗୋଲ୍ଡିଂ ଏବଂ ରିଜ୍ ଅହମ୍ମଦ ଥିଲେ ।

ଚଳଚ୍ଚିତ୍ର ନିର୍ମାତା ମହେଶ ଭଟ୍ଟ ଏବଂ ଅଭିନେତ୍ରୀ ସୋନି ରାଜାଦାନଙ୍କ ଝିଅ ଆଲିଆଙ୍କ ବିଷୟରେ କହିବାକୁ ଗଲେ, ସେ ପରବର୍ତ୍ତୀ ସମୟରେ ଚଳଚ୍ଚିତ୍ର ନିର୍ମାତା ସଞ୍ଜୟ ଲୀଲା ଭଂସାଲିଙ୍କ ଚଳଚ୍ଚିତ୍ର 'ଲଭ୍ ଆଣ୍ଡ୍ ୱାର୍'ରେ ରଣବୀର କପୁର ଏବଂ ଭିକି କୌଶଳଙ୍କ ଅଭିନୀତ ଚଳଚ୍ଚିତ୍ରରେ ଦେଖାଯିବେ । ଏହି ଚଳଚ୍ଚିତ୍ରଟି ୨୦ ମାର୍ଚ୍ଚ ୨୦୨୬ରେ ମୁକ୍ତିଲାଭ କରିବାର ଯୋଜନା ରହିଛି ।

# ଛାତ୍ରଛାତ୍ରୀଙ୍କୁ କେବେ ମିଳିବ ୟୁନିଫର୍ମ ଓ ଜୋତା?




**୧୧।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ କୋଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ଅବ୍ୟବସ୍ଥା ଅଭିଯୋଗ । ଶିକ୍ଷାବର୍ଷ ଶେଷ ହେବାକୁ ଯାଉଥିବା ବେଳେ ଏଯାଏଁ ଛାତ୍ରଛାତ୍ରୀଙ୍କୁ ମିଳିନି ୟୁନିଫର୍ମ ପୋଷାକ ଓ ଜୋତା । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । କୋଦଳାରେ ଚାଲିଛି ଟ୍ରିପଲ ଇଞ୍ଜିନ ସରକାର । ଏଠି ଏନଏସି ଠାରୁ ଆରମ୍ଭ କରି ରାଜ୍ୟ ଓ କେନ୍ଦ୍ର ସରକାର ବିଜେପି ନେତୃତ୍ୱାଧୀନ ଥିବାବେଳେ ଏଭଳି ଅବ୍ୟବସ୍ଥାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କୋଦଳା ପିଏମ୍‌ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଏଭଳି ଅବ୍ୟବସ୍ଥାର ଖବର ମିଳିଛି । ବର୍ଷ ଶେଷ ହେବାକୁ ଯାଉଛି । ଅଥଚ ପିଲାମାନଙ୍କୁ ୟୁନିଫର୍ମ ଓ ଜୋତା ଦିଆଯାଇନି । ଛାତ୍ରୀଛାତ୍ରଙ୍କୁ ତୁରନ୍ତ ୟୁନିଫର୍ମ ଯୋଗାଇ ଦେବାକୁ ଗତ ମାସରେ ନିର୍ଦ୍ଦେଶ ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଏପରିକି ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ଦେବାରେ ବିଳମ୍ବକୁ ନେଇ ମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଥିଲେ । ହେଲେ ଏଠାରେ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବେଖାତିର କରାଯାଉଥିବା ଦେଖିବାକୁ ମିଳିଛି । ଖୋଦ୍ ଏନଏସି ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକ ଏହି ବିଦ୍ୟାଳୟକୁ ଗତ ୨ ଦିନ ତଳେ ପରିଦର୍ଶନରେ ଯାଇ ବିଦ୍ୟାଳୟର ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀଙ୍କ ସୁବିଧା ଅସୁବିଧା ବୁଝିଥିଲେ। ଏପରିକି କୌଣସି ସମସ୍ୟା ଥିଲେ ମୋତେ ସିଧାସଳଖ ଫୋନ୍ କରି ଜଣାଇବାକୁ ଛାତ୍ରଛାତ୍ରୀଙ୍କୁ ନିଜ ମୋବାଇଲ ନମ୍ବର ବାଣ୍ଟିଥିଲେ । ହେଲେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପୋଷାକ ମିଳିଛି କି ନାହିଁ ତାହା ବୁଝି ନଥିଲେ । ଉକ୍ତ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶୌଚାଳୟ ନଥିବା ବେଳେ ବିଦ୍ୟାଳୟର ପରିବେଶ ଅତି କଦର୍ଯ୍ୟ ହୋଇଛି । ପୂର୍ବରୁ ଏଠାରେ ଥିବା ପ୍ରଧାନ ଶିକ୍ଷକ ଅଧକ୍ଷଙ୍କ ହାତବାରିସି ସାଜିଥିଲେ । ଏପରିକି ପୂର୍ବ ପ୍ରଧାନ ଶିକ୍ଷକଙ୍କ ବଦଳି ହୋଇଥିଲେ ମଧ ଅଧ୍ୟକ୍ଷକଂ ଚାପରେ ଗାଦି ଛାଡୁ ନଥିଲେ । ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ଏବେ ନୂତନ ପ୍ରଧାନ ଶିକ୍ଷକ ଭାବେ ସରୋଜ ମାଝୀ ଦାୟିତ୍ୱ ନେଇଛନ୍ତି । ସମସ୍ତ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରୁଛି ବୋଲି ସେ କହିଛନ୍ତି । ତେବେ ଆଶ୍ଚର୍ଯ୍ୟର କଥା ବର୍ଷ ଶେଷ ହେବାପରେ ଅଧ୍ୟକ୍ଷକଂ ଏବେ କିପରି ଛାତ୍ର ଛାତ୍ରୀଙ୍କ କଥା ମନେ ପଡିଲା? ବଦନାମ ହେବା ଭୟରେ ବିଦ୍ୟାଳୟ ଗସ୍ତ କରି ମିଛି ମିଛିକା ଉନ୍ନତି ବୁଝୁଥିଲେ କି? ରାଜନୈତିକ ରୁଟି ନ ସେକି ବାସ୍ତବରେ ଶିକ୍ଷାର ଉନ୍ନତି ପାଇଁ କାର୍ଯ୍ୟ କରନ୍ତୁ ବୋଲି ଅଭିଭାବକ ମହଲରେ ମତ ପ୍ରକାଶ ପାଇଛି ।

## ଆଜିର ରାଶିଫଳ

| ତାରିଖ | ଶୁକ୍ରବାର–ଅଷ୍ଟମୀ |
|---|---|
| ୧୨.୧୨.୨୦୨୫ | ନକ୍ଷତ୍ର– ଉତ୍ତରାଫାଃ, ସିଂହଚନ୍ଦ୍ର |



| | |
|---|---|
| **ମେଷ** | : ବନ୍ଧୁଙ୍କ ଦ୍ୱାରା ଲାଭବାନ ହେବେ । |
| **ବୃଷ** | : ଅଯଥା ଖର୍ଚ୍ଚାନ୍ତରେ ପଡ଼ିପାରନ୍ତି । |
| **ମିଥୁନ** | : ବକେୟା ପଡ଼ିଥିବା ଅର୍ଥ ପ୍ରାପ୍ତ ହେବ । |
| **କର୍କଟ** | : କର୍ମକ୍ଷେତ୍ରରେ ବାଧା ଉପୁଜିପାରେ । |
| **ସିଂହ** | : ପୁରାତନ ବନ୍ଧୁଙ୍କ ସହ ମିଳନ ହେବ । |
| **କନ୍ୟା** | : ସାଙ୍ଗସାଥୀରେ ମନାନ୍ତର ହେବ । |
| **ତୁଳା** | : ସୁସମାଚାର ପ୍ରାପ୍ତ ହେବେ । |
| **ବିଛା** | : ସୁଖପ୍ରାପ୍ତି ହେବେ । |
| **ଧନୁ** | : ମନସ୍ତାପ କରିବେ । |
| **ମକର** | : ବନ୍ଧୁଙ୍କ ଭୟ ରହିଛି । |
| **କୁମ୍ଭ** | : ଯାନ ବାହନରେ ଦୁର୍ଘଟଣା ଭୟ ରହିଛି । |
| **ମୀନ** | : ସାଙ୍ଗସାଥୀରେ ହସଖୁସିରେ ଦିନଟି କଟିବ । |

## ଶିମିଳିପାଳରେ ଧରାପଡ଼ିଲା ଶିକାରୀ ଗ୍ୟାଙ୍ଗ

**ବାରିପଦା, ୧୧।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଶିମିଳିପାଳ ଦକ୍ଷିଣ ବନ୍ୟଜନ୍ତୁ ବିଭାଗ ପକ୍ଷରୁ ଏଆଇ ଯୁକ୍ତ ଇନଫ୍ରାରେଡ୍ କ୍ୟାମେରା ଓ ଟ୍ରାପ୍ କ୍ୟାମେରା ଲଗାଯିବା ପରେ ଶିକାରୀଙ୍କ ଗତିବିଧି ଉପରେ କଡ଼ା ନଜର ରହିଛି । ଏହି ଗୁଇନ୍ଦା କ୍ୟାମେରାର ସୂଚନା ଓ ଗୁଇନ୍ଦା ତଥ୍ୟ ଆଧାରରେ ୯ ଡିସେମ୍ବର ମଙ୍ଗଳବାର ଦିନ ଜେନାବିଲ ରେଞ୍ଜ ଅଧୀନ ଜଡ଼ିଦା ଗ୍ରାମରୁ ୫ ଜଣ କଟ୍ଟର ଶିକାରୀଙ୍କୁ ଗିରଫ କରିଛି ଶିମିଳିପାଳ ଦକ୍ଷିଣ ବନ୍ୟଜନ୍ତୁ ବିଭାଗ ।

ଶିକାରୀଙ୍କ ପିଛା କରି ବିଭାଗୀୟ ଟିମ୍ ଅଭିଯୁକ୍ତଙ୍କ ଘର ପଛପଟେ ଜଙ୍ଗଲରୁ ଗୋଟିଏ ଲୋଡ଼ ହୋଇଥିବା ଦେଶୀ ବନ୍ଧୁକ, ୭ଟି ଫାଶ, ୨ଟି ଟର୍ଚ୍ଚ, ୫୩୫ ଗ୍ରାମ ଶୁଖିଲା ବଣୁଆ ମାଂସ, ବାରୁଦ ଗୁଣ୍ଡ ତିଆରି ପାଇଁ ବ୍ୟବହୃତ ପଲିଥିନ ଶୀଟ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି । ଲୋଡ଼ ହୋଇଥିବା ଦେଶୀ ବନ୍ଧୁକଟିକୁ ନଳ ଦେଇ ପାଣି ଢାଳି ଅଣଲୋଡ଼ କରାଯାଇଥିଲା । ଗିରଫ ଅଭିଯୁକ୍ତମାନେ ବିରସିଂ ହୋ (୩୩), ଚରଣ ହୋ (୪୩), ଛଲେ ହୋ (୨୩), ସାଗର ହୋ (୨୯), ସୁକ୍ରା ହୋ (୩୨) । ସମସ୍ତେ ଜଡ଼ିଦା ଗ୍ରାମ, ଡେଙ୍ଗାମ ପୋଷ୍ଟ, ଖୁଟା ଥାନା, ମୟୂରଭଞ୍ଜ ଜିଲ୍ଲାର ବାସିନ୍ଦା । ବନ୍ୟଜନ୍ତୁ ସୁରକ୍ଷା ଆଇନ ୧୯୭୨ର ବିଭିନ୍ନ ଧାରାରେ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ବୁଧବାର ବାରିପଦା ସିଜେଏମ୍ କୋର୍ଟରେ ହାଜର କରାଯାଇ ଜେଲ୍ ହାଜତ ଦେବାକୁ ରିମାଣ୍ଡ ଆବେଦନ କରାଯାଇଛି । ଘଟଣାର ଅଧିକ ତଦନ୍ତ ଜାରି ରହିଛି । ଶିମିଳିପାଳରେ ଏଭଳି କଡ଼ା ନଜରଦାରି ଓ ଏଆଇ ଟେକ୍ନୋଲୋଜି ବ୍ୟବହାର ଫଳରେ ଶିକାରୀ ଗ୍ୟାଙ୍ଗଗୁଡ଼ିକ ଧରାପଡୁଥିବାରୁ ବନ ବିଭାଗ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି ।

## ଶିକ୍ଷୟିତ୍ରୀଙ୍କୁ ହତ୍ୟା ଧମକ

**ବୈଶିଙ୍ଗା, ୧୧।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ ତିଳଦା ଗ୍ରାମର ଜନୈକା ବିବାହିତା ମହିଳା ଶିକ୍ଷୟିତ୍ରୀଙ୍କୁ ବର୍ଷ ବର୍ଷ ଧରି ନାନାଦି ପ୍ରକାର ହଇରାଣ କରିବା ତଥା ଜୀବନରୁ ମାରିଦେବାର ଧମକ ଦେଉଥିବା ଯୁବକଙ୍କ ବିରୁଦ୍ଧରେ ଶିକ୍ଷୟତ୍ରୀ ବୈଶିଙ୍ଗା ଥାନାରେ ମଙ୍ଗଳବାର ସନ୍ଧ୍ୟାରେ ଅଭିଯୋଗ କରିଥିଲେ । ବୁଧବାର ସନ୍ଧ୍ୟାରେ ସଂପୃକ୍ତ ଯୁବକ କେଦାରେଶ୍ୱର ମହାନ୍ତ ବୈଶିଙ୍ଗା ଥାନାରେ ପହଞ୍ଚି ନିଜର ସ୍ୱୀକାରୋକ୍ତି କରିବା ସହିତ ଭବିଷ୍ୟତରେ ଆଉ କେବେ ହଇରାଣ କରିବେ ନାହିଁ ବୋଲି ଜଣାଯାଇଛି । ଖବରରୁ ପ୍ରକାଶ ତିଳଦା ଗ୍ରାମର ଭାଗିରଥି ମହାନ୍ତଙ୍କ କନ୍ୟା ବିମଳା ମହାନ୍ତ ସଂସ୍କୃତରେ ଏମଫିଲ ହାସଲ କରି କୁଆମରା ସରକାରୀ ହାଇସ୍କୁଲରେ ୨୦୧୨ ମସିହାରେ ନିଯୁକ୍ତି ପାଇ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ବୃଦ୍ଧ ବାପା ମାଆଙ୍କ ସେବା କରି ଦୈନିକ ୭୦ କିମି.ସ୍କୁଟରରେ ଯିବାଆସିବା କରୁଛନ୍ତି । ତାଙ୍କ ବଡ ଭଉଣୀର ଦିଅର ଚିତ୍ରଡା ଗ୍ରାମର ବାୟା ମହାନ୍ତଙ୍କ ପୁତ୍ର କେଦାରେଶ୍ୱର ମହାନ୍ତ (୩୮) ବିମଳାଙ୍କୁ ବିବାହ କରିବାର ପ୍ରସ୍ତାବ ଦେଇ ବିମୁଖ ହେବା ପରେ ନାନାଦି ହଇରାଣ କରିବାକୁ ପଛାଉ ନାହିଁ ବୋଲି ଥାନାରେ ଅଭିଯୋଗରେ ଦର୍ଶାଇଥିଲେ । ବିମଳାଙ୍କ ବିରୁଦ୍ଧରେ ଶିକ୍ଷା ବିଭାଗ ଉଚ୍ଚ ଅଧିକାରୀଙ୍କ ନିକଟରେ ମିଥ୍ୟା ଅଭିଯୋଗ କରିବା ପରେ ଅଧିକାରୀଙ୍କ ଦ୍ୱାରା ତଦନ୍ତ ମଧ କରାଇଛନ୍ତି । ସେଥିରେ ମଧ ବିଫଳ ହେବା ପରେ ଏବେ ରାସ୍ତାରେ ମାରିଦେବାର ଧମକ ଦେଇଛନ୍ତି କେଦାରେଶ୍ୱର । ଜୀବନ ପ୍ରତି ବିପଦ ଥିବାରୁ ଏହାର ପ୍ରତିକାର ପାଇଁ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ ଶିକ୍ଷୟତ୍ରୀ ବିମଳା ମହାନ୍ତ ।

# ପ୍ରହସନ ପାଲଟିଛି ସିଏମ ପୋଷଣ ଯୋଜନା

**କବିସୂର୍ଯ୍ୟନଗର, ୧୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ପ୍ରହସନ ପାଲଟିଛି ରାଜ୍ୟ ସରକାରଙ୍କ ପୋଷଣ ଯୋଜନା, ଧାର ଉଧାର ସଉଦାରେ ଚାଲିଛି ବିଦ୍ୟାଳୟରେ ଖାଦ୍ୟ ବଣ୍ଟନ । ୮ ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାର ଆରମ୍ଭ ହୋଇଥିଲା । ହେଲେ ନବମ ଓ ଦଶମ ପିଲାଙ୍କୁ ପ୍ରଥମଥର ପାଇଁ ମଧ୍ୟାହ୍ନ ଭୋଜନ ଦେଇଥିଲେ ସରକାର । ଏବେ ଧାର ଉଧାର ସଉଦାରେ ଚାଲିଛି ଯୋଜନା । ଆଗକୁ ଅନୁଦାନ ନଆସିଲେ ଯୋଜନାର ଭବିଷ୍ୟତକୁ ନେଇ ଉଠିଲାଣି ପ୍ରଶ୍ନ । କେବଳ ଏତିକି ନୁହେଁ, ଯୋଜନାରେ ପ୍ରଭାବିତ ହେବେ ରାଜ୍ୟର ୧୦ ଲକ୍ଷ ୮୧ ହଜାର ୩୮୧ ଛାତ୍ରଛାତ୍ରୀ । ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ଉଦାସୀନତା ପାଇଁ ଧାର ଉଧାରରେ ଶିକ୍ଷକମାନେ ଚଳାଇଛନ୍ତି ଯୋଜନା ।

ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଯୋଡିଛନ୍ତି ସରକାର । ଏପ୍ରିଲ ପହିଲାରୁ ଏହାର ଶୁଭାରମ୍ଭ ହେଲା କିନ୍ତୁ କାର୍ଯ୍ୟକାରୀ ହେଉ ହେଉ ୨ ମାସ ବିତିଗଲା । ପ୍ରଥମଥର ପାଇଁ ଗୋଟିଏ ଛାତ ତଳେ ପ୍ରଥମରୁ ଦଶମ ଛାତ୍ରଛାତ୍ରୀଙ୍କୁ ମିଳିଲା ମଧ୍ୟାହ୍ନ ଭୋଜନ । କେତେକ ଶିକ୍ଷକ ମତବ୍ୟକ୍ତ କରିଛନ୍ତି । ହେଲେ ଜୁଲାଇ ପରଠାରୁ ଅନୁଦାନ ମିଳିବା ବନ୍ଦ ହୋଇଗଲା । ଏହା ଭିତରେ ୫ ମାସ ବିତିଗଲାଣି । ଧାରକରଜରେ କିଛି ଉଚ୍ଚ ବିଦ୍ୟାଳୟରେ ଚାଲିଛି ମଧ୍ୟାହ୍ନ ଭୋଜନ, ଅଧିକାଂଶ ସ୍କୁଲରେ ଏବେ ମଧ୍ୟାହ୍ନ ଭୋଜନ ବନ୍ଦ କରାଯାଇଥିବା ଆଲୋଚନା ହେଲାଣି । ଅନୁଦାନ ନ ମିଳିବାରୁ ୮ ମାସ ତଳେ ଆରମ୍ଭ ହୋଇଥିବା ଯୋଜନାର ଭବିଷ୍ୟତକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଆଗକୁ ଅନୁଦାନ ନିୟମିତ ନ ମିଳିଲେ, ଲକ୍ଷ ଲକ୍ଷ ପିଲା ସିଧାସଳଖ ପ୍ରଭାବିତ ହେବେ । ସେହିଭଳି ରାଜ୍ୟର ସରକାରୀ ବିଦ୍ୟାଳୟରେ ପଢୁଥିବା ପ୍ରାୟ ୧୦ ଲକ୍ଷ ୮୧ ହଜାର ୩୮୧ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନରୁ ବଞ୍ଚିତ ହେବେ । ଅନୁଦାନ ମିଳିବା ନେଇ ଜୈନିକ ଶିକ୍ଷା ଅଧିକାରୀ ଆଶ୍ୱସ୍ତ କରିଛନ୍ତି । ଅନ୍ୟପଟେ ବୁଦ୍ଧିଜୀବୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଏବେ ପ୍ରହସନ ପାଲଟିଛି । ଯଦିଓ ଅନୁଦାନ ନାହିଁ କିମିତି ଚାଲିଛି ଯୋଜନା..ବିନା ଅନୁଦାନରେ ଯୋଜନା ଚଳାଇବା ପାଇଁ କ'ଣ ରହିଛି ଶିକ୍ଷକମାନଙ୍କ ସ୍ୱାର୍ଥ.. ଅନୁଦାନ ନଥାଇ କାହିଁକି ଦେଉଛନ୍ତି ଖାଦ୍ୟ ତାହାକୁ ନେଇ ବଡ଼ ପ୍ରଶ୍ନ ଠିଆ ହୋଇଛି ଏବେ ଦେଖିବାକୁ ରହିଲା ଯୋଜନା କେତେ ସଫଳ ହେବ ନା ବନ୍ଦ ହେବ ।

## ବୁଗୁଡ଼ା ଅଞ୍ଚଳରେ ଘନଘନ ଚୋରି

**ବୁଗୁଡ଼ା, ୧୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ଥାନା ଅଞ୍ଚଳରେ ଚୋରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଥିବା ବେଳେ ଲୋକଙ୍କ ମଧ୍ୟରେ ଚୋରି ଭୟ ଘାରିଥିବା ଜଣାଯାଇଛି । ପ୍ରକାଶ ଯେ, ଗତ ମଙ୍ଗଳବାର ରାତିରେ ବାଲିପଦର ଫାଣ୍ଡି ଅନ୍ତର୍ଗତ ପଙ୍କଜପଲ୍ଲୀ ଗାଁ ନିକଟସ୍ଥ ବଡ଼ପଦାଠାରେ ଥିବା ନିଳାଞ୍ଚଳ ମହାନ୍ତିଙ୍କ ଗ୍ୟାରେଜରୁ ଚୋରି ହୋଇଥିବା ନେଇ ପୋଲିସରେ ଅଭିଯୋଗ ହୋଇଥିବା ଜଣାଯାଇଛି । ଚୋର ଗ୍ୟାରେଜ୍ ତାଲା ଭାଙ୍ଗି ସେଠାରୁ ଏକ ହ୍ୟାଣ୍ଡ୍ ଡ୍ରିଲ୍ ମେସିନ, ଟଙ୍କା ଏବଂ ପୋଷାକପତ୍ର ନେଇଯାଇଛି । ଅନ୍ୟପକ୍ଷରେ ଏକଡାଳ ଗ୍ରାମର ରାମେଶ୍ୱର ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ଚୋରି ହୋଇଥିବା ଅଭିଯୋଗ ହୋଇଛି । ସେହିପରି ଝୋଲରୀ ଗାଁ ଛକରେ ଥିବା ମହେନ୍ଦ୍ର କୁମାର ପୋଲେଇଙ୍କ ସିମେଣ୍ଟ ଦୋକାନ, ଅମୂଲ୍ୟ ବିଷୋୟୀଙ୍କ ୱେଲଡିଙ୍ଗ୍ ଦୋକାନ, ବସନ୍ତ କୁମାର ସ୍ୱାଇଁଙ୍କ ଜନସେବା କେନ୍ଦ୍ରରୁ ତାଲା ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ ହୋଇଛି । ବୁଗୁଡା ଅଞ୍ଚଳରେ ଚୋରି ଏକ ସାଧାରଣ ଘଟଣା ପାଲଟିଥିବା ବେଳେ କାର୍ଯ୍ୟାନୁଷ୍ଠାନ ଶୂନ୍ୟ ହେତୁ ପୋଲିସର ପାରିବା ପଣିଆ ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପୋଲିସ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ବଗର୍ଡ଼ିପଡ଼ାରେ ସ୍ୱଚ୍ଛ ଭାରତ ମିଶନ ଫେଲ



**ମୁରିବାହାଲ, ୧୧।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ମାଲିସିରା ଗ୍ରାମପଞ୍ଚାୟତର ଖରାଳି ବଗର୍ଡ଼ି ପଡ଼ା ଠାରେ ଥିବା ନଳକୂପ ସମ୍ମୁଖରେ ଗାତହୋଇ ପାଣି ନଳକୂପରେ ପଶୁଥିବା ଦେଖିବାକୁ ମିଳିଛି ସେହି ଅପରିଷ୍କାର ପାଣି ନଳକୂପରେ ପଶୁଥିବା ବେଳେ ଲୋକମାନେ ବ୍ୟବହାର କରୁଛନ୍ତି । ଯେହେତୁ ଅନ୍ୟ କୌଣସି ନଳକୂପ ନ ଥିବାରୁ ବାଧ ହୋଇ ବ୍ୟବହାର କରି ଅନେକ ରୋଗରେ ପୀଡ଼ିତ ହୋଇ ହଇରାଣର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଏଠାରେ ସମ୍ପୂର୍ଣ୍ଣ ରୂପେ ଫେଲ ପ୍ରମାଣିତ ହୋଇଛି । ସରପଞ୍ଚ ଦେବରାଜ ପାତ୍ରଙ୍କୁ ବାରମ୍ବାର ଅଭିଯୋଗ କରିବା ସ୍ୱତ୍ତ୍ୱେ କୌଣସି ପଦକ୍ଷେପ ନେଉନଥିବା ପଡ଼ା ବାସି ଅଭିଯୋଗ କରିଛନ୍ତି । ତେବେ ସରକାର ଦିନକୁ ଦିନ ଅନେକ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏଠି ତାହାର ବିପରୀତ । ଅଭିଯୋଗ କରିବା ସତ୍ତ୍ୱେ ସରପଞ୍ଚ କିମ୍ବା ପଞ୍ଚାୟତ ନିର୍ବାହୀଅଧିକାରୀ କିଛି ପଦକ୍ଷେପ ନେଉନଥିବା ବୋଲି ପଡା ବାସି ଅଭିଯୋଗ କରିଛନ୍ତି ସେହିପରି ମାଲିସିରା ପଞ୍ଚାୟତ କାର୍ଯ୍ୟାଳୟର କିଛି ଦୁରରେ ମଧ ସେହିଭଳି ଅବସ୍ଥାରେ ନଳକୂପ ଥିବାର ଦେଖିବାକୁ ମିଳିଛି ଯଦି ପଞ୍ଚାୟତ ସମ୍ମୁଖରେ ଏହୀ ଭଳି ଦୃଶ୍ୟ ଦେଖିବାକୁ ମିଳୁଛି, ତାହାହେଲେ ଅନ୍ୟ ଜାଗା ର କଥା ଛାଡ଼ନ୍ତୁ । ଏ ବିଷୟରେ ସରପଞ୍ଚଙ୍କୁ ଯୋଗାଯୋଗ କରିବାରୁ ଯୋଗାଯୋଗ ହେଇପାରିଲା ନାହିଁ । ଏହି ବିଷୟରେ ଆରଡବ୍ଲୁଏସଏସ ଜେଇକୁ ପଚାରିବାରୁ ମୁଁ ମାଲିସିରା ପଞ୍ଚାୟତରକୁ ଯାଇ ଅନୁଧ୍ୟାନ କରିବି ତାପରେ ପଦକ୍ଷେପ ନେବି ବୋଲି ସୂଚନା ଦେଇଛନ୍ତି ।

## ସଦର ତହସିଲଦାରଙ୍କ ବୋଲେରୋ ସିଲ

**ଢେଙ୍କାନାଳ, ୧୧।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଜମି ଅଧିଗ୍ରହଣ ଟଙ୍କା ନ ଦେବାରୁ ଢେଙ୍କାନାଳ ସିଭିଲ କୋର୍ଟର ସିଭିଲ୍ ଜଜ୍ ସିନିୟର ଡିଭିଜନ ସିଜ୍ କଲେ ଢେଙ୍କାନାଳ ତହସିଲଦାରଙ୍କ ଅଫିସ ଆସବାବପତ୍ର ଓ ବୋଲେରୋ ଗାଡି । ଢେଙ୍କାନାଳ ସହରର ବାଜିଚୌକ ସ୍ଥିତ ସତ୍ୟବାଦୀ ବେହେରାଙ୍କ ଆବେଦନର ଶୁଣାଣି କରି ସିଭିଲ୍ କୋର୍ଟ ଜଜ୍ ଏହି ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ ବାଜିଚୌକ ନିକଟରେ ଥିବା ଫ୍ଲାଇ ଓଭର୍ ବ୍ରିଜ ପାଇଁ ହୋଇଥିବା ଜମି ଅଧିଗ୍ରହଣ ସମୟରେ ଜମି ମାଲିକଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବା କଥା । ୨୦୧୩ ମସିହାରେ ଜମି ଅଧିଗ୍ରହଣକୁ ନେଇ ଢେଙ୍କାନାଳ ସିଭିଲ୍ କୋର୍ଟରେ କେସ୍ କରିଥିଲେ ଜମି ମାଲିକ। ସେତେବେଳେ ୧୨ ଡେସିମିଲି ଜମି ଅଧିଗ୍ରହଣ ହୋଇଥିଲା । ୨୦୨୩ ମସିହାରେ ଘଟଣାର ଶୁଣାଣି କରି ସିଭିଲ୍ ଜଜ୍ ତହସିଲଦାରଙ୍କୁ କ୍ଷତିଗ୍ରସ୍ତଙ୍କୁ ସୁଧ ବାବଦକୁ ୧୩ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅଦ୍ୟାବଧି ଟଙ୍କା ନ ଦିଆଯାଇଥିବାରୁ ଲ୍ୟାଣ୍ଡ ଆକ୍ୱିଜିସନ୍ ଅଫିସର୍ ତଥା ତହସିଲଦାରଙ୍କ ଦ୍ୱାରା ବ୍ୟବହୃତ ଆସବାବପତ୍ର ସିଜ୍ କରିବା ପାଇଁ କୋର୍ଟର ନିର୍ଦ୍ଦେଶ ଦିଆଯାଇଛି। ଏହି ବାବଦରେ ତହସିଲଦାରଙ୍କ ଦ୍ୱାରା ବ୍ୟବହୃତ ବୋଲେରୋ ଗାଡି, ଆଲମିରା, କମ୍ପ୍ୟୁଟର, ଟେବୁଲ, ଚେୟାର ଓ ଅନ୍ୟାନ୍ୟ ଆସବାବପତ୍ର ସିଜ୍ ହେବା ପାଇଁ ପ୍ରକ୍ରିୟା ହୋଇଛି। ଢେଙ୍କାନାଳ ତହସିଲଦାର ଜମି ହରାଇଥିବା ପରିବାରଙ୍କୁ ତାଙ୍କର ସୁଧ ବାବଦକୁ ବକେୟା ଥିବା କ୍ଷତିପୂରଣ ଟଙ୍କା ୧୨ଲକ୍ଷ ୧୫ହଜାର ୭୦୪ ଟଙ୍କା ତୁରନ୍ତ ପ୍ରଦାନ କରିଥିବା ଜଣାପଡ଼ିଛି ଫଳରେ କୋର୍ଟଙ୍କ ପକ୍ଷରୁ ପୁନଃ ନିର୍ଦ୍ଦେଶ ମୁତାବକ ସିଲ ହୋଇଥିବା ଗାଡିକୁ ସିଲ ଖୋଲିବା ସହିତ କାର୍ଯ୍ୟାଳୟର ଆସବାବପତ୍ର ସିଲ ନିର୍ଦ୍ଦେଶ ପ୍ରତ୍ୟାହାର କରାଯାଇଥିଲା ।

## ବାଇକ୍ ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ

**ପୁରୁଷୋତ୍ତମପୁର, ୧୧।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପ୍ରତାପପୁର ଛକ ନିକଟରେ ମୋଟର ସାଇକଲ ମୁହାଁମୁହିଁ ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବାବେଳେ ଦୁଇଜଣ ଆହତ ହୋଇଛନ୍ତି । ମୃତ ଶିକ୍ଷକ ଜଣକ ହେଲେ ପୁରୁଷୋତ୍ତମପୁର ରାଧାକାନ୍ତ ସାହିର ସୂର୍ଯ୍ୟନାରାୟଣ ପଣ୍ଡା (୫୮)ଆହାତକ ହେଲେ ବଡଚକଡା ଗ୍ରାମର ପିଣ୍ଟୁ ମହାରଣା(୨୭) ଓ ଗଣେଶ ମହାରଣା (୨୫) । ଖବରରୁ ଜଣାପଡିଛି ଯେ ସୂର୍ଯ୍ୟନାରାୟଣ ପଣ୍ଡା ଗଞ୍ଜାମ ବ୍ଲକ ଖଣ୍ଡଦେଉଳି ବଳରାମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକତାକରି ଘରକୁ ନିଜ ବାଇକ୍‌ରେ ଫେରୁଥିବା ବେଳେ ପୁରୁଷୋତ୍ତମପୁର କାମ ସାରି ପିଣ୍ଟୁ ଓ ଗଣେଶ ନିଜ ଗ୍ରାମକୁ ବାଇକ୍‌ରେ ଫେରୁଥିବା ବେଳେ ପ୍ରତାପପୁର ଛକନିକଟରେ ମୁହାଁ ମୁହିଁ ଧକ୍କା ହୋଇଥିଲାଛ ଧକ୍କା ଫଳରେ ଉଭୟେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ । ଉଭୟଙ୍କୁ ସେଠାକାର ଲୋକମାନେ ୧୦୮ଆମ୍ବୁଲାନ୍ସରେ ପ୍ରଥମେ ପୁରୁଷୋତ୍ତମପୁର ମେଡିକାଲକୁ ପଠାଇଥିଲେ । ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ରେଫର କରିଥିଲେ । ସେଠାରେ ସୂର୍ଯ୍ୟନାରାୟଣ ମୃତ ଘଟିଛି ।

# ନିୟମକୁ ଫୁ : ଠିକ୍ ସମୟରେ ଖୋଲୁନି ଅଙ୍ଗନବାଡ଼ି କେନ୍ଦ୍ର

**ମାହାଙ୍ଗା, ୧୧।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**




ସରକାର କୁନି କୁନି ପିଲାମାନଙ୍କୁ ପାଠ ପଢାଇବା ନିମନ୍ତେ ଅଙ୍ଗନବାଡ଼ି କେନ୍ଦ୍ର ଖୋଲିଛନ୍ତି । ଏହି ପିଲାମାନଙ୍କୁ ଗୀତ, ନାଚ ଓ ଖେଳନା ମାଧମରେ ପଢା ଯାଇଥାଏ । କିନ୍ତୁ କେତେକ କେନ୍ଦ୍ରମାନଙ୍କରେ ନିଯୁକ୍ତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଠିକ୍ ସମୟରେ ଦେଖା ମିଳୁନାହାନ୍ତି । ଯାହା ଫଳରେ କେନ୍ଦ୍ରରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ କୁଣ୍ଡି ପଞ୍ଚାୟତ ନନ୍ଦକିଶୋରପୁର ଅଙ୍ଗନବାଡ଼ି କେନ୍ଦ୍ରରେ । ସରକାରଙ୍କ ନିୟମ ଅନୁଯାୟୀ କେନ୍ଦ୍ରଗୁଡିକ ସକାଳ ୯ଟାରେ ଖୋଲିବା ସହ ଅପରାହ୍ନ ୧ଟା ସମୟରେ ବନ୍ଦ ହୋଇଥାଏ । କିନ୍ତୁ ଏହି କେନ୍ଦ୍ରରେ ନିଯୁକ୍ତ ଅଙ୍ଗନବାଡ଼ି କର୍ମୀ ପ୍ରତିମା ଜେନା ଓ ସହାୟିକା ୯ଟା୨୦ପର୍ଯ୍ୟନ୍ତ କେନ୍ଦ୍ରକୁ ଆସିନଥିଲେ । ଯାହାଫଳରେ ୯.୨୦ ପର୍ଯ୍ୟନ୍ତ କେନ୍ଦ୍ରରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ଯାହାକି ସରକାରଙ୍କ ନିୟମକୁ ଉଭୟ ସଂପୂର୍ଣ୍ଣ ଫୁ କରି ଦେଇଛନ୍ତି । ସେହିପରି ପିଲାମାନଙ୍କ ପାଠ ପଢା ଓ କିପରି ଖାଦ୍ୟ ଖାଇବାକୁ ଦେଉଥିବେ ତାହା ତଦନ୍ତ ସାପେକ୍ଷ । କିଶୋରୀ ଓ ପିଲାମାନଙ୍କୁ ସଠିକ୍ ଭାବେ ଅଣ୍ଡା ଦେଉଛନ୍ତି କି ନାହିଁ ତାହା ତଦନ୍ତ କଲେ ଜଣାପଡିବ । ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଉଭୟ ଅନେକ ସମୟରେ ବିଳମ୍ବରେ ଆସୁଥିବା ନଜିର ରହିଛି । ଏ ନେଇ କେନ୍ଦ୍ର ଦାୟିତ୍ୱରେ ଥିବା ସୁପରଭାଇଜର କିପରି ଭାବେ ତଦନ୍ତ ଓ ତଦାରଖ କରୁଛନ୍ତି ତାହା ସ୍ୱଷ୍ଟ ବାରି ହୋଇପଡୁଛି । ସେହିପରି ଏ ସଂପର୍କରେ ସିଡିପିଓ ଗରୁବାରୀ ସିଂହଙ୍କୁ ଯୋଗାଯୋଗ କରିବାରୁ ଯଦି କୌଣସି ଅଙ୍ଗନବାଡ଼ି କର୍ମୀ କିମ୍ବା ସହାୟିକା କାର୍ଯ୍ୟରେ ଅବହେଳା କରିଛନ୍ତି । ଏ ନେଇ ମୁଁ ମୋ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବି । ତଦନ୍ତ ପରେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ଅପରପକ୍ଷରେ ଏହି କେନ୍ଦ୍ରର ଅବହେଳା ଓ ସଠିକ୍ ଭାବେ କାର୍ଯ୍ୟ କରୁନଥିବା ନେଇ ପୂର୍ବରୁ ଖବର ପ୍ରସାରଣ ହୋଇଥିଲା । ତେବେ ଦେଖିବାକୁ ବାକି ରହିଲା ବିଭାଗୀୟ କର୍ତ୍ତୃପକ୍ଷ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ।

## ସରଶଙ୍ଖ ସ୍କୁଲରୁ ଚୋରି

**ସୋର, ୧୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ଥାନା ସରଶଙ୍ଖ ସ୍ଥିତ ଏକ ସ୍କୁଲ ଭିତରୁ ଲୁହା ପାଇପ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ସରାଶଙ୍ଖ ପଞ୍ଚାୟତର ବାସୁଦେଇପୁର ଗ୍ରାମରେ ଥିବା ବାସୁଦେଇପୁର ପ୍ରାଇମେରୀ ସ୍କୁଲର ପ୍ରଧାନ ଶିକ୍ଷକ କରୁଣାକର ନାୟକ ସ୍କୁଲ ପରିସରରେ ଏକ ଘର ନିର୍ମାଣ କରିବାକୁ ସାତ ହଜାର ଟଙ୍କାର ଲୁହା ପାଇପ କିଣି ରଖିଥିଲେ। ପ୍ରତିଦିନ ଭଳି ସ୍କୁଲ ବନ୍ଦ କରି ଗତକାଲି ଘରକୁ ଯାଇଥିବା ବେଳେ ବୁଧବାର ସ୍କୁଲ ଖୋଲିବା ସମୟରେ ଉକ୍ତ ପାଇପ ଗୁଡିକ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଫଳରେ ଏ ବାବଦରେ ପ୍ରଧାନ ଶିକ୍ଷକ ଶ୍ରୀ ନାୟକ ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

# ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାମରେ ଘୋଟାଲା

**କଳିଙ୍ଗନଗର, ୧୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ସ୍ୱାସ୍ଥ୍ୟସେବାକୁ ସୁଦୃଢ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ ବରାଦ କଲେ ମଧ କିଛି ଲାଭଖୋର ଠିକାଦାର ଓ ଅସାଧୁ ଟେକ୍ନିକାଲ ଅଧିକାରୀମାନଙ୍କ ଠକେଇ ଫଳରେ ଯଖପୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିମାଣ ସ୍ଥାୟିତ୍ୱ ନେଇ ଉଠିଲା ପ୍ରଶ୍ନ ! ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ କାର୍ଯ୍ୟରେ ମହାଘୋଟଲା ଗୁରୁତର ଅନିମିୟତାରେ ଅଧିକାରୀମାନେ ମଧ ଏଥିରେ ସମ୍ପୃକ୍ତ ଥିବା ଗ୍ରାମବାସୀମାନେ ଖୋଲା ଅଭିଯୋଗ କରିଛନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କଳିଙ୍ଗନଗର ଶ୍ରମିକ, କର୍ମଚାରୀ ଓ ୧୦ରୁ ଅଧିକ ପଞ୍ଚାୟତର ୫୦ ହଜାରରୁ ଅଧିକ ଲୋକ ନିର୍ଭର କରନ୍ତି । ସରକାର ସେଥିପାଇଁ ୮୭ ଲକ୍ଷ ଟଙ୍କାରେ ନୂଆ ଗୃହ ନିର୍ମାଣ ଗ୍ରାମ୍ୟ ବିକାଶ ବିଭାଗ ଦାୟିତ୍ୱରେ ଅଛି । କିନ୍ତୁ ଗୃହ ତିଆରି ହେବାର ପୂର୍ବରୁ ହିଁ ଘୋଟାଳାର ଦୁର୍ଗନ୍ଧ ମାରିକି ଦେଉଛି । ଗୃହ ନିର୍ମାଣରେ ବଡ଼ ଅନିମିୟତା– ଯେଉଁଠି ଦେଖିବେ ସେଠି ଘୋଟାଳା । ନୂତନ ଗୃହର ପ୍ଲିନ୍ଥ ଲେଭେଲ ଅତ୍ୟନ୍ତ ତଳୁଆ– ପୁରୁଣା ଗୃହଠାରୁ ମଧ ତଳେ ଥିବା ଦେଖିବାକୁ ମିଳୁଛି । ଏହା କିପରି ବିଭାଗୀୟ ଅଧିକାରୀ କରିବାକୁ ଦେଲେ ଏବଂ ବିଲ ପାସ କଲେ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ଏବେ ଉଠୁଛି ପ୍ରଶ୍ନବାଚୀ ? ଧୂଳିମିଶା ବାଲି, ଚିପ୍ସ, ଶସ୍ତା ଟାଇଲ, ଶସ୍ତା କଲର, ଲୋକାଲ ରଡ଼ ବ୍ୟବହାର କରି ହୋଇଛି ନୂତନ ଗୃହ ନିର୍ମାଣ କାର୍ଯ୍ୟ । ସମସ୍ତ ସାମଗ୍ରୀରେ ନିମ୍ନମାନ, ଆଧା ଧାରଣ ମଧ ପାଇବା ଯୋଗ୍ୟ ନୁହେଁ । ଠିକାଦାର ରଡ଼ ଗ୍ୟାପ ବଢ଼ାଇ ପରିମାଣ କମ କରିବା, ଇଲେକ୍ଟ୍ରିକ୍ ୱାରିଂରେ ଖରାପ ତାର, ସ୍ୱିଚ୍, ବୋର୍ଡ, ପାଣି ପାଇପ ଲାଇନରେ ସବୁଠୁ ଶସ୍ତା ମାଟେରିଆଲ ଲଗାଯାଇଛି । କବାଟ–ଝରକାରେ ନିମ୍ନମାନର, ଖରାପ ଫିଟିଙ୍ଗ ହୋଇଥିବା ଅଭିଯୋଗ ହେଉଛି । ବିଭାଗୀୟ ଯନ୍ତ୍ରୀଙ୍କ 'ଅନୁପସ୍ଥିତି ରହିବା ନିଜ ଦାୟିତ୍ୱରୁ ଦୂରେଇବା ଠିକାଦାରଙ୍କୁ ନିମ୍ନ ମାନର କାର୍ଯ୍ୟ କରିବାର ସୁଯୋଗ ମିଳିଥିବା ଆଲୋଚନା ହେଉଛି । ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ କରିଛନ୍ତି କାମ ଚାଲିଥିବା ସମୟରେ କେବେ ମଧ ଯନ୍ତ୍ରୀଙ୍କ ପାଦ ପଡ଼ିନାହିଁ । ଯାଞ୍ଚ ନ ଥିବାର ସୁଯୋଗରେ ଠିକାଦାର ଠକିବା ପାଇଁ ମିଳୁଛି ସୁଯୋଗ । ଯନ୍ତ୍ରୀ ଓ ଠିକାଦାର ଗୁପ୍ତ ମେଣ୍ଟ ଫଳରେ ଏହି ନୂଆ ଗୃହର ସ୍ଥାୟୀତ୍ୱ ଉପରେ ଉଠୁଛି ପ୍ରଶ୍ନଚିହ୍ନ । ନୂତନ ଗୃହ ନିର୍ମାଣ କାର୍ଯ୍ୟରେ ସରକାରୀ ଅର୍ଥର 'ଖୁଲମଖୁଲା ଦୁରୁପଯୋଗ' ହୋଇଥିବା ଦେଖିବାକୁ ମିଳୁଛି.୮୭ ଲକ୍ଷ ଟଙ୍କାର ପ୍ରକଳ୍ପ ସଠିକ କାର୍ଯ୍ୟ ନକରି କେବଳ କାଗଜରେ ଉଚ୍ଚମାନ ଗୃହ ନିର୍ମାଣ ସ୍ଥଳରେ ସବୁଠାରେ ଶସ୍ତା ପଦାର୍ଥ ବ୍ୟବହାର ଅଧିକାରୀ ଓ ଠିକାଦାର ମିଶି ବିଲ ହଜମ କରି ଲୋକଙ୍କ ହିତକୁ ଠକି ନିଜେ ମଜା କରୁଛନ୍ତି । ଏପରି ଅଭିଯୋଗ ସାଧାରଣରେ ଉଠୁଛି । ସରକାରୀ ନିୟମ ଥିଲେ ବି ବିଭାଗୀୟ ଅଧିକାରୀ ନିର୍ମାଣସ୍ଥଳ କୁପରିଦର୍ଶନ କରିବା କଥା କିନ୍ତୁ ଆସିନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମବାସୀମାନଙ୍କ ଦାବି ହେଉଛି– ଏଠାରେ ଭିଜିଲାନ୍ସ ଚଢ଼ାଉ ହୋଇ ଭଲଭାବେ ଯାଞ୍ଚ କରାଯାଉ, ସ୍ଥଳ ପରିଦର୍ଶନ ନକରୁଥିବା ଅଧିକାରୀଙ୍କୁ ତଦନ୍ତରେ ଆଣାଯାଉ ଏବଂ ଘୋଟାଳାରେ ଜଡିତ ଠିକାଦାରଙ୍କୁ ବ୍ଲାକଲିଷ୍ଟ କରାଯାଉ ନୂତନ ଗୃହ ଅଧୁରା ଓ ଦୁର୍ବଳ ହେବା ପୂର୍ବରୁ ସରକାର ଦଖଲ ନିଅନ୍ତୁ । ଲୋକମାନେ ସ୍ୱଷ୍ଟ କୁହୁଛନ୍ତି । ଏଠାରେ ଯଦି ଭିଜିଲାନ୍ସ ଆସିବେ, ସବୁ ଘୋଟାଳା ଲୋକ ଲୋଚନ କୁ ଆସିପାରନ୍ତା । ଏତେ ଅଭିଯୋଗ ଓ ଅସନ୍ତୋଷ ଥିଲେ ମଧ ପୂର୍ତ୍ତ ବିଭାଗର ଯନ୍ତ୍ରୀମାନେ ଓ ଜିଲ୍ଲାପ୍ରଶାସନ ପୂରାପୂରି ନିରବ ରହିଛନ୍ତି । ଏହି ନୀରବତାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହ, ଅସନ୍ତୋଷ ଓ ଅସ୍ୱଷ୍ଟତା ଆହୁରି ବଢିଛି ଲୋକମାନଙ୍କ ପ୍ରଶ୍ନ ଏତେ ବଡ଼ ଘୋଟାଳାରେ ବି ଅଧିକାରୀମାନେ ଚୁପ୍ କାହିଁକି ସାଧାରଣରେ ଉଠୁଛି ପ୍ରଶ୍ନ? ତୁରନ୍ତ ନିର୍ମାଣ ସ୍ଥଳର ଟେକ୍ନିକାଲ ଯାଞ୍ଚ ହେଉ । ଠିକାଦାର–ଯନ୍ତ୍ରୀ ଉପରେ ତଦନ୍ତ ଆରମ୍ଭ ହେଉଛ ଘୋଟାଳା ମାପ ପ୍ରକାଶ ପାଇବା ପାଇଁ ଭିଜିଲାନ୍ସ ଚଢ଼ାଉ କରିବା ପାଇଁ ସାଧାରଣଙ୍କ ମୁଖ୍ୟ ଦାବି ହେଉଛି ।

**:** ଛତିଶଗଡ଼ ଯେମିତି ଏକାଧିକ ବ୍ୟାରେଜ କରିଛି, ଓଡ଼ିଶା ସରକାର ମଧ୍ୟ ସେହିପରି ବ୍ୟାରେଜ କରିବାର ଆବଶ୍ୟକତା ଥିଲା, କିନ୍ତୁ ପ୍ରଶ୍ନ ଉଠୁଛି ଯେଉଁ ଭୁଲ୍ ଏବଂ ଯେଉଁ ଦୂରଦୃଷ୍ଟି ଅଭାବ ପାଇଁ ପୂର୍ବ ସରକାର ଆମ ରାଜ୍ୟରେ ବ୍ୟାରେଜ କରିନାହାନ୍ତି ସେ ଭୁଲ୍ ଏ ନୂଆ ସରକାର କରୁଛନ୍ତି କାହିଁକି? ପୂର୍ବ ସରକାରଙ୍କୁ ତ ଲୋକେ ନାକଚ କରିଛନ୍ତି ଏ ସରକାରଙ୍କଠାରୁ ଅନେକ ଆଶା ରଖି । ତେଣୁ ଏ ସରକାର ବ୍ୟାରେଜ କାମ ଆରମ୍ଭ କରିବା ଉଚିତ୍ । ଟ୍ରିବ୍ୟୁନାଲରେ ମାମଲା ଚାଲୁ– ଆପୋଷ ଆଲୋଚନା ମଧ୍ୟ ଚାଲୁ, ଏଥିସହିତ ସମତାଳରେ ବ୍ୟାରେଜ କାମ ମଧ୍ୟ ଆରମ୍ଭ କରାଯାଉ, କ୍ଷତି କ'ଣ?


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧୨ ଡିସେମ୍ବର, ୨୦୨୫ | ଶୁକ୍ରବାର


# ଓଡ଼ିଶା ଏକ୍ସପ୍ରେସ୍

## ବିରୋଧୀଙ୍କ ନରମଭାବ

୧୮ଦିନ ପୂର୍ବରୁ ବିଧାନସଭା ଶେଷ ହେବା ଦର୍ଶାଉଛି– ଆଲୋଚନା ଏବଂ ବିତର୍କ ପାଇଁ ଆଉ କୌଣସି ପ୍ରସଙ୍ଗ ନଥିଲା। ଲୋକଙ୍କର ସବୁ ସମସ୍ୟା ଆସିଯାଇଛି ବିଧାନସଭା ଭିତରକୁ । ଏଥରର ବିଧାନସଭାରେ ବିରୋଧୀଙ୍କ ନରମଭାବ ପ୍ରମାଣିତ କରିଛି– ସବୁ ଠିକ୍ ଚାଲିଛି, ଲୋକଙ୍କର ଆଉ କିଛି ଆଶା ନାହିଁ ।

ବିଧାନସଭାର ନିୟମ କହୁଛି– ବର୍ଷକୁ ୬୦ଦିନ ଗୃହ ଚାଲିବ । ୨୦୧୪ ମସିହାରେ ବିଧାନସଭାର କାର୍ଯ୍ୟବିଧି ଆଇନ୍‌ର ୧୭୭ ଧାରା ସଂଶୋଧନ କରାଯାଇ ଏହି ବ୍ୟବସ୍ଥା କରାଯାଇଥିଲା । ଏଥିରେ ଏ ବ୍ୟବସ୍ଥା ମଧ୍ୟ ଥିଲା, ଧାର୍ଯ୍ୟ ୬୦ଦିନ କାର୍ଯ୍ୟ ଦିବସକୁ କମାଯାଇପାରିବ । ଗତ କିଛିବର୍ଷ ହେଲା ଦେଖାଯାଉଛି ୬୦ଦିନର ନିୟମକୁ କେହି ଗୁରୁତ୍ୱ ଦେଉନାହାନ୍ତି । ବିଭିନ୍ନ ଆଳ ଦେଖାଇ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିଦିଆଯାଉଛି ବିଧାନସଭା । ୨୦୧୪ ମସିହାରୁ ହିଁ ଏଭଳି ଏକ ପରମ୍ପରା ଆରମ୍ଭ ହୋଇଛି । ସରକାର ବଦଳିଥିଲେ ବି ଏ ଧାରା ବଦଳୁନି । ବିଜେଡି ସରକାରଠାରୁ ଉତ୍ତରାଧିକାରୀ ସୂତ୍ରରେ ପାଇଥିବା ଏଭଳି ପରମ୍ପରାକୁ ବର୍ତ୍ତମାନର ବିଜେପି ସରକାର ସଫଳତାର ସହ ଆପଣେଇନେଇଛନ୍ତି । ବିଜେଡି ସରକାର ସମୟରେ ପ୍ରତ୍ୟେକ ବର୍ଷ ବିଧାନସଭାକୁ ଆଗୁଆ ବନ୍ଦ କରିଦିଆଯାଉଥିଲା । ସେତେବେଳେ ବିରୋଧୀ ଦଳରେ ଥିବା ବିଜେପି ଏହାକୁ ଜୋରଦାର ସମାଲୋଚନା କରୁଥିଲା । ସରକାର ପଳାୟନପନ୍ଥୀ ହୋଇ ଆଗୁଆ ବନ୍ଦ କରିଦେଉଥିବାର ଅଭିଯୋଗ କରୁଥିଲା ।

ରାଜ୍ୟବାସୀଙ୍କ ମୁଖ୍ୟ ସମସ୍ୟା ଭିତରେ ରହିଛି– ମଣ୍ଡି ଅବ୍ୟବସ୍ଥା, ଶୀତଳ ଭଣ୍ଡାରର ଅଭାବ, ମହାନଦୀ ପାଣି, ଯୋଗ୍ୟ ହିତାଧିକାରୀ ସରକାରୀ ଘର ନପାଇବା ଏବଂ ଏଥିସହିତ ସୀମା ବିବାଦ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା। ୧୮ଦିନ ବାକି ଥାଇ ଏସବୁ ସମସ୍ୟା ଉପରେ ଆଲୋଚନା ଏବଂ ବିତର୍କ ପାଇଁ ସମୟ ମିଳିଲା କେମିତି? ସମାଧାନର କ'ଣ ବାଟ ବାହାରିଲା?

ବିଧାୟକଙ୍କ ଦରମା ଏବଂ ଭତ୍ତା ବୃଦ୍ଧି ବୋଧେ ସବୁ ଦଳର ସଦସ୍ୟଙ୍କ ମନପ୍ରାଣକୁ ଏକ କରିଦେଇଛି । ଦଳ ମତ ନିର୍ବିଶେଷରେ ସମସ୍ତେ ତୃପ୍ତ ହୋଇଯାଇଛନ୍ତି, ତେଣୁ ଲୋକଙ୍କ ସମସ୍ୟା ବାବଦରେ ତୀବ୍ର ଭାବରେ ପାଟି ଖୋଲିବାକୁ ଉଚିତ୍ ମଣିନାହାନ୍ତି । ସମସ୍ୟା ଏବଂ ପ୍ରସଙ୍ଗ ଅନେକ ଥିଲା, କିନ୍ତୁ ସେସବୁର ଗୁରୁତ୍ୱକୁ ଅନୁଭବ ବୋଧେ କରିନାହାନ୍ତି ବିରୋଧୀ।

ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଅଭାବ, ବିଶ୍ୱବିଦ୍ୟାଳୟରେ କୁଳପତି ନାହାନ୍ତି ଅଧିକାଂଶ ସ୍ଥାନରେ– ଏସବୁ ଶିକ୍ଷାର ମାନକୁ ଯେ ପ୍ରଭାବିତ କରିବ ଏକଥା ବିଧାନସଭାରେ ଉଠିବା ଉଚିତ୍ ଥିଲା ।

ମହାନଦୀ ଜଳ ବିବାଦ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଏ ପ୍ରସଙ୍ଗର ଉଷ୍ମତା ଏଥରର ବିଧାନସଭାରେ ଅନୁଭବ କରିହୋଇନି ବିଶେଷ।

ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲରେ ଥିବା ସମୟରେ ଏହାର ଅନିଶ୍ଚିତତାକୁ ଦେଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏକ ୮ଜଣିଆ କମିଟି ଗଠନ କରାଯାଇଛି । ଏଥିରେ ବିଜେପି, ବିଜେଡି ଏବଂ କଂଗ୍ରେସ ଦଳର ପ୍ରତିନିଧିଙ୍କୁ ସାମିଲ କରାଯାଇଛି । ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏହାର ଅଧ୍ୟକ୍ଷ ଅଛନ୍ତି । ଦେଖାଯାଉ ସମାଧାନର କି ବାଟ ବାହାରୁଛି ।

ହଁ, କମିଟି ଘୋଷଣା ହେବା ପରେ କମିଟିର ସଦସ୍ୟ ଜୟନାରାୟଣ ମିଶ୍ର ଗଣମାଧ୍ୟମକୁ କହିଛନ୍ତି ଯେ ପୂର୍ବ ସରକାର ଟ୍ରିବ୍ୟୁନାଲକୁ ଯିବା ଏକ ଭୁଲ୍ ନିଷ୍ପତ୍ତି ଥିଲା । ଏହାର ରାଜନୈତିକ ସମାଧାନ ଆବଶ୍ୟକ । ପୂର୍ବରୁ ନୀତୀନ ଗଡ଼କରୀ ଆପୋଷ ସମାଧାନ ପାଇଁ ଡାକିଥିବା ବେଳେ ସେତେବେଳର ସରକାର ଏହାକୁ ଗୁରୁତ୍ୱ ନଦେଇ ଟ୍ରିବ୍ୟୁନାଲକୁ ଯାଇଥିଲେ । ଟ୍ରିବ୍ୟୁନାଲକୁ ମାମଲା ଯିବା ଦ୍ୱାରା ପ୍ରକ୍ରିୟା ବିଳମ୍ବ ହେଉଛି । ମହାନଦୀ ବିବାଦର ସମାଧାନ ପାଇଁ ଆମ ଦଳ ପାରୁପର୍ଯ୍ୟନ୍ତ ଚେଷ୍ଟା କରିବ । ଏଥିସହିତ ସେ କହିଛନ୍ତି– ଛତିଶଗଡ଼ ଯେମିତି ମହାନଦୀରେ ବ୍ୟାରେଜ କଲା ଓଡ଼ିଶା ସରକାର ମଧ୍ୟ ସେଇପରି ବ୍ୟାରେଜ କରିବାର ଅବଶ୍ୟକତା ଥିଲା । ହୀରାକୁଦର ତଳମୁଣ୍ଡରେ ଆହୁରି ବ୍ୟାରେଜ ନିର୍ମାଣ କରିବା କଥା । ଏବେ ରାଜନୈତିକ ସମାଧାନ ହୋଇଗଲେ ମହାନଦୀ ଜଳବିବାଦ ତୁଟିବ ବୋଲି ସେ କହିଛନ୍ତି ।

ଛତିଶଗଡ଼ ଯେମିତି ଏକାଧିକ ବ୍ୟାରେଜ କରିଛି, ଓଡ଼ିଶା ସରକାର ମଧ୍ୟ ସେହିପରି ବ୍ୟାରେଜ କରିବାର ଆବଶ୍ୟକତା ଥିଲା, କିନ୍ତୁ ପ୍ରଶ୍ନ ଉଠୁଛି ଯେଉଁ ଭୁଲ୍ ଏବଂ ଯେଉଁ ଦୂରଦୃଷ୍ଟି ଅଭାବ ପାଇଁ ପୂର୍ବ ସରକାର ଆମ ରାଜ୍ୟରେ ବ୍ୟାରେଜ କରିନାହାନ୍ତି ସେ ଭୁଲ୍ ଏ ନୂଆ ସରକାର କରୁଛନ୍ତି କାହିଁକି? ପୂର୍ବ ସରକାରଙ୍କୁ ତ ଲୋକେ ନାକଚ କରିଛନ୍ତି ଏ ସରକାରଙ୍କଠାରୁ ଅନେକ ଆଶା ରଖି । ତେଣୁ ଏ ସରକାର ବ୍ୟାରେଜ କାମ ଆରମ୍ଭ କରିବା ଉଚିତ୍ । ଟ୍ରିବ୍ୟୁନାଲରେ ମାମଲା ଚାଲୁ– ଆପୋଷ ଆଲୋଚନା ମଧ୍ୟ ଚାଲୁ, ଏଥିସହିତ ସମତାଳରେ ବ୍ୟାରେଜ କାମ ମଧ୍ୟ ଆରମ୍ଭ କରାଯାଉ, କ୍ଷତି କ'ଣ?

କ'ଣ ହୋଇଥିଲା ତାକୁ ନ ଘାଣ୍ଟି କ'ଣ କରାଯାଇପାରିବ ସେ ଦିଗକୁ ଗୁରୁତ୍ୱ ଦେବା ଦରକାର । ରାଜ୍ୟର ସମୂହ ସ୍ୱାର୍ଥକୁ ଅଗ୍ରାଧିକାର ଦେବାର ସମୟ ଆସିଛି । ବିରୋଧୀଙ୍କ ବିରୋଧକୁ ତର୍କ ମାଧ୍ୟମରେ ନ କାଟି ଏହାର ସମାଧାନ ମଧ୍ୟ ଜରୁରୀ । ବିରୋଧୀଙ୍କ ଭାଷା ମଧ୍ୟ ଲୋକଙ୍କର ଭାଷା। ବିରୋଧୀ ମଧ୍ୟ ଲୋକଙ୍କ ପ୍ରତିନିଧି ଏବଂ ଲୋକଙ୍କର ସ୍ୱର । କିନ୍ତୁ ଦୁର୍ଭାଗ୍ୟର ବିଷୟ ବିରୋଧୀଙ୍କ ଦଳ ଏଥର ଖୁବ୍ ନରମ ଥିଲା ଭଳି ମନେହେଲା ।

# ମହାମହୋପାଧ୍ୟାୟ ପଠାଣି ସାମନ୍ତ ଚନ୍ଦ୍ରଶେଖର



**ଜିଜ୍ଞାସା**

**ନିରଞ୍ଜନ ଶତପଥୀ**

ସାମନ୍ତ ଚନ୍ଦ୍ରଶେଖର ସିଂହ ହେଉଛନ୍ତି ଓଡ଼ିଶାର ପ୍ରଥମ ବୈଜ୍ଞାନିକ । ସେ ଓଡ଼ିଶା ଓ ଓଡ଼ିଆ ଜାତିକୁ ବିଶ୍ୱ ଦରବାରରେ ତାଙ୍କର ଅବଦାନ ଦ୍ୱାରା ପରିଚିତ କରିବାରେ ସମର୍ଥ ହୋଇପାରିଥିଲେ । ସେ ପଠାଣି ସାମନ୍ତ ନାମରେ ଓଡ଼ିଶାର ଘରେ ଘରେ ପରିଚିତ । କୌଣସି ଅତ୍ୟାଧୁନିକ ଯନ୍ତ୍ରପାତି ନୁହେଁ କେବଳ ସାମାନ୍ୟ କେତେଖଣ୍ଡ ବାଉଁଶ ନଳୀ ସାହାଯ୍ୟରେ ଚମତ୍କାରିତା ଦେଖାଇ ଓଡ଼ିଶା ବିଜ୍ଞାନ ଜଗତରେ ପ୍ରଶଂସାର ପାତ୍ର ହୋଇପାରିଛନ୍ତି । ସେ ଆକାଶର ଗ୍ରହ ନକ୍ଷତ୍ରଗୁଡ଼ିକ ଉପରେ ଗବେଷଣା ଚଳାଇ ବିନିଦ୍ରରଜନୀ ଅତିବାହିତ କରୁଥିଲେ । ସେ ଯାହାସବୁ ପରୀକ୍ଷା କରି ଦେଖୁଥବଲେ, ପୂର୍ବରୁ ପରୀକ୍ଷା ହୋଇ ପୁସ୍ତକରେ ଲେଖାଯାଇଥିବା ତାହା ଅମେଳ ହେଉଥିଲା । ପରବର୍ତ୍ତୀ ସମୟରେ ତାହା ସମ୍ପୂର୍ଣ୍ଣ ଭାବରେ ଭୁଲ୍ ଥିଲା ସେ ଅନୁଭବ କରିଥିଲେ । ଯାହା ସେ ଠିକ୍ ବୋଲି ଅନୁଭବ କରିବେ ତାହା ହିଁ ଲେଖିବେ ବୋଲି ସ୍ଥିର କରି ତାଙ୍କର ଗବେଷଣା ଚଳାଇଲେ । ଅନେକ ବିନିଦ୍ରରଜନୀ ଅତିବାହିତ କରି ସଫଳ ହେଲେ । ମହାକାଶର ଅନେକ ରହସ୍ୟମୟ ତଥ୍ୟ ଆବିଷ୍କାର କଲେ। ସେ ପଠାଣି ସାମନ୍ତ ଚନ୍ଦ୍ରଶେଖର ନାମରେ ସମଗ୍ର ଓଡ଼ିଶାରେ ପ୍ରସିଦ୍ଧି ଲାଭ କଲେ। ତାଙ୍କରି ଉଦ୍ୟମରେ ହିଁ ଓଡ଼ିଶାରେ ପାଞ୍ଜି ଗଣନା ସମ୍ଭବ ହୋଇପାରିଛି । ତାଙ୍କ ରଚିତ ସିଦ୍ଧାନ୍ତ ଦର୍ପଣ ହେଉଛି ଓଡ଼ିଶା ପାଇଁ ଏକ ଅନବଦ୍ୟ ଅବଦାନ। ୧୮୩୫ ମସିହା ପୌଷମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପୁରୀ ଜିଲ୍ଲା ଖଣ୍ଡପଡ଼ାଠାରେ ଏହି ଯୋଗଜନ୍ମା ପୁରୁଷ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କର ନାମ ଥିଲା ଶ୍ୟାମବନ୍ଧୁ ସିଂହ ଓ ମାତାଙ୍କର ନାମ ଥିଲା ବିଷ୍ଣୁମାଳୀ । ସେମାନେ ରାଜବଂଶରେ ଜନ୍ମଲାଭ କରିଥିବାରୁ ସେମାନଙ୍କ ଉପାଧି ସାମନ୍ତ ହୋଇଥିଲା । ପିତା ଶ୍ୟାମବନ୍ଧୁ ଜଣେ ବିଦ୍ୱାନ ଥିଲେ । ଶେଷରେ ଶିବ ଭଗବାନଙ୍କୁ ଆରାଧନା କରି ପୁତ୍ର ସନ୍ତାନଟିଏ ଲାଭ କରିଥିଲେ। ଭଗବାନ ଶିବଙ୍କ କୃପାରୁ ସନ୍ତାନ ଲାଭ ହୋଇଥିବାରୁ ଏହି ନବଜାତ ଶିଶୁଟିର ପିତାମାତା ନାମ ରଖିଥିଲେ ଚନ୍ଦ୍ରଶେଖର । ଚନ୍ଦ୍ରଶେଖର ହେଉଛି ଭଗବାନ ଶିବଙ୍କର ନାମ । ଏହି ନବଜାତ ଶିଶୁଟିର ଜନ୍ମ ପୂର୍ବରୁ ପିତା ଶ୍ୟାମବନ୍ଧୁଙ୍କର ଅନେକ ଗୁଡ଼ିଏ ସନ୍ତାନ ଜନ୍ମ ଲାଭ କରି ଶୈଶବାବସ୍ଥାରୁ ମୃତ୍ୟୁବରଣ କରିଥିଲେ । ସନ୍ତାନମାନଙ୍କର ଅକାଳ ବିୟୋଗ ଘଟୁଥିବାରୁ ପିତାମାତା ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଚନ୍ଦ୍ରଶେଖରଙ୍କୁ ଜଣେ ମୁସଲମାନଙ୍କୁ ବିକ୍ରୟ କରି ଦେଇଥିଲେ । ତେଣୁ ଚନ୍ଦ୍ରଶେଖର ପରବର୍ତ୍ତୀ ସମୟରେ ପଠାଣି ସାମନ୍ତ ନାମରେ ସମାଜରେ ପରିଚିତ ହେଲେ ।

ପଠାଣି ସାମନ୍ତଙ୍କୁ ଯେତେବେଳେ ପାଞ୍ଚବର୍ଷ ବୟସ ହୋଇଥିଲା ସେତେବେଳେ ସେ ବିଦ୍ୟା ଶିକ୍ଷା ଆରମ୍ଭ କରିଥିଲେ । ବର୍ତ୍ତମାନ ପରି ସେ ସମୟରେ ଶିକ୍ଷା ବ୍ୟବସ୍ଥା ପ୍ରଚଳନ ନଥିଲା । ଚାଟଶାଳୀ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ ଥିଲା । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ପଣ୍ଡିତ ନୀଳକଣ୍ଠ ଦାସ ପ୍ରମୁଖ ଓଡ଼ିଶାର ବରପୁତ୍ରମାନେ ମଧ୍ୟ ଏହି ଚାଟଶାଳୀ ଶିକ୍ଷା ଲାଭ କରି ଜୀବନରେ ସୁଖ୍ୟାତି ଅର୍ଜନ କରିପାରିଥିଲେ । ଠିକ୍ ସେହିପରି ପଠାଣି ସାମନ୍ତ ଗାଁ ଚାଟଶାଳୀରେ ପାଠ ପଢ଼ିଥିଲେ । ପିଲାଟି ଦିନରୁ ସେ ମେଧାଶକ୍ତିର ଅଧିକାରୀ ଥିଲେ । ଅଳ୍ପ ସମୟ ମଧ୍ୟରେ ସେ ସମସ୍ତ ବିଦ୍ୟାକୁ ଆୟତ୍ତ କରିପାରିଥିଲେ । ସେ ଚାଟଶାଳୀ ଶିକ୍ଷା ସମାପ୍ତ କରି ସଂସ୍କୃତ ଭାଷା ଶିକ୍ଷାଲାଭ କଲେ । ବ୍ୟାପକରଣ କାବ୍ୟ, ଅଳଙ୍କାର ପ୍ରଭୃତି ଶାସ୍ତ୍ରଗୁଡ଼ିକର ଅଧ୍ୟୟନ କରି ଜ୍ଞାନଲାଭ କଲେ । ତାଙ୍କ ପିତାଙ୍କର ଜ୍ୟୋତିଷ ଶାସ୍ତ୍ରରେ ଅଗାଧ ଜ୍ଞାନ ଥିବାର ଲକ୍ଷ୍ୟ କରି ସେ ଜ୍ୟୋତିଷଶାସ୍ତ୍ର ଆଡ଼କୁ ମନ ବଳାଇଲେ । ଲଗ୍ନ, ଗ୍ରହ ଓ ନକ୍ଷତ୍ର ଇତ୍ୟାଦି ଜ୍ୟୋତିଷଶାସ୍ତ୍ରର ବିଷୟଗୁଡ଼ିକ ତାଙ୍କ ପିତାଙ୍କଠାରୁ ଅତି ଆଗ୍ରହର ସହିତ ଶିକ୍ଷାଲାଭ କଲେ । ସାଙ୍ଗସାଥୀମାନଙ୍କ ସହିତ ଖେଳପଡ଼ିଆରେ ଖେଳିବା ସମୟରେ ନିଜର ଛାଇକୁ ମାପ କରୁଥିଲେ । ସନ୍ଧ୍ୟା ସମୟରେ ଅକାଶକୁ ଅନାଇ ତାରକାମାନଙ୍କର ଗତିବିଧିକୁ ଲକ୍ଷ୍ୟ କରୁଥିଲେ । ଆକାଶରେ ଉଡ଼ିଯାଉଥିବା ଶାଗୁଣା ପ୍ରଭୃତି ପକ୍ଷୀମାନଙ୍କୁ ଦର୍ଶନ କରି ଆନନ୍ଦରେ ନାଚି ଯାଉଥିଲେ ଓ ସେମାନଙ୍କରର ସଂଖ୍ୟା ମଧ୍ୟ ଗଣନା କରି ଦେଉଥିଲେ । ଏହିପରି ଭାବରେ ଆକାଶମଣ୍ଡଳ ପର୍ଯ୍ୟବେକ୍ଷଣ ଓ ପରୀକ୍ଷା କରୁଥିଲେ । ପୁତ୍ରର ଏତାଦୃଶ ଆଗ୍ରହ ଦେଖି ପିତା ଗ୍ରହ ଓ ନକ୍ଷତ୍ରଗୁଡ଼ିକ ଉପରେ ଶିକ୍ଷା ପ୍ରଦାନ କରିଥିଲେ । ତାଙ୍କ ପିତାଙ୍କ ପାଖରେ ଅନେକଗୁଡ଼ିଏ ଏ ସମ୍ପର୍କରେ ପୁସ୍ତକ ଗଚ୍ଛିତ ଥିବାର ଦେଖି ସେ ଆଗ୍ରହର ସହିତ ସେଗୁଡ଼ିକୁ ଅଧ୍ୟୟନ କଲେ । ସେହି ପୁସ୍ତକଗୁଡ଼ିକ ମଧ୍ୟରୁ ଶ୍ରୀନିବାସ ଦୀପିକା, ଶ୍ରୀପତି ଜାତକ, ବୃହତ୍ ଜାତକ, ସର୍ବାର୍ଥ ଚିନ୍ତାମଣି, ଜ୍ୟୋତିଷ ଚନ୍ଦ୍ରୋଦୟ, ଉଡୁଦାୟ ପ୍ରଦୀପ, ଜ୍ୟୋତିର୍ବିଦ୍ୟା ଭରଣ, ଜ୍ୟୋତିଷାର୍ଣ୍ଣବ ପ୍ରଭୃତି ଅନ୍ୟତମ। ସେ ପିତାଙ୍କଠାରୁ ଜାତକ ଗଣନା ଓ ଜାତକ ପ୍ରସ୍ତୁତି ଆଦି ଶିକ୍ଷା ଲାଭ କରିଥିଲେ ।

ପଠାଣି ସାମନ୍ତ ୧୪ ବର୍ଷ ବୟସରେ ଗଣିତ ଓ ଜ୍ୟୋତିଷ ବିଦ୍ୟା ଅଧ୍ୟୟନ ଆରମ୍ଭ କରିଥିଲେ । ମାତ୍ର ଅଳ୍ପଦିନ ମଧ୍ୟରେ ସେଗୁଡ଼ିକୁ ଆୟତ୍ତ କରିବାକୁ ସକ୍ଷମ ହୋଇପାରିଲେ । ସେ ରାତିରେ ଶୟନ ନକରି ଗ୍ରହ ନକ୍ଷତ୍ରମାନଙ୍କୁ ନିରୀକ୍ଷଣ କଲେ । ଯାହାସବୁ ଦେଖିବାକୁ ପାଇଲେ ତାହାସବୁ ଲିପିବଦ୍ଧ କଲେ । ସେ ୧୮୪୯ ମସିହାରେ ତାଙ୍କ ଲବ୍ଧ ଜ୍ଞାନ ରାଶିକୁ ଏକ ଗ୍ରନ୍ଥାକାରରେ ରଚନା କରିବାକୁ ଆରମ୍ଭ କଲେ । ୧୮୬୯ ମସିହାରେ ତାହା ସମାପ୍ତ ହୋଇଥିଲା । ଏହି ମହାନ ଗ୍ରନ୍ଥର ନାମ ଥିଲା ସିଦ୍ଧାନ୍ତ ଦର୍ପଣ। ତତ୍କାଳୀନ ସରକାର ଏହି ଗ୍ରନ୍ଥ ରଚନା ପାଇଁ ତାଙ୍କୁ ମହାମହୋପାଧ୍ୟାୟ ଉପାଧିରେ ବିଭୂଷିତ କରି ମାସିକ ପଚାଶ ଟଙ୍କା ହାରରେ ପେନସନ ପ୍ରଦାନ କରିଥିଲେ । ସେ ବାଉଁଶ ନଳୀ ସାହାଯ୍ୟରେ ବିଭିନ୍ନ ପ୍ରକାର ଯନ୍ତ୍ର ତିଆରି କରିଥିଲେ । ସେଗୁଡ଼ିକ ହେଉଛି, ଗୋଳଯନ୍ତ୍ର, ଉଲମ୍ବି ଚକ୍ର, ସ୍ୱୟଂବହ ଆଦି ପ୍ରଧାନ । ଏହାଛଡ଼ା ସୂର୍ଯ୍ୟଙ୍କର ଛାଇ ସାହାଯ୍ୟରେ ସେ ସୂର୍ଯ୍ୟଘଡ଼ି ତିଆରି କରିଥିଲେ । ଅଦ୍ୟାବଧି କଟକ ରେଭେନ୍ସା କଲେଜର ବଗିଚା ମଧ୍ୟରେ ଏହି ସୂର୍ଯ୍ୟଘଡ଼ି ରହିଛି। ତାଙ୍କରି ଦ୍ୱାରା ତିଆରି ହୋଇଥିବା ଯନ୍ତ୍ର ଦ୍ୱାରା ସେ ପାହାଡ଼ ପର୍ବତଗୁଡ଼ିକର ଉଚ୍ଚତା ମାପି ପାରୁଥିଲେ। ପଠାଣି ସାମନ୍ତଙ୍କ ଜ୍ୟୋତିଷଶାସ୍ତ୍ର ଗଣନା ବିଶ୍ୱବିଖ୍ୟାତ ହୋଇପାରିଲା । ତା' ମାପି ପାରୁଥିଲେ। ପଠାଣି ସାମନ୍ତଙ୍କ ଜ୍ୟୋତିଷଶାସ୍ତ୍ର ଗଣନା ବିଶ୍ୱବିଖ୍ୟାତ ହୋଇପାରିଲା ।

ସେ ଭାସ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରଭାବିତ ହୋଇ ତାଙ୍କୁ ଗୁରୁ ଭାବରେ ଗ୍ରହଣ କରିଥିଲେ । ସେ ମାତ୍ର ୨୨ ବର୍ଷ ବୟସରେ ଅନୁଗୁଳ ରାଜବଂଶର ଦାଶରଥି ସିଂହଙ୍କ କନ୍ୟା ସୀତା ଦେବୀଙ୍କୁ ବୈଦିକ ମତରେ ବିବାହ କରିଥିଲେ । ସେ ଥିଲେ ଜଣେ ଧର୍ମପରାୟଣ ଓ ଈଶ୍ୱର ବିଶ୍ୱାସୀ ମହାନ ପୁରୁଷ। ସେ କହୁଥିଲେ ଈଶ୍ୱରଙ୍କ ଇଚ୍ଛା ବିନା କୌଣସି କାର୍ଯ୍ୟ ସାଧିତ ହୁଏନାହିଁ । ତେଣୁ ସେ ସୁଖ ଦୁଃଖ ବା ଆପଦ ବିପଦରେ ଅଧୀର ନହୋଇ ଅସୀମ ଧୈର୍ଯ୍ୟର ସହିତ ସବୁ ସହିଯିବା ଉଚିତ୍ । ମଣିଷର ଚରିତ୍ର ହେଉଛି ତା'ର ସର୍ବଶ୍ରେଷ୍ଠ ସମ୍ପଦ । ଚରିତ୍ରହୀନ ବ୍ୟକ୍ତିର ଜୀବନ ନିରର୍ଥକ । ଚରିତ୍ର ହେଉଛି ମଣିଷର ଗର୍ବ ଗୌରବର ପ୍ରତୀକ । ଚରିତ୍ରହୀନ ବ୍ୟକ୍ତି ସମାଜରେ ଅପନିନ୍ଦା ଓ ଅପଯଶ ପାଇଥାଏ । ଏ ସମାଜରେ କେବେହେଲେ ସେ ମର୍ଯ୍ୟାଦା ଲାଭ କରିନଥାଏ । ପଠାଣି ସାମନ୍ତ ଥିଲେ ଜଣେ ଉତ୍ତମ ଚରିତ୍ରବାନ ବ୍ୟକ୍ତି । ସେ ଥିଲେ ଜଣେ ନିଷ୍କଳଙ୍କ ମହାନ ଆଦର୍ଶ ପୁରୁଷ । ସେ ଅତ୍ୟନ୍ତ ଶାନ୍ତ, ସରଳ ଓ ବିନୟୀ ଥିଲେ । ସେ ଗର୍ବ ଓ ଅହଂକାର ଠାରୁ ଦୂରେଇ ରହୁଥିଲେ । ସେ ଲୋକମାନଙ୍କରର ଦୁଃଖ ଦୁର୍ଦ୍ଦଶା ଦେଖିଲେ ନିଜକୁ ଅସହ୍ୟବୋଧ କରୁଥିଲେ । ବିପନ୍ନ ଲୋକଙ୍କୁ ବିପଦ ବେଳେ ସାହାଯ୍ୟର ହାତ ବଢ଼ାଇ ଦେଉଥିଲେ । ୧୮୬୬ ମସିହାରେ ସମଗ୍ର ଓଡ଼ିଶାରେ ଦୁର୍ଭିକ୍ଷର କରାଳ ଛାଇ ମାଡ଼ି ଯାଇଥିଲା । ଏହା ନ ଅଙ୍କରେ ପଡୁଥିବାରୁ ଏହାକୁ ନଅଙ୍କ ଦୁର୍ବିକ୍ଷ ବୋଲି କୁହଯାଉଥିଲା । ଏହି ଦୁର୍ବିକ୍ଷ ଥିଲା ଓଡ଼ିଶାର ସବୁଠାରୁ ବଡ଼ ଦୁର୍ବିକ୍ଷ। ଲୋକ ଖାଇବାକୁ ନପାଇ ଅନେକ ମରି ହଜି ଗଲେ । ଅନେକ ମଧ୍ୟ ଗାଈଗୋରୁମାନଙ୍କ ପରି କ୍ଷୁଧା ମେଣ୍ଟାଇବା ପାଇଁ ଘାସ ପତ୍ର ଖାଇ ନିଜର ଜୀବନ ରକ୍ଷା କରିବାକୁ ଉଦ୍ୟମ କରୁଥିଲେ । ଠିକ୍ ସେହି ସମୟରେ ପଠାଣି ସାମନ୍ତ ନିଜ ଘରକୁ ଯାଇ ରାଜ ଉଆସରୁ ତିନି ଶଗଡ଼ ଧାନ ଆଣି ବୁଭୁକ୍ଷିତ ଲୋକମାନଙ୍କ ମଧ୍ୟରେ ବିତରଣ କରି ନିଜର ମହାନୁଭବତାର ପରିଚୟ ପ୍ରଦାନ କରିଥିଲେ ।

ସେ ଗ୍ରହ ନକ୍ଷତ୍ରମାନଙ୍କ ବିଷୟରେ ଗବେଷଣା କରି ଚମତ୍କାର ତଥ୍ୟ ଆବିଷ୍କାର କରି ସମଗ୍ର ବିଶ୍ୱରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ । ସୂର୍ଯ୍ୟ ପରାଗ ଓ ଚନ୍ଦ୍ରଗ୍ରହଣ ବିଷୟରେ ସେ ଗବେଷଣା କରି ନିର୍ଭୁଲ ଗଣନା ମଧ୍ୟ କରି ସମଗ୍ର ବିଶ୍ୱରେ ସୁଖ୍ୟାତି ଅର୍ଜନ କରିଥିଲେ । ସେ ସୂର୍ଯ୍ୟଙ୍କଠାରୁ ପୃଥିବୀର ଦୂରତା ସଠିକ୍ ଭାବରେ ନିର୍ଣ୍ଣୟ କରିପାରୁଥିଲେ । ଜ୍ୟୋତିଷଶାସ୍ତ୍ରରେ ସେ ଅଗାଧ ପାଣ୍ଡିତ୍ୟ ଅର୍ଜନ କରିବା ପରେ ବେଦ ଉପନିଷଦ ଓ ସଂଖ୍ୟା ଯୋଗ ପ୍ରଭୃତିରେ ମଧ୍ୟ ସେ ଅଶେଷ ଜ୍ଞାନ ଅର୍ଜନ କରିଥିଲେ । ଏ ଦେଶରେ ଯେତେଗୁଡ଼ିଏ ସିଦ୍ଧାନ୍ତ ପ୍ରକାଶିତ ହୋଇଛି ସେଗୁଡ଼ିକ ମଧ୍ୟରୁ ପଠାଣି ସାମନ୍ତଙ୍କ ସିଦ୍ଧାନ୍ତ ଖୁବ୍ ଉନ୍ନତତର। ତେଣୁ ସେ ଦୃଢ଼ତାର ସହିତ କହିଥିଲେ ତାଙ୍କ ରଚିତ ସିଦ୍ଧାନ୍ତ ଦର୍ପଣ ଦଶ ହଜାର ବର୍ଷ ପର୍ଯ୍ୟନ୍ତ ଅମର ହୋଇ ରହିବ । କବିବର ରାଧାନାଥ ରାୟ ତାଙ୍କର ଲେଖାଗୁଡ଼ିକ ପାଠ କରି ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ କେବଳ ଜଣେ ବ୍ୟକ୍ତି ଉପାଧି ପଛରେ ଗୋଡ଼ାଉନଥିଲେ– ଉପାଧି ତାଙ୍କ ପଛରେ ଗୋଡ଼େଇ ଏଠି ଆଣି ଉପସ୍ଥାପିତ କରିଛି । କବିବର ରାଧାନାଥ ରାୟ ଲେଖିଛନ୍ତି 'ଉତ୍କଳମାତାର ଯୋଗ୍ୟତମ ସୁତ ତୁମ ପାଇଁ ଆମ୍ଭେ ସର୍ବେ ହେଲୁ ପୁତ୍ରା' ପଠାଣି ସାମନ୍ତଙ୍କ ପ୍ରତିଭା ଓ ସାଧନାର ପରିଚୟ ସେ ହିଁ ସର୍ବ ପ୍ରଥମେ ଜାଣିପାରିଥିଲେ । ସେ ଆଧୁନିକ ଶିକ୍ଷା ସମ୍ପର୍କରେ ଆସିନଥିଲେ ମଧ୍ୟ ମାତ୍ର କେତେ ଖଣ୍ଡ ବାଉଁଶ କାଠି ସାହାଯ୍ୟରେ ବିଶ୍ୱର ଜ୍ୟୋତିର୍ବିଜ୍ଞାନୀ କ୍ଷେତ୍ରରେ ଖୁବ୍ ଚାଞ୍ଚଲ୍ୟ ସୃଷ୍ଟି କରି ବିଶ୍ୱରେ ଓଡ଼ିଶାର ଗୌରବ ବୃଦ୍ଧି କରିଥିଲେ । ସେ ସିଦ୍ଧାନ୍ତ ଦର୍ପଣ ବ୍ୟତୀତ ଓଡ଼ିଆରେ ଦର୍ପଣ ସାର ଓ ସଂସ୍କୃତ ଭାଷାରେ ଦର୍ଶଦୀପିକା ରଚନା କରିଥିଲେ । ସିଦ୍ଧାନ୍ତ ଦର୍ପଣ ହେଉଛି ତାଙ୍କର ସର୍ବଶ୍ରେଷ୍ଠ କୃତି ଓ ସର୍ବଜନବିଦିତ । ସେ ତାଙ୍କର ଅଗାଧ ପାଣ୍ଡିତ୍ୟ ଫଳରେ ବିଶ୍ୱର ଜଣେ ମହାନ ଜ୍ୟୋତିର୍ବିଜ୍ଞାନୀ ଭାବରେ ପରିଗଣିତ ହୋଇପାରିଛନ୍ତି । ସେ ମଧ୍ୟ ବିଶ୍ୱରେ ଓଡ଼ିଆ ଜାତିକୁ ଏକ ବୈଜ୍ଞାନିକ ଜାତି ରୂପେ ପରିଚିତ କରାଇବାରେ ସମର୍ଥ ହୋଇପାରିଛନ୍ତି । ସେ ଖଣ୍ଡପଡ଼ାଠାରୁ ପୁରୀ ଶ୍ରୀମନ୍ଦିରର ଦୂରତା ନିର୍ଭୁଲ ଭାବରେ ନିରୂପଣ କରିପାରିଥିଲେ । ତତ୍କାଳୀନ ପୁରୀ ରାଜା ତାଙ୍କୁ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ଆଖ୍ୟା ପ୍ରଦାନ କରିଥିଲେ । ଶେଷରେ ୧୯୦୪ ମସିହା ଜ୍ୟେଷ୍ଠ ମାସ କୃଷ୍ଣ ପକ୍ଷ ଦ୍ୱାଦଶୀ ତିଥିରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ । ତାଙ୍କର ସ୍ମୃତିରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରେ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ପ୍ରତିଷ୍ଠା କରାଯାଇଛି । ବର୍ତ୍ତମାନ ତାହା ପରିଦର୍ଶନ କରିବାକୁ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କର ଭିଡ଼ ଜମୁଛି । ଏହାଛଡ଼ା ପୁରୀଠାରେ ମଧ୍ୟ ତାଙ୍କ ସ୍ମୃତିରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ସେ ମରି ମଧ୍ୟ ଆଜି ଜନସ୍ମୃତିରେ ଅମର ହୋଇ ରହିଯାଇଛନ୍ତି ।


*କୁରୁଣ୍ଡି, ରାଜନଗର, କେନ୍ଦ୍ରାପଡ଼ା*
*ମୋ. ୮୯୧୭୨୧୩୦୭୩*


# ମହାଯୋଗୀ ଶ୍ରୀ ଅରବିନ୍ଦ


■ ପ୍ରଫେସର ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ ■


କେବଳ ଭାରତ କାହିଁକି ସମଗ୍ର ବିଶ୍ୱର ଆଧ୍ୟାତ୍ମିକ କ୍ଷେତ୍ରକୁ ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ଯୋଗଦାନ ଅଭୂତପୂର୍ବ । ବେଦ, ଉପନିଷଦ ସମେତ ଭାରତର ବିଭିନ୍ନ ଧର୍ମ ଗ୍ରନ୍ଥ ଅଧ୍ୟୟନ ଏବଂ ସେଗୁଡ଼ିକର ବ୍ୟାଖ୍ୟା କରି ନିଜ ଲେଖା ମାଧ୍ୟମରେ ସେ ଅନେକ କୃତି ଛାଡ଼ି ଯାଇଛନ୍ତି । ଯୋଗସାଧନା ଉପରେ ସେ ମୌଳିକ ଗ୍ରନ୍ଥ ରଚନା କରିଛନ୍ତି । ବିଶ୍ୱ ଦର୍ଶନ ଶାସ୍ତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ସମଗ୍ର ବିଶ୍ୱରେ ମହାଯୋଗୀଙ୍କ ସାଧନାର ବହୁ ଅନୁଗାମୀ ରହିଛନ୍ତି । ଶ୍ରୀଅରବିନ୍ଦଙ୍କ ବାଣୀ ଏବଂ ତାଙ୍କ ଦର୍ଶନ ଯୁଗ ଯୁଗ ଧରି ପ୍ରାସଙ୍ଗିକ ହୋଇ ରହିବ । ଏହି ମହାଗୁରୁ ବିଦେଶରୁ ଶିକ୍ଷା ଲାଭ କରିବା ସହ ସେ ଇଂରାଜୀ, ଜର୍ମାନ୍, ଫ୍ରେଞ୍ଚ, ଇଟାଲି ଆଦି ଭାଷାରେ ନିପୁଣତା ପ୍ରାପ୍ତ କରିଥିଲେ । ସେ ସଫଳତା ପୂର୍ବକ ଆଇସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏତେ ସବୁ ସଫଳତା ହାସଲ କରିବା ପରେ ବ୍ରିଟିଶ ସରକାର ଅଧିନରେ ଚାକିରି କରିବା ପରିବର୍ତ୍ତେ ସେ ଦେଶମାତୃକାରେ ସେବାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ୧୮୭୨, ଅଗଷ୍ଟ ୧୫– ସମଗ୍ର ଭାରତବାସୀଙ୍କ ପାଇଁ ଏକ ଗୌରବର ଦିବସ । ଏହି ଦିନ କେବଳ ଭାରତ ସ୍ୱାଧୀନ ହୋଇଥିଲା ତାହା ନୁହେଁ ବରଂ ଭାରତମାତାର ଜଣେ ଯୋଗ୍ୟତମ ସନ୍ତାନର ଏ ଧରା ପୃଷ୍ଠରେ ଆବିର୍ଭାବ ଘଟିଥିଲା ।

ଏଣୁ ପ୍ରତିବର୍ଷ ଭାରତବାସୀ ପରମ ଶ୍ରଦ୍ଧାରେ ଏକାଧାରରେ ସ୍ମରଣ କରିବେ ଯେ, ଏହି ଦିବସରେ ହୋଇଥିଲା ଭାରତର ସ୍ୱାଧୀନତା ଅଭ୍ୟୁଦୟ ଓ ସ୍ୱାଧୀନତାର ଅଗ୍ରଦୂତ ଶ୍ରୀଅରବିନ୍ଦଙ୍କ ଅଭ୍ୟୁଦୟ । ଶ୍ରୀ ଅରବିନ୍ଦ ପିତାମାତା ତାଙ୍କୁ ଆଦରରେ 'ଅରୋ' ବୋଲି ଡାକୁଥିଲେ । ସେ ଥିଲେ ପିତାମାତାଙ୍କର ତୃତୀୟ ସନ୍ତାନ । ତାଙ୍କ ବଡ଼ଭାଇଙ୍କ ନାମ ବିନୟ ଭୂଷଣ ଓ ମନ ମୋହନ । ଶ୍ରୀଅରବିନ୍ଦଙ୍କ ଜନ୍ମ ପରେ ଜନ୍ମଗ୍ରହଣ କରିଥିଲେ ଭଉଣୀ ସରୋଜିନୀ ଓ ସାନଭାଇ ବାରୀନ୍ଦ୍ର କୁମାର । ଡ. କୃଷ୍ଣଧନ ଘୋଷ ନିଜ ପିଲାମାନଙ୍କୁ ପାଶ୍ଚାତ୍ୟ ଶୈଳୀରେ ଗଢ଼ି ତୋଳିବାକୁ ଚାହୁଁଥିଲେ ।

ତେଣୁ ସେ କହୁଥିଲେ – 'ଭାରତ ଏକ ଜଡ଼ ପଦାର୍ଥ, ମାଟି, କ୍ଷେତ୍ର, ବନ, ପର୍ବତ, ନଦୀକୁ ନେଇ ଗଠିତ ଭୂଗର୍ଭ ନୁହେଁ । ଏ ହେଉଛି ସ୍ୱୟଂ ଜଗଜ୍ଜନନୀ । ପାଞ୍ଚବର୍ଷ ବୟସରୁ ଅରୋଙ୍କ ବାଲ୍ୟଶିକ୍ଷା ଆରମ୍ଭ ହେଲା । ପ୍ରଥମେ ସେ ଲୋରେଟା କନ୍‌ଭେ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ପ୍ରଥମେ ସେ ଲୋରେଟା କନ୍‌ଭେ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ସାତବର୍ଷ ବୟସରେ ତାଙ୍କୁ ଦେଶ ଛାଡ଼ି ଯିବାକୁ ପଡ଼ିଲା । ତାଙ୍କ ମାତାଙ୍କ ମସ୍ତିଷ୍କ ରୋଗ ଚିକିତ୍ସା ପାଇଁ ପିତା କୃଷ୍ଣଧନ ସପରିବାର ଯାଇ ମାଞ୍ଚେଷ୍ଟରରେ ରହିଲେ । ସେଠାରେ ଡ୍ରୁଟେ ଦମ୍ପତିଙ୍କ ତତ୍ତ୍ୱାବଧାନରେ ଶ୍ରୀଅରବିନ୍ଦଙ୍କ ପାଠପଢ଼ା ଚାଲିଲା । ଏହି ବୟସରୁ ହିଁ ତାଙ୍କ ପ୍ରତିଭାର ବିକାଶ ଘଟିଲା । ତାଙ୍କୁ ଯାହା ଶିକ୍ଷା ଦିଆଯାଉଥିଲା ସେ ସଙ୍ଗେ ସଙ୍ଗେ ସବୁ ଶିଖି ଦେଉଥିଲେ । ଶ୍ରୀ ଅରବିନ୍ଦ ଥିଲେ ଶାନ୍ତ ସ୍ୱଭାବର ଓ ବିଚକ୍ଷଣ ପ୍ରତିଭାର ଅଧିକାରୀ । ମାତ୍ର ଦଶବର୍ଷ ବୟସରୁ ଲାଟିନ୍ ଓ ଇଂରାଜୀ ଭାଷାରେ ସୁନ୍ଦର କବିତା ଲେଖିବାକୁ ଆରମ୍ଭ କଲେ । ଏଗାର ବର୍ଷ ବୟସରେ ସେ ଅନ୍ତରରେ ଅନୁଭୂତି ଲାଭ କଲେ ଯେ ସାରା ଜଗତ ପାଇଁ ତାଙ୍କୁ ଭୂମିକା ଗ୍ରହଣ କରିବାକୁ ପଡ଼ିବ । ତେରବର୍ଷ ବୟସରେ ସେ ଲଣ୍ଡନ ଯାଇ ସେ ପଲ୍‌ସ ସ୍କୁଲରେ ଭର୍ତ୍ତି ହେଲେ । ସେଠାରେ ସେ ଗ୍ରୀକ୍ ଓ ଫରାସୀ ଭାଷା ଶିଖିଲେ । ଚଉଦ ବର୍ଷ ବେଳକୁ ସେ ଇଉରୋପରେ ଇଂରାଜୀ, ଲାଟିନ୍, ଗ୍ରୀକ୍, ଫରାସୀ, ଇଟାଲିୟାନ୍, ଜର୍ମାନୀ ଓ ସ୍ପେନିଶ୍ ଏହି ପରି ସାତୋଟି ଭାଷାର ଅଧିକାରୀ ହୋଇ ସାରିଥିଲେ । ଏହି ସମୟରେ ତାଙ୍କୁ ନାନା ଦୁଃଖ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା । ଟଙ୍କା ଅଭାବରୁ ବେଳେ ବେଳେ ସେ ଭୋକ ଉପାସରେ ରହୁଥିଲେ । ଶୀତରେ ଘୋଡ଼େଇ ହେବାପାଇଁ ତାଙ୍କ ନିକଟରେ ଚଦରଟିଏ ନଥିଲା ।

ଶ୍ରୀ ଅରବିନ୍ଦ ଲଣ୍ଡନରେ ରହି ପାଠ ପଢୁଥିବା ସମୟରେ ତାଙ୍କ ପିତା କୃଷ୍ଣଧନ ତାଙ୍କ ଭିତରେ ଦେଶ ପ୍ରେମର ବୀଜପବନ କରିଥିଲେ । ସେ ସମୟରେ ଭାରତୀୟ ମାନଙ୍କ ପ୍ରତି ଇଂରେଜମାନଙ୍କ ଅକଥନୀୟ ଅତ୍ୟାଚାର ବିଷୟରେ ଚିଠି ଲେଖି ଜଣାଉଥିଲେ । ଏସବୁ ପଢ଼ି ଶ୍ରୀ ଅରବିନ୍ଦଙ୍କ ମନରେ ଦେଶପ୍ରେମର ଭାବ ଜାଗ୍ରତ ହେଲା । ଏହାଥିଲା ଦେଶ କାର୍ଯ୍ୟ ପାଇଁ ଆୟମାରମ୍ଭ । ପରାଧୀନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ସେ ତାଙ୍କ ସମଗ୍ର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ ।


*ଫକୀରମୋହନ ମେଡ଼ିକାଲ କଲେଜ,*
*ବାଲେଶ୍ୱର*


# ପରାମର୍ଶ ନେବା ଓ ଦେବାର ଅଧିକାର ସମସ୍ତଙ୍କର ଅଛି



**ଦୁନିଆର ହାଲ୍**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**

ଖାଲି ପରାମର୍ଶ ଦେଲେ, ତାହା ଯଥେଷ୍ଟ ନୁହେଁ । କିନ୍ତୁ ସମୟରେ ଅନୁଭବ ଆସେ ଯେ ଠିକ ଜାଗାରେ କି ଠିକ୍ ପରିସ୍ଥିତିରେ ପରାମର୍ଶ ନଦେଲେ କଥା ବିଗିଡ଼ି ଯିବ । ଆପଣ ଯଦି ସମାଜର ମଣିଷଟିଏ ଆପଣଙ୍କ ସମ୍ପର୍କ ଅନ୍ୟମାନଙ୍କ ସହ ପ୍ରତିଷ୍ଠିତ ହେବ । ଆପଣଙ୍କର ଅନୁଭବ ଆସିବ ଯେ ପ୍ରତ୍ୟେକଙ୍କ ଜୀବନରେ ସୁଧାର ଆଣିବାକୁ ହେବ । ନିଜେ ସୁଧାର ନଥିଲେ, ଅନ୍ୟମାନଙ୍କୁ ପରାମର୍ଶ ଦେବାର ଅଧିକାର ନାହିଁ । ଛାତ୍ରଛାତ୍ରୀ, ଯୁବକ, ଯୁବତୀ ବିଶୃଙ୍ଖଳା ହୋଇଯାଉଛନ୍ତି । ଗୁରୁଜନମାନଙ୍କୁ ତଥା ବୟସ୍କମାନଙ୍କୁ ଯେତିକି ସମ୍ମାନ ଦେବାକଥା, ଦେଉନାହାନ୍ତି । ଏକଥା ତାଙ୍କୁ କହିବାକୁ ପଡିବ । ସେଇଠି ନିଜ ମନକୁ ଅନେକ ପ୍ରଶ୍ନ ଆନ୍ଦୋଳିତ କରିବ । ମୁଁ କି ଆପଣ ଯଦି ଶୃଙ୍ଖଳିତ ହୋଇପାରିନେ, ଏମାନଙ୍କୁ କାହିଁକି କୁହାଯିବ । ଆପଣ ଯଦି ସୁଯୋଗ ପାଇ ସାମାଜିକ ନିୟନ୍ତ୍ରଣକୁ ମାନୁ ନାହାନ୍ତି, ଆପଣଙ୍କର ନୂତନ ପିଢିର ଛାତ୍ରଛାତ୍ରୀ, ଯୁବକ ଓ ଯୁବତୀଙ୍କୁ କେତେ ପରାମର୍ଶ ଓ ନିର୍ଦ୍ଦେଶ ଦେଇପାରିବେ । ମନଭିତରେ ଯଦି କିଛି ଆକାଂକ୍ଷା ଉଦ୍ରେକ ହେଲା, ଯାହା ଆପଣଙ୍କୁ ଅବାଟକୁ ନେଇଯାଉଛି, ଆପଣ ପରାମର୍ଶ ଦେବା ସମୀଚିନ ହେବନାହିଁ । କିନ୍ତୁ ଉଚିତ ପରାମର୍ଶ ଦେଲେ ବହୁତ ସୁଧାର ଆସିବ । ଗୋଟିଏ ଦୃଷ୍ଟାନ୍ତ ଦେଉଛି । କିଛିବର୍ଷ ତଳେ ମୁଁ ଦିଲ୍ଲୀରୁ ଭୁବନେଶ୍ୱର ରେଳଗାଡ଼ିରେ ଆସୁଥିଲି । ଡ଼ବାଟି ସ୍ଲିପର କୋଚ ଥିଲା । ସେଇ ଡ଼ବାରେ ମୋ ବର୍ଥକୁ ଲାଗି ୫/୬ ଟି ବର୍ଥରେ ଦିଲ୍ଲୀରୁ କିଛି ଯୁବବନ୍ଧୁ ଥିଲେ । ସେମାନେ ପଢିଥିବା କଲେଜର ପ୍ରାକ୍ତନ ଛାତ୍ର ସଂସଦର ସଭା ଓ ଉତ୍ସବରେ ଯୋଗଦେଇ ଫେରୁଥିଲେ । ସେମାନେ ପାଟିକରି ଏତେ ଅସଭ୍ୟ କଥା କହୁଥିଲେ ଯେ ତାହା ଶୁଣି ହେଉନଥିଲା । ମୁଁ ଭାବିଲି ମୋର ପରିଚୟ ଦେଇ ତାଙ୍କୁ କହିବି ଏତେ ଅସଭ୍ୟ ହୁଅନାହିଁ । କିନ୍ତୁ ଦ୍ୱନ୍ଦ୍ୱରେ ପଡିଲି, କହିବି କି ନାହିଁ । ଭୁବନେଶ୍ୱର ଷ୍ଟେସନ ନିକଟତର ହେଉଥିଲା । ମୁଁ ଓହ୍ଲାଇବା ପାଇଁ ପ୍ରସ୍ତୁତ ହେଉଥିଲି । ସେମାନେ ବୋଧହୁଏ ଭୁବନେଶ୍ୱରରେ ଓହ୍ଲାଇବେ । ମୋ ପାଖକୁ ସେମାନଙ୍କ ଭିତରୁ ଜଣେ କି ଦି'ଜଣ ଆସି କହିଲେ ଅଙ୍କଲ ବ୍ୟସ୍ତ ହୁଅନ୍ତୁ ନାହିଁ, ଆପଣଙ୍କୁ ଓ ଆପଣଙ୍କର ସୁଟକେଶ ଓ ବ୍ୟାଗ ଓହ୍ଲାଇ ଦେବୁ । ବୋଧହୁଏ ସେମାନେ ମୋ ପରିଚୟ ମୋ ସୁଟକେଶରେ ଲାଗିଥିବା ଟ୍ୟାଗ୍‌ରୁ ଜାଣିପାରିଲେ । ମୋତେ ମୋର ଗାଡ଼ିର ଡ୍ରାଇଭର ଆସି ନନେବା ପର୍ଯ୍ୟନ୍ତ ସେମାନେ ମୋ ଚାରିପାଖରେ ଠିଆ ହୋଇଥିଲେ । ସେମାନଙ୍କୁ ବହୁତ ଦିନଯାଏଁ ମନେ ରଖିଥିଲି । ଏବେ ଭୁଲିଗଲିଣି । ମୁଁ ଭାବିଲି ଆଗରୁ ସେମାନଙ୍କୁ ସଚେତନ କରିଥିଲେ ହୁଏତ ଡବା ଭିତରେ ଅସଭ୍ୟ କଥା କହିନଥାନ୍ତେ ।

ନିଜ ଘରେ ନିଜ ପୁଅଟିକୁ ଆମେ ଯଦି ପରାମର୍ଶ ଦେଇପାରୁନୁ, ଅନ୍ୟକୁ କାହିଁକି କହିବା? ଗାଡ଼ି ଜୋରରେ ଚଲାଅ ନାହିଁ, ଟ୍ରାଫିକ ନିୟମ ମାନ, ହେଲମେଟ ପିନ୍ଧ, ସିଗାରେଟ ଖାଇବ ନାହିଁ, କୌଣସି ପରିସ୍ଥିତିରେ ନିଶାଶକ୍ତ ହୁଅନାହିଁ । ସେମାନେ ଜାଣନ୍ତି ଏସବୁ ମାନିବା ନିହାତି ଆବଶ୍ୟକ । ଶହ ଶହ ଲୋକଙ୍କର ଦୁର୍ଘଟଣାରେ ଜୀବନ ଯାଉଛି । ଟିକେ ସଚେତନ ହେବାପାଇଁ ତାଙ୍କୁ କହିବା ନାହିଁ? ଏବେ ଦୂରଦର୍ଶନ କି ରେଡ଼ିଓ ଦେଖି ହେଉନାହିଁ କି ଶୁଣି ହେଉନାହିଁ, ଯେଉଁ ଦୁର୍ଘଟଣାର ସମ୍ବାଦ ପ୍ରସାରିତ ହେଉଛି । ପବ୍ଲିକ ଟ୍ରାନ୍ସପୋର୍ଟର ବସ (ବିଭିନ୍ନ ପ୍ରକାରର ବସ) ଠିକ ଚାଲୁନାହିଁ । ଡ୍ରାଇଭର ଏପରି ଗାଡି ଚଲାଉଛି, ରାସ୍ତାରେ ଯାଉଥିବା ଲୋକଙ୍କ ସହିତ ସାଂଘାତିକ ଭାବରେ ଦୁର୍ଘଟଣା ଘଟାଉଛି । ହୁଏତ ଏଇ ଡ୍ରାଇଭରମାନେ ଠିକ ପ୍ରଶିକ୍ଷଣ ପାଇନାହାନ୍ତି ଅଥବା ଗାଡି ଚଲାଇବା ସମୟରେ ଲୋକମାନଙ୍କର ନିରାପତ୍ତା ବିଷୟରେ ସଚେତନ ନୁହନ୍ତି । ଗାଡି ଚଲାଇବାବେଳେ ଯେଉଁ ନିୟମ ମାନିବା କଥା, ତାକୁ ମାନୁ ନାହାନ୍ତି ।

ଏବେ ଗୋଟିଏ ବୈଠକ ଅନୁଷ୍ଠିତ ହେଉଥିବା ଲକ୍ଷ୍ୟକଲି । ସେଠି କର୍ମଚାରୀମାନେ ତାଙ୍କ କର୍ତ୍ତୃପକ୍ଷଙ୍କୁ କହୁଥିଲେ ଯେ ସେମାନଙ୍କୁ ଠିକ ବେତନ ଦେବାର ବ୍ୟବସ୍ଥାର ପୁନର୍ବିଚାର ଆବଶ୍ୟକ । ସେମାନେ ସେମାନଙ୍କ କଥା କହୁଥିଲେ । ଯଥାର୍ଥ ଅଭିଯୋଗ । କିନ୍ତୁ ଯେଉଁ ଉପାୟରେ ସେମାନେ କହୁଥିଲେ ତାହାର ଗୁରୁତ୍ୱ ବୁଝୁନଥିଲେ । ହସି, ଥଟ୍ଟାମଜା କରି କ'ଣ ନିଜର ଗୁହାରୀ ଜଣାଇବେ । ସେମାନେ କ୍ରିତଦାସ ନହୁଅନ୍ତୁ, କିନ୍ତୁ କହିବାରେ ଶାଳୀନତା ରକ୍ଷା କରନ୍ତୁ । ଶାଳୀନତା ପରା ସମାଜଟିଏ ଗଢିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର ।

ଛାତ୍ରଛାତ୍ରୀ, ଯୁବକ ଓ ଯୁବତୀ ସବୁବେଳେ ଖୁସିରେ ରହିବା କଥା ତାଙ୍କ ଆନନ୍ଦରେ କେହି ଲକ୍ଷ୍ମଣରେଖା ଟାଣି ଆଣିବା କଥା ନୁହେଁ । ସେମାନେ ବନ୍ଧୁ ହୁଅନ୍ତୁ । ନାଚନ୍ତୁ, ଗାଆନ୍ତୁ, ନିବିଡ଼ତା ପ୍ରତିଷ୍ଠା କରନ୍ତୁ । କିନ୍ତୁ ତାଙ୍କ ସମ୍ପର୍କ ଗଢିହୋଇ ପୁଣି ଭାଙ୍ଗି ନଯାଉ । ସମାଜରେ ଅନେକ କଥା ଏପରି ସବୁ ଘଟିଯାଉଛି । ସବୁର ଉତ୍ତର ଖୋଜି ହେଉନାହିଁ । ଗୋଟିଏ ପୁଅ, ଯାହାକୁ ନିବିଡ଼ ଭାବରେ ଜାଣିଛି, ସେ ତା'ର ଗୋଟିଏ ସହପାଠିନୀକୁ ଭଲ ପାଇବାକୁ ଆରମ୍ଭ କଲା । ତା'ର ଏପରି ଭଲ ପାଇବା କଥାଟିକୁ ତା' ବାପା ଓ ମା'ଙ୍କୁ ଜଣାଇଲା । ସମସ୍ତେ ପ୍ରସ୍ତୁତ ହେଇଥିଲେ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଦେବେ । କ'ଣ ହେଲା କେଜାଣି, ଝିଅଟିର ମା' ପୁଅକୁ ନାପସନ୍ଦ କରିବାକୁ ଲାଗିଲେ । ପୁଅର ମା'କୁ ଏକଥା ଭଲ ଲାଗିଲା ନାହିଁ । ଏପରି କଥାଟିର ମୋଡ କୁଆଡେ ଯିବ, କିଏ କହିବ । ସେମାନଙ୍କର ଚାରିପାଖେ ଏତେ ପରାମର୍ଶଦାତା ଯେ ଠିକ ପରାମର୍ଶ କେହି ଦେଉନାହାନ୍ତି ।

ଆଉ ଗୋଟେ ଯୁବକ ବିବାହ ହୋଇସାରିଛନ୍ତି । ସ୍ୱାମୀ ସ୍ତ୍ରୀ ଭାବରେ ଚଳିବା ୩/୪ ମାସ ହୋଇଛି । ପୁଅଟି ଏ ବିବାହ ବନ୍ଧନକୁ ତୁଟାଇ ଦେବାପାଇଁ ଚାହୁଁଛି । ବାହାଘର ପୂର୍ବରୁ ପରସ୍ପରକୁ ଜାଣିଥିଲେ, ଭଲ ଭାବରେ ପରିଚିତ ହୋଇଥିଲେ ଉତ୍ତମ ହୋଇଥାଆନ୍ତା । ଯିଏ ଏବେ କଥାଟିକୁ ସଜାଡି ଦେବାପାଇଁ ଯେଉଁ ପରାମର୍ଶ ଦେଉଥିବେ ତାହା ଗ୍ରହଣୀୟ ହେଉଛି କି ନାହିଁ । କିନ୍ତୁ ଦୁଃଖର ସହିତ ମୁଁ କହିବାକୁ ଚାହେଁ ଯେ ମନାନ୍ତର ଓ ମତାନ୍ତର ବିବାହ ବନ୍ଧନ ଓ ବନ୍ଧୁତା ଭୁଶୁଡି ନପଡୁ । ବୈବାହିକ ଜୀବନ ଓ ବନ୍ଧନ ଅତି ପବିତ୍ର । ତାକୁ ଆଦରର ସହିତ ରକ୍ଷା କରିବା ଆବଶକ ।

ମୁଁ ଅନେକ ସମୟରେ ଭାବିଥାଏ ଯଦି ମୁଁ ଠିକ ନାହିଁ, ଅନ୍ୟକୁ କିପରି କହିବି । ଭଗବାନଙ୍କୁ ପ୍ରାର୍ଥନା କଲାବେଳେ କହିଥାଏ, ମୋତେ ଠିକ ମଣିଷଟିଏ କରିଦିଅ। ମୁଁ କୌଣସି ସମୟରେ ଭୁଡି ନଯାଏ । ଠିକ ମଣିଷଟିଏ ହେଲେ ସିନା ଅନମାନଙ୍କୁ ସୁଧାରିବା ପାଇଁ ପରାମର୍ଶ ଦେବି । ମୁଁ ନିଜେ ଅମଣିଷ ହୋଇଥିଲେ ମଣିଷ ହେବାପାଇଁ କାହାକୁ କାହିଁକି କହିବି?


*ଜେଲରୋଡ଼, ଖୋର୍ଦ୍ଧା,*
*ମୋ. ୯୪୩୭୩୦୨୪୧୭*

# ଓଡ଼ିଶା ଏକ୍ସପ୍ରେସ୍

**ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ**

ଭୁବନେଶ୍ୱର ୧୨ ଡିସେମ୍ବର ୨୦୨୫ ଶୁକ୍ରବାର ପୃଷ୍ଠା ୫


ପର୍ବତାରୋହଣ ସବୁବେଳେ ରୋମାଞ୍ଚରେ ଭରା । ଉଚ୍ଚ, ବିଶାଳ ପର୍ବତକୁ ଦେଖିଲେ ତାକୁ ଛୁଇଁବାକୁ ମନହୁଏ । ପର୍ବତ ବିଭିନ୍ନ ପ୍ରକାରର । କିଏ ସବୁଜିମାରେ ଭରପୂର ତ କିଏ ବରଫର ଚାଦର ଘୋଡେଇ ହୋଇ ବସିଥାଏ ବର୍ଷସାରା । ଆଉ କିଛି ପର୍ବତ ବାଲିଆ କିମ୍ବା ଚିକ୍କଣ ଟାଣ ପଥର ବିଶିଷ୍ଟ । ପର୍ବତକୁ ବିଜୟ କରିବାର, ଏହାର ଶିଖର ଛୁଇଁବାର ଆକର୍ଷଣ ସବୁ ରୋମାଞ୍ଚ ପ୍ରିୟ ମଣିଷର ରହିଛି । ହେଲେ କେତେଗୁଡିଏ ପର୍ବତ ଏମିତି ଅଛି ଯାହାର ଆକର୍ଷଣ ତ ଅଧିକ ହେଲେ ଏଥିସହ ବିପଦ ବି ଅନେକ ରହିଛି । ଏଗୁଡିକର ଶିଖରରେ ପହଞ୍ଚିବାର ଉଦ୍ୟମରେ ଅନେକେ ଜୀବନ ହରାଇଛନ୍ତି ।

# ରମଣୀୟ ଓ ରୋମାଞ୍ଚକର ପର୍ବତ

ବିଶ୍ୱର ଉଚ୍ଚତମ ପର୍ବତ ରହିଛି ପ୍ରଶାନ୍ତ ମହାସାଗରର ହାୱାଇ ଦ୍ୱୀପରେ । ଏହାର ନାମ ମୋନାକି । ମୋନାକିର ଉଚ୍ଚତା ୩୩୪୭୪ ଫୁଟ୍ । ତେବେ ଏହାର ମାତ୍ର ୧୩୭୯୬ ଫୁଟ ପାଣି ବାହାରକୁ ରହିଛି । ସମୁଦ୍ର ପତ୍ତନରୁ ବିଶ୍ୱର ଉଚ୍ଚତମ ପର୍ବତ ଶୃଙ୍ଗ ହେଉଛି ଏଭରେଷ୍ଟ । ୧୮୩୦ ମସିହାରୁ ୧୮୪୩ ମସିହା ପର୍ଯ୍ୟନ୍ତ ଭାରତର ସର୍ଭେୟର ଜେନେରାଲ ଥିବା ସାର୍ ଜର୍ଜ ଏଭରେଷ୍ଟଙ୍କ ନାମ ଅନୁଯାୟୀ ଏହାର ନାମ ଏଭରେଷ୍ଟ ରଖାଯାଇଛି । ପ୍ରତିବର୍ଷ ଏହି ଶୃଙ୍ଗ ୪ ମିଲିମିଟର ବଢୁଛି ।






### ଇଗର ସ୍ୱିଜରଲାଣ୍ଡ

ସ୍ୱିଜରଲାଣ୍ଡର ଆଲପସ ପର୍ବତ ଶ୍ରେଣୀ ଅନ୍ତର୍ଗତ ଇଗର ପର୍ବତଶୃଙ୍ଗ ସମୁଦ୍ର ପତ୍ତନରୁ ୩୯୭୦ ମିଟର ଉଚ୍ଚରେ । ପ୍ରଥମଥର ପାଇଁ ୧୮୫୮ ମସିହାରେ ଏହି ପର୍ବତ ଶୃଙ୍ଗ ଚଢ଼ିବାର ପ୍ରୟାସ କରାଯାଇଥିଲା । କିନ୍ତୁ ଏହା ସଫଳ ହୋଇନଥିଲା । ୧୯୩୮ ମସିହା ଜୁଲାଇ ମାସ ୨୪ ତାରିଖରେ ପ୍ରଥମଥର ପାଇଁ ଏହାର ଉତ୍ତର ମାର୍ଗରୁ ପର୍ବତ ଶୃଙ୍ଗରେ ପହଞ୍ଚିପାରିଥିଲେ ପର୍ବତାରୋହୀ । ଏହି ଶୃଙ୍ଗ ବିଜୟ କରିବାର ଚେଷ୍ଟାରେ ୧୯୩୫ରେ ପର୍ବତାରୋହଣ କରିଥିବା ୬୪ଜଣ ପର୍ବତ ଚଢ଼ାଳି ମୃତ୍ୟୁବରଣ କରିଥିଲେ । ଏହାଫଳରେ ଏହି ଶୃଙ୍ଗକୁ କୁହାଗଲା ମର୍ଡରୱାଲ ବା ହତ୍ୟାକାରୀ ପର୍ବତ । ଏହି ପର୍ବତ ଚଢ଼ିବାର ରାସ୍ତା ଯେତିକି କଷ୍ଟ ସେତିକି ବିପଜ୍ଜନକ । ବର୍ଷ ସାରା ନିୟମିତ ଭାବରେ ବଡ଼ ବଡ଼ ପଥର ଖଣ୍ଡ ଖସୁଥାଏ । ଅନେକ ପର୍ବତାରୋହୀ ଏହି କାରଣରୁ ପ୍ରାଣ ହରାନ୍ତି ।

### ଅନ୍ନପୂର୍ଣ୍ଣା (ନେପାଳ)

ଅନ୍ନପୂର୍ଣ୍ଣା ଦୁନିଆର ଦଶମ ଉଚ୍ଚତମ ପର୍ବତ ଶୃଙ୍ଗ । ସମୁଦ୍ର ପତ୍ତନରୁ ଏହାର ଉଚ୍ଚତା ୮୦୯୧ ମିଟର । ୧୯୫୦ ମସିହାରେ ପ୍ରଥମେ ଏହି ଶୃଙ୍ଗ ବିଜୟର ଉଦ୍ୟମ ହୋଇଥିଲା । ତେବେ ୧୯୭୦ ମସିହାରେ ହିଁ ପର୍ବତାରୋହୀମାନେ ଏହାର ଶିଖରରେ ପହଞ୍ଚି ପାରିଥିଲେ । ଆଜିପର୍ଯ୍ୟନ୍ତ ୧୫୭ଜଣ ପର୍ବତାରୋହୀ ଏହାର ଶିଖରରେ ପହଞ୍ଚିଛନ୍ତି । ଅନ୍ନପୂର୍ଣ୍ଣା ଆରୋହଣ ଉଦ୍ୟମରେ ୩୮ ପ୍ରତିଶତ ପର୍ବତାରୋହୀ ପ୍ରାଣ ହରାଇଥିବାର ରେକର୍ଡ ରହିଛି । ୮ହଜାର ମିଟରରୁ ଅଧିକ ଉଚ୍ଚତାରେ ଥିବା ସବୁ ଶୃଙ୍ଗ ମଧ୍ୟରେ ଏହା ଅଧିକ ବିପଦସଙ୍କୁଳ । ଏହାର ଦକ୍ଷିଣ ପାର୍ଶ୍ୱ ରାସ୍ତା ଅଧିକ କଷ୍ଟ ବୋଲି ଜଣାଯାଇଛି । ଆଜିପର୍ଯ୍ୟନ୍ତ ସ୍ଲୋଭେନିୟ ପର୍ବତାରୋହୀ ଟୋମାଜ ହୁମାର ଏକମାତ୍ର ବ୍ୟକ୍ତି ଭାବରେ ଦକ୍ଷିଣ ପାର୍ଶ୍ୱରୁ ଅନ୍ନପୂର୍ଣ୍ଣା ଆରୋହଣ କରିଛନ୍ତି । ଏହି ଶୃଙ୍ଗ ଶିଖରରେ ପହଞ୍ଚିବା ପାଇଁ ଚେଷ୍ଟା କରି ୬୦ଜଣ



ପ୍ରାଣ ହରାଇଛନ୍ତି ।

### ଏଭରେଷ୍ଟ (ନେପାଳ)

ବିଶ୍ୱର ଉଚ୍ଚତମ ଶୃଙ୍ଗ ଏଭରେଷ୍ଟକୁ ନେପାଳରେ ସାଗରମଥା ଏବଂ ତିବ୍ବତରେ କୋମଲୁଙ୍ଗମା କୁହାଯାଏ । ଏହା ହିମାଳୟର ମହାଲଗୁର୍ କ୍ଷେତ୍ରରେ ରହିଛି । ସମୁଦ୍ର ପତ୍ତନରୁ ଏହାର ଉଚ୍ଚତା ୮୮୪୮ ମିଟର । ୧୯୫୩ ମସିହା ମେ' ମାସରେ ପ୍ରଥମଥର ପାଇଁ ନେପାଳର ତେନ୍‌ଜିଙ୍ଗ ନର୍ଗେ ଏବଂ ନ୍ୟୁଜିଲାଣ୍ଡର ଏଡ୍‌ମଣ୍ଡ ହିଲାରୀ ଏହି ଶୃଙ୍ଗ ଶିଖରରେ ପାଦ ଦେଇଥିଲେ । କିନ୍ତୁ ବର୍ତ୍ତମାନ ପ୍ରତିବର୍ଷ ହଜାର ହଜାର ପର୍ବତାରୋହୀ ଏହି ଶୃଙ୍ଗ ଆରୋହଣ କରୁଛନ୍ତି । ଏହି ଶୃଙ୍ଗକୁ ଦକ୍ଷିଣ ଭାଗରୁ ଚଢ଼ିବା ସାମାନ୍ୟ ସହଜ । ବର୍ତ୍ତମାନ ପ୍ରାୟ ବର୍ଷକୁ ୭ଶହ ପର୍ବତାରୋହୀ ଏଭରେଷ୍ଟ ଚଢୁଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ସଫଳ ମଧ୍ୟ ହେଉଛନ୍ତି । ଖ୍ୟାତନାମା ପର୍ବତାରୋହୀ ଷ୍ଟିଫେନ୍ ଭେନେବୁଲ୍ କହିଛନ୍ତି ଏଭରେଷ୍ଟକୁ ବର୍ତ୍ତମାନ ଏକ ଗଣ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିଦିଆଯାଇଛି । ତେଣୁ ଦୁନିଆର ଉଚ୍ଚତମ ପର୍ବତ ଶୃଙ୍ଗ ଏବେ ନିଜର ମୂଲ୍ୟ ହରାଇବାରେ ଲାଗିଛି । ଅଧିକାଂଶ ସମୟରେ ନେପାଳି ଶେର୍ପାମାନେ ପର୍ବତାରୋହୀଙ୍କୁ ଏଭରେଷ୍ଟ ଶିଖରରେ ପହଞ୍ଚାଇ ଦେଉଛନ୍ତି, ନଚେତ୍ ଏହି ପର୍ବତ ଚଢ଼ିବା ବା ସହଜ ବ୍ୟାପାର ନୁହେଁ । ଆଜିପର୍ଯ୍ୟନ୍ତ ପ୍ରାୟ ଦୁଇଶହରୁ ଅଧିକ ପର୍ବତାରୋହୀ ଏଭରେଷ୍ଟ ଶିଖରରେ ପହଞ୍ଚିବାର ଚେଷ୍ଟାରେ ପ୍ରାଣ ହରାଇଛନ୍ତି । ଶହ ଶହ ପର୍ବତାରୋହୀ ଏଥିରେ ଅସଫଳ ହେଉଛନ୍ତି ପ୍ରତିବର୍ଷ ।

### କେ-୨ (ପାକିସ୍ତାନ)

ଦୁନିଆର ଦ୍ୱିତୀୟ ବୃହତ୍ତମ ପର୍ବତ ଶୃଙ୍ଗ କେ-୨ ରହିଛି ପାକିସ୍ତାନର କାରାକୋରମ୍ ପର୍ବତ ଶ୍ରେଣୀରେ । ସମୁଦ୍ର ପତ୍ତନରୁ ୮୬୧୧ ମିଟର ଉଚ୍ଚତାରେ ଅଛି ଏହି ଶୃଙ୍ଗ । ପର୍ବତାରୋହୀଙ୍କ ପାଇଁ ଏହା ମଧ୍ୟ ଖୁବ୍ ବିପଜ୍ଜନକ ମାର୍ଗ । ପ୍ରାୟ ୧୪ ପ୍ରତିଶତ ପର୍ବତାରୋହୀ ପ୍ରାଣ ହରାନ୍ତି ଏହାକୁ ଆରୋହଣ କରିବା ଉଦ୍ୟମରେ । ଶିଖରରେ ପହଞ୍ଚିଥିବା ପ୍ରତି ଚାରିଜଣରେ ଜଣେ ପର୍ବତାରୋହୀଙ୍କ ପାଇଁ ଜଣେ ନିଶ୍ଚୟ ପ୍ରାଣ ହରାଇଥାନ୍ତି । ଆଜି ପର୍ଯ୍ୟନ୍ତ ଶୀତଦିନେ କୌଣସି ପର୍ବତାରୋହୀ ଏହାକୁ ଆରୋହଣ କରିପାରିନାହାନ୍ତି । ଶୃଙ୍ଗର ଶିଖରରେ ଅଧିକାଂଶ ସମୟରେ ଭୀଷଣ ଝଡ଼ ହୁଏ, ଦିନ ଦିନ ପର୍ଯ୍ୟନ୍ତ ଏହି ଝଡ଼ ଲାଗି ରହେ । ୧୯୫୪ ମସିହାରେ ପ୍ରଥମଥର ପାଇଁ ଏହି ଶୃଙ୍ଗ ଚଢ଼ିବାର ଉଦ୍ୟମ ହୋଇଥିଲା । ୧୯୭୭ ମସିହାରେ ଏକ ଜାପାନୀ ଦଳ ୧୫ଶହ କୁଲିଙ୍କ ସହାୟତାରେ ଏହି ଶୃଙ୍ଗ ଶିଖରରେ ପହଞ୍ଚିବାକୁ ସକ୍ଷମ ହୋଇଥିଲେ ।

### କାଞ୍ଚନଜଙ୍ଘା (ନେପାଳ)

ବିଶ୍ୱର ତୃତୀୟ ବୃହତ୍ତମ ପର୍ବତ ଶୃଙ୍ଗ ହେଉଛି କାଞ୍ଚନଜଙ୍ଘା । ହିମାଳୟ ପର୍ବତ ଶ୍ରେଣୀର ଏହି ଶୃଙ୍ଗ ୮୫୮୬ ମିଟର ଉଚ୍ଚତାରେ ରହିଛି । ନେପାଳର ଭୌଗୋଳିକ ସୀମାରେ ଥିବା ଏହି ଶୃଙ୍ଗ ଭାରତ ସିକିମ୍ ସୀମା ସଂଲଗ୍ନ । ଆଧୁନିକ ଜ୍ଞାନକୌଶଳ ଯୋଗୁ ପର୍ବତାରୋହଣ କିଛି ପରିମାଣରେ ନିରାପଦ ହୋଇଛି । କିନ୍ତୁ କାଞ୍ଚନଜଙ୍ଘା ବିଜୟର ଉଦ୍ୟମ ସବୁବେଳେ ବିପଦ ସଙ୍କୁଳ । ଶିଖରରେ ପହଞ୍ଚିବାକୁ ଉଦ୍ୟମ କରୁଥିବା ପ୍ରତି ୫ଜଣରେ ଜଣେ ପର୍ବତାରୋହୀ ପରଫ ଝଡ଼ ଏବଂ ପ୍ରତିକୂଳ ପାଣିପାଗ ଯୋଗୁ ପ୍ରାଣ ହରାନ୍ତି । ହିମସ୍ଖଳନ ଏହି ଶୃଙ୍ଗ ଚଢ଼ିବାକୁ ଉଦ୍ୟମ କରୁଥିବା ପର୍ବତାରୋହୀମାନଙ୍କ ପାଇଁ ସବୁଠାରୁ ବିପଦର କାରଣ ।

### ମଣ୍ଟବ୍ଲାଙ୍କ (ୟୁରୋପ)

ଫ୍ରାନ୍ସ ଓ ଇଟାଲୀ ସୀମାରେ ଥିବା ମଣ୍ଟ ବ୍ଲାଙ୍କ ପଶ୍ଚିମ ୟୁରୋପର ଉଚ୍ଚତମ ପର୍ବତ ଶୃଙ୍ଗ । ଏହାର ରାସ୍ତା ଅତ୍ୟନ୍ତ କଷ୍ଟକର ହୋଇନଥିଲେ ମଧ୍ୟ ଅନେକ ଆରୋହଣକାରୀ ମୃତ୍ୟୁର ଶିକାର ହୁଅନ୍ତି । ୪୮୧୦ ମିଟର ଉଚ୍ଚତାରେ ଥିବା ଏହି ଶୃଙ୍ଗ ଆଜି ପର୍ଯ୍ୟନ୍ତ ୮ହଜାରରୁ ଅଧିକ ପର୍ବତାରୋହୀଙ୍କ ପ୍ରାଣ ନେଇସାରିଲାଣି ।






### ନଙ୍ଗା ପର୍ବତ (ପାକିସ୍ତାନ)

ପାକିସ୍ତାନର ଗିଲଗିଟ, ବାଲିଟ୍‌ସ୍ଥାନ ଅଞ୍ଚଳରେ ଥିବା ନଙ୍ଗା ପର୍ବତ ବିଶ୍ୱର ନବମ ଉଚ୍ଚତମ ପର୍ବତ ଶିଖର । ସମୁଦ୍ର ପତ୍ତନରୁ ୮୧୨୬ ମିଟର ଉଚ୍ଚତାରେ ଥିବା ଏହି ପର୍ବତ ଶିଖର କେ-୨ ପରି ବିପଦ ସଙ୍କୁଳ । ୧୯୫୩ ମସିହାରେ ଜଣେ ଜର୍ମାନ ପର୍ବତାରୋହୀ ଏହି ଶିଖର ଛୁଇଁବାର ଅସଫଳ ଉଦ୍ୟମ କରିଥିଲେ । ଯେତିକି ପର୍ବତାରୋହୀ ଏହାର ଶିଖରରେ ପହଞ୍ଚିଛନ୍ତି ତାହାଠାରୁ ଅନେକ ଗୁଣ ଅଧିକ ପ୍ରାଣ ହରାଇଛନ୍ତି ରାସ୍ତାରେ । ଗତ କେଇବର୍ଷ ପୂର୍ବେ ଏହି ପର୍ବତ ଚଢୁଥିବା ବେଳେ ୧୧ଜଣ ବିଦେଶୀ ପର୍ବତାରୋହୀଙ୍କୁ ଉଗ୍ରବାଦୀମାନେ ହତ୍ୟା କରିଥିଲେ । କେ-୨ ପରି ଏହି ଶୃଙ୍ଗକୁ ମଧ୍ୟ ଶୀତଦିନେ ଚଢ଼ି ହୁଏନି । ଏହି ଅଞ୍ଚଳରେ କାର୍ଯ୍ୟ କରୁଥିବା ଅନେକ ଟୁର୍ ଅପରେଟର ନଙ୍ଗା ପର୍ବତ ଆରୋହଣ ପାଇଁ ସହାୟତା ଦିଅନ୍ତି କିନ୍ତୁ ବର୍ତ୍ତମାନ ଉଗ୍ରବାଦ ଯୋଗୁ ଏହି ଶୃଙ୍ଗ ଆରୋହଣ କରିବାର ଉଦ୍ୟମ ଉପରେ କଟକଣା ଜାରି କରିଦିଆଯାଇଛି ।

### ଫିଜ୍ ରେ (ଆର୍ଜେଣ୍ଟିନା)

ଆର୍ଜେଣ୍ଟିନା ଏବଂ ଚିଲ୍ଲିର ଦକ୍ଷିଣ ପାର୍ଶ୍ୱରେ ଥିବା ପେଟାଗୋନିଆ ସୀମାରେ ଏହି ପର୍ବତ ରହିଛି ।



ଖରାଦିନେ ଏଭରେଷ୍ଟ ଶିଖରରେ ଗୋଟିଏ ଦିନରେ ଅସଂଖ୍ୟ ପର୍ବତାରୋହୀ ପହଞ୍ଚିପାରନ୍ତି । କିନ୍ତୁ ଫିଜ୍ ରେ ଏମିତି ଏକ ପର୍ବତ ଶୃଙ୍ଗ ଯେଉଁଠାରେ ସାରା ବର୍ଷରେ ଜଣେ ପର୍ବତାରୋହୀ ଶିଖରରେ ପହଞ୍ଚିବା ବି କଷ୍ଟକର । ଅନେକ ବର୍ଷ ଜଣେ ବି ଏହାର ଶିଖର ଛୁଇଁପାରନ୍ତିନି । ଏଠାରେ ଭୀଷଣ ବରଫପାତ ହୁଏ ଏବଂ ପାଣିପାଗ ଖରାପ ରୁହେ, ବିରାଟକାୟ ଗ୍ରାନାଇଟ୍ ଶିଳାଖଣ୍ଡ ଯେକୌଣସି ସମୟରେ ଖସିପାରେ । ଏହି କାରଣରୁ ଫିଜ୍-ରେ ଅତ୍ୟଧିକ ଉଚ୍ଚ ନହେଲେ ବି ଏହାର ଆରୋହଣ କରିବା ମୃତ୍ୟୁକୁ ଆହ୍ୱାନ ଦେବା ସହ ସମାନ । ପ୍ରଥମଥର ପାଇଁ ୧୯୫୨ ମସିହାରେ ଏହି ପର୍ବତ ଚଢ଼ିବାର ଉଦ୍ୟମ କରାଯାଇଥିଲା । ସମୁଦ୍ର ପତ୍ତନରୁ ଏହି ଶୃଙ୍ଗର ଉଚ୍ଚତା ୩୪୦୫ ମିଟର ।

### ମାଉଣ୍ଟ ଭିନ୍‌ସନ୍ (ଆଣ୍ଟାର୍କିକା)

ଆଣ୍ଟାର୍କିକା ମହାଦେଶର ଏହି ଉଚ୍ଚତମ ପର୍ବତ ଶୃଙ୍ଗ ୧୯୫୮ ମସିହା ପର୍ଯ୍ୟନ୍ତ ବାହ୍ୟଜଗତର ଜ୍ଞାନ ବାହାରେ ଥିଲା । ଏହାର ୮ବର୍ଷ ପରେ ୪୮୯୨ ମିଟର ଉଚ୍ଚ ବିଶିଷ୍ଟ ଏହି ପର୍ବତ ଆରୋହଣ କରିବାର ଉଦ୍ୟମ ଆରମ୍ଭ ହେଲା । ଏପର୍ଯ୍ୟନ୍ତ ପ୍ରାୟ ୧୪ଶହ ଜଣ ମାଉଣ୍ଟ ଭିନ୍‌ସନ୍ ଶିଖରରେ ପହଞ୍ଚି ପାରିଛନ୍ତି । ତେବେ ଏହାର ସ୍ଥିତି ହିଁ ଏହି ପର୍ବତ ଆରୋହଣ ଦିଗରେ ସବୁଠାରୁ ବଡ଼ ପ୍ରତିବନ୍ଧକ ।

### ମ୍ୟାଟରହର୍ଣ୍ଣ (ୟୁରୋପ)

ସ୍ୱିଜରଲାଣ୍ଡ-ଇଟାଲୀ ସୀମାରେ ଥିବା ମ୍ୟାଟର ହର୍ଣ୍ଣ ଶୃଙ୍ଗ ଆଲ୍‌ପାଇନ୍ ପର୍ବତ ଶ୍ରେଣୀରେ ରହିଛି । ୧୮୬୫ ମସିହାରେ ପ୍ରଥମେ ଏହି ଶୃଙ୍ଗ ଚଢ଼ିବାର ଉଦ୍ୟମ କରାଯାଇଥିଲା । କିନ୍ତୁ ଏହି ଉଦ୍ୟମର ଅନ୍ତ ଖୁବ୍ ଦୁଃଖଦ ହୋଇଥିଲା । ଆରୋହଣକାରୀ ଦଳର ଚାରିଜଣ ଯାକ ସଦସ୍ୟ ମୃତ୍ୟୁବରଣ କରିଥିଲେ । କଷ୍ଟକର ରାସ୍ତା ସହ ପାହାଡ଼ ଧସିବା, ବରଫପାତ ଏହି ଶିଖର ଆରୋହଣ ଉଦ୍ୟମକୁ ବିପଦ ସଙ୍କୁଳ କରିଦେଇଛି । ସମୁଦ୍ର ପତ୍ତନରୁ ୪୪୭୮ ମିଟର ଉଚ୍ଚତାରେ ଅଛି ଏହି ପର୍ବତ ।

ଦୂର ପର୍ବତ ସବୁବେଳେ ସୁନ୍ଦର, ଦେଖିବାକୁ ବିଶାଳ, ଆକାଶ ପରି ଉଚ୍ଚ ଏବଂ ମଜଭୁତ ପର୍ବତକୁ ଦେଖି ସବୁବେଳେ ଏହାର ଶିଖରରେ ପହଞ୍ଚିବାକୁ ଇଚ୍ଛା ହୁଏ । ଆମ ସାମାଜିକ, ଅର୍ଥନୈତିକ ଏବଂ ଧାର୍ମିକ ବ୍ୟବସ୍ଥାରେ ଯୁଗେ ଯୁଗେ ପର୍ବତ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏଥିପାଇଁ ପ୍ରତିବର୍ଷ ଡିସେମ୍ବର ୧୧ ତାରିଖକୁ ଅନ୍ତଃରାଷ୍ଟ୍ରୀୟ ପର୍ବତ ଦିବସ ଭାବରେ ପାଳନ କରାଯାଏ ।

ମାଉଣ୍ଟେନ ବା ପର୍ବତ ପଥରରେ ତିଆରି ଏକ ବିଶାଳ ଢାଲ ଯାହା ସମୁଦ୍ର ପତ୍ତନରୁ ଅତିକମ୍‌ରେ ୨ହଜାର ଫୁଟ୍ ଉଚ୍ଚତାରେ ଥାଏ । କେବଳ ସ୍ଥଳ ଭାଗରେ ନୁହେଁ ସମୁଦ୍ର ଭିତରେ ବି ପର୍ବତ ଥାଏ । କିଛି ପର୍ବତ ଏକକ ଭାବରେ ଥାଆନ୍ତି । କିନ୍ତୁ ଅଧିକାଂଶ ପର୍ବତ ଗୋଟିଏ ଗୋଟିଏ ପାର୍ବତ୍ୟ କ୍ଷେତ୍ରର ଅଂଶ । ପର୍ବତର ସବୁଠାରୁ ଉଚ୍ଚ ଅଂଶକୁ ପିକ୍ ବା ଶିଖର କୁହାଯାଏ । ବିଶ୍ୱରେ ସବୁ ସମୟରେ ପର୍ବତ ତିଆରି ଚାଲିଛି ଗୋଟିଏ ଭୂଖଣ୍ଡ ଅନ୍ୟ ଗୋଟିଏ ଭୂଖଣ୍ଡ ସହ ଧକ୍କା ଖାଇବା ଫଳରେ । କ୍ରମେ ଏଗୁଡିକ ଉଚ୍ଚ ହେଉଛି, ଏଥିସହ ଏଗୁଡିକ ଉପରେ ବରଫ, ପାଣି ଏବଂ ପବନର ପ୍ରଭାବ ବି ପଡୁଛି । ପୃଥିବୀର ଭୂତ୍ୱକ ହଲିବା ଫଳରେ ଏହାର ଉପର ଅଂଶରେ ପରିବର୍ତ୍ତନ ହେଉଛି । ଯେତେବେଳେ ଦୁଇଟି ଅଂଶ ପରସ୍ପର ମଧ୍ୟରେ ଧକ୍କା ଖାଉଛି ସେତେବେଳେ ଏହାର କିଛି ଅଂଶ ଉପରକୁ ଉଠୁଛି । ଏହିପରି କ୍ରମରେ ହଜାର ହଜାର ବର୍ଷ ଯିବା ପରେ ପର୍ବତ ସୃଷ୍ଟି ହେଉଛି । ବିଶ୍ୱର ଉଚ୍ଚତମ ପର୍ବତ ରହିଛି ପ୍ରଶାନ୍ତ ମହାସାଗରର ହାୱାଇ ଦ୍ୱୀପରେ । ଏହାର ନାମ ମୋନାକି । ମୋନାକିର ଉଚ୍ଚତା ୩୩୪୭୪ ଫୁଟ୍ । ତେବେ ଏହାର ମାତ୍ର ୧୩୭୯୬ ଫୁଟ ପାଣି ବାହାରକୁ ରହିଛି । ସମୁଦ୍ର ପତ୍ତନରୁ ବିଶ୍ୱର ଉଚ୍ଚତମ ପର୍ବତ ଶୃଙ୍ଗ ହେଉଛି ଏଭରେଷ୍ଟ । ୧୮୩୦ ମସିହାରୁ ୧୮୪୩ ମସିହା ପର୍ଯ୍ୟନ୍ତ ଭାରତର ସର୍ଭେୟର ଜେନେରାଲ ଥିବା ସାର୍ ଜର୍ଜ ଏଭରେଷ୍ଟଙ୍କ ନାମ ଅନୁଯାୟୀ ଏହାର ନାମ ଏଭରେଷ୍ଟ ରଖାଯାଇଛି । ପ୍ରତିବର୍ଷ ଏହି ଶୃଙ୍ଗ ୪ ମିଲିମିଟର ବଢୁଛି । ପୃଥିବୀର ୮୦ ପ୍ରତିଶତ ବିଶୁଦ୍ଧ ଜଳ ପର୍ବତରୁ ମିଳେ । ହିମାଳୟ ବିଶ୍ୱର ଉଚ୍ଚତମ ପର୍ବତ ଶୃଙ୍ଖଳ । ୧୪ଟି ବୃହତ୍ତମ ପର୍ବତ ଏହି ଶୃଙ୍ଖଳରେ ରହିଛି ।

# ପର୍ବତର କଥା


ଆଲପସ୍

**ସ**ବୁ ମହାଦେଶ ଓ ସବୁ ମହାସାଗରରେ ପର୍ବତ ଅଛି । ପୃଥିବୀ ପୃଷ୍ଠରେ ସମୁଦାୟ ସ୍ଥଳଭାଗର ଏକ-ପଞ୍ଚମାଂଶ ପର୍ବତ । ବିଶ୍ୱର ୭୫ ପ୍ରତିଶତ ଦେଶରେ ପର୍ବତ ଅଛି ।

ମାଉଣ୍ଟ ଏଭରେଷ୍ଟକୁ ପୃଥିବୀର ଉଚ୍ଚତମ ପର୍ବତ ଶୃଙ୍ଗ ଭାବରେ ବିବେଚନା କରାଯାଏ, ହେଲେ ଏହାଠାରୁ ଢେର୍ ବଡ଼ ଅନେକ ପର୍ବତ ମହାସାଗର ଗର୍ଭରେ ଅଛି । ସମୁଦାୟ ପର୍ବତ ସଂଖ୍ୟାର ଅର୍ଦ୍ଧାଧିକ ଅଛି ମହାସାଗରରେ । ପ୍ରଶାନ୍ତ ମହାସାଗରର ଏକ ଆଗ୍ନେୟଗିରି ଉପରେ ଅବସ୍ଥିତ ଅଛି ହାୱାଇ ଦ୍ୱୀପ ।

ପୃଥିବୀର ଦୀର୍ଘତମ ପର୍ବତ ଶୃଙ୍ଖଳ ହେଉଛି ଓସିଏନ୍ ରିଜ୍, ପାଞ୍ଚଟି ମହାସାଗରରେ ରହିଛି ଏହି ପର୍ବତ ଶୃଙ୍ଖଳ, ପ୍ରାୟ ୬୫୦୦୦ କିଲୋମିଟର ପର୍ଯ୍ୟନ୍ତ ଲମ୍ବିଛି ଏହା । ଆମ ସୌର ମଣ୍ଡଳର ଉଚ୍ଚତମ ପର୍ବତ ଅଲମ୍ପିସ୍ ମନ୍‌ସ, ମଙ୍ଗଳ ଗ୍ରହରେ ରହିଛି ଏହା । ମାଉଣ୍ଟ ଏଭରେଷ୍ଟଠାରୁ ପ୍ରାୟ ୩ ଗୁଣ ଅଧିକ ଏହାର ଉଚ୍ଚତା । ହିମାଳୟ ପାର୍ବତ୍ୟାଞ୍ଚଳରେ ରହିଛି ବିଶ୍ୱର ୧୪ଟି ଉଚ୍ଚତମ ପର୍ବତ । ସମୁଦାୟ ଜନସଂଖ୍ୟାର ଏକ-ଅଷ୍ଟମାଂଶ ବାସ କରନ୍ତି ପାର୍ବତ୍ୟାଞ୍ଚଳରେ । ଆଲପସ୍ ପର୍ବତମାଳାରେ ଅଛି ସବୁଠାରୁ ସଘନ ଜନବସତି ।

ପ୍ରାୟ ୭ କିଲୋମିଟର ଦୀର୍ଘ ଆଣ୍ଡ୍ୟୁଜ୍ ପର୍ବତମାଳା ପୃଥିବୀର ସବୁଠାରୁ ଲମ୍ବା ପର୍ବତ, ହିମାଳୟ ସବୁଠୁ ଉଚ୍ଚ ଓ ତରୁଣ । ସବୁଠାରୁ ବଡ଼ କଥା ଭୂତତ୍ତ୍ୱବିଦ୍‌ମାନେ ହିମାଳୟକୁ ଜୀବନ୍ତ ବୋଲି କୁହନ୍ତି । ପ୍ରତିବର୍ଷ ଏହାର ଦକ୍ଷିଣ ଅଂଶ ପ୍ରାୟ ୨୦ ମିଲିମିଟର ଆଗକୁ ଘୁଞ୍ଚେ । ପ୍ରାୟ ୧୦ ଅୟୁତ ବର୍ଷରେ ଏହା ଏସିଆ ମହାଦେଶର ୧୫୦୦ କି.ମି. ଭିତରକୁ ପଶି ଆସିଥିବ ବୋଲି ଆକଳନ କରାଯାଇଛି ।

କ୍ୟାମେରା ପ୍ରେମୀମାନଙ୍କୁ ସବୁଠାରୁ ଅଧିକ ଆକର୍ଷିତ କରିଥିବା ପର୍ବତ ମଧ୍ୟରେ ପ୍ରଥମେ ଅଛି ଏଭରେଷ୍ଟ । ଏହା ପଛକୁ ଅଛି ମ୍ୟାଟର୍ ହର୍ଣ୍ଣ – ସ୍ୱିଜରଲ୍ୟାଣ୍ଡ, କିଲିମାଞ୍ଜାରୋ – ତାଞ୍ଜାନିଆ, ମାଉଣ୍ଟ ରସ୍‌ମୋର୍ – ଆମେରିକା ଓ ମାଉଣ୍ଟ ଫୁଜି – ଜାପାନ ।


କିଲିମାଞ୍ଜାରୋ


ଅଲିମ୍ପସ୍ ମନ୍


ମାଉଣ୍ଟ ଫୁଜି


ମୋନା କି, ହାୱାଇ


ବୃହତ୍ତ ପ୍ରବାଳ ପ୍ରାଚୀର

## ଗଭୀର ଜଳର ଆଶ୍ଚର୍ଯ୍ୟ

**ପାଲାଉ :** ମହାସାଗର ଜଳ ତଳର ଏହା ପ୍ରଥମ ଆଶ୍ଚର୍ଯ୍ୟ । ଫିଲିପାଇନ୍ସର ୫୦୦ ମାଇଲ୍ ପୂର୍ବ ଓ ଟୋକିଓର ୨୦୦୦ ମାଇଲ୍ ଦକ୍ଷିଣରେ ଏହା ଅବସ୍ଥିତ । ବିଭିନ୍ନ ସୂକ୍ଷ୍ମ ଜୀବ ଓ ଉଦ୍ଭିଦ ପ୍ରଜାତି ଅଛନ୍ତି ଏଠାରେ ।

**ବେଲିଜ୍ ବ୍ୟାରିଅର୍ ରିଫ୍ :** ପୃଥିବୀର ଦ୍ୱିତୀୟ ବୃହତ୍ତମ ପ୍ରବାଳ ପ୍ରାଚୀର ଏହା । **ନାସାଉ ଗ୍ରୁପର୍** ପ୍ରଜାତି ପ୍ରବାଳର ମୁଖ୍ୟ ବାସସ୍ଥାନ ଏହା । ତେବେ ସବୁଠାରୁ ବଡ଼ କଥା, ଏହି ପ୍ରବାଳମାନେ ବୟସ୍କ ହେବା ପରେ ଲିଙ୍ଗ ପରିବର୍ତ୍ତନ କରିପାରନ୍ତି । ତେଣୁ ସେମାନଙ୍କର ପ୍ରଜନନ କ୍ଷମତା ଅଧିକ ।

**ଗଲାପାଗୋସ ଦ୍ୱୀପ :** ଏହି ଦ୍ୱୀପରେ ବିରଳ ବିରାଟକାୟ କଇଁଛ ଅଛନ୍ତି ।

**ଉତ୍ତର ଲୋହିତ ସାଗର :** ଉତ୍ତର ଲୋହିତ ସାଗର ହମ୍ପହେଡ୍ ରାସ୍ ପ୍ରଜାତିର ମାଛ ପାଇଁ ପ୍ରସିଦ୍ଧ । ଏଠାରେ ଥିବା ବିରାଟକାୟ ମାଛଗୁଡ଼ିକ ପର୍ଯ୍ୟଟକ ଓ ବୁଡ଼ାଳିମାନଙ୍କୁ ସବୁଠାରୁ ଅଧିକ ଆକୃଷ୍ଟ କରେ ।

**ବୈକାଲ୍ ହ୍ରଦ :** ବିଭିନ୍ନ ଧର୍ମାବଲମ୍ବୀଙ୍କ ଦ୍ୱାରା ପବିତ୍ର ବିବେଚନା କରାଯାଉଥିବା ଏହି ହ୍ରଦ ୨୫ ନିୟୁତ ବର୍ଷ ପୁରାତନ । ଏହା ଗଭୀରତମ ହ୍ରଦ । ଉତ୍ତର ଆମେରିକାର ସମସ୍ତ ବଡ଼ ହ୍ରଦରେ ଯେତେ ଜଳ ଅଛି ଏହାର ଜଳ ପରିମାଣ ତା'ଠାରୁ ଅଧିକ । ପୃଥିବୀର ଏକମାତ୍ର ମଧୁର ଜଳ ପ୍ରଜାତି ବୈକାଲ ସିଲ୍ ବା ନେର୍ପା ଏହି ହ୍ରଦରେ ରୁହେ ।

**ବୃହତ୍ ପ୍ରବାଳ ପ୍ରାଚୀର :** ଅଷ୍ଟ୍ରେଲିଆ ଉପକୂଳରେ ୨୦୦୦ କିଲୋମିଟର ଦୀର୍ଘ ପରିବ୍ୟାପ୍ତ ଏହି ପ୍ରବାଳ ପ୍ରାଚୀର ପୃଥିବୀର ସର୍ବବୃହତ୍ ପ୍ରବାଳ ପ୍ରାଚୀର । ଏହାଛଡ଼ା ସବୁଠାରୁ ଜୈବ ବିବିଧତାପୂର୍ଣ୍ଣ ସ୍ଥାନ ଏହା । ହଜାର ହଜାର ସଂଖ୍ୟାରେ ଜୀବ ଓ ଉଦ୍ଭିଦ ପ୍ରଜାତି ରହନ୍ତି ଏଠାରେ ।

**ଡିପ୍ ସି ଭେଣ୍ଟ :** ପୃଥିବୀର ମହାସାଗରତଳର ସବୁଠାରୁ ଆଶ୍ଚର୍ଯ୍ୟଜନକ ଜୀବଙ୍କ ବାସସ୍ଥାନ ଏହା । ଏହାର ଗଭୀର ଜଳକୁ ସୂର୍ଯ୍ୟକିରଣ ଭେଦ କରିପାରେ ନାହିଁ । ବିନା ସୂର୍ଯ୍ୟକିରଣରେ ମଧ୍ୟ ଅନେକ ପ୍ରକାର ଉଦ୍ଭିଦଜାତ ଖାଦ୍ୟ ସୃଷ୍ଟି ହୁଏ ସେଠାରେ । ଗବେଷକଙ୍କ ପାଇଁ ଏହା ଏକ ଆଶ୍ଚର୍ଯ୍ୟ । ଏହାର ରହସ୍ୟ ସମାଧାନ ହୋଇପାରିନି ଏଯାଏ ।

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୨ ଡିସେମ୍ବର ୨୦୨୫ । ଶୁକ୍ରବାର

# ଅନଲାଇନ୍ ଠକେଇ ମାମଲାରେ ୪ ଗିରଫ

ଅନୁଗୁଳ,୧୧।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଏକ ଅନଲାଇନ୍ ନିବେଶ ଠକେଇ ଘଟଣାରେ ସମ୍ପୃକ୍ତ ଚାରି ଅଭିଯୁକ୍ତଙ୍କୁ ଗିରଫ କରିଛି ଅନୁଗୁଳ ଜିଲ୍ଲା ପୋଲିସ। ଏହି ଅଭିଯୁକ୍ତମାନେ ୧୨,୫୬,୦୦୦ ଟଙ୍କା ଠକେଇ କରିଥିଲେ। ଅଭିଯୋଗର ୪୮ ଘଣ୍ଟା ମଧ୍ୟରେ ସମସ୍ତ ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନୁଗୁଳ ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ପୋଲିସ ଷ୍ଟେସନ, କେସ ନଂ.୨୯ରେ ଗତ ୮ ତାରିଖରେ ରୁଜୁ ହୋଇଥିବା ମାମଲା ଅନୁସାରେ ଅଭିଯୋଗକାରୀଙ୍କୁ ଜଣେ ଅଜଣା ବ୍ୟକ୍ତି ୧୫.୧୧.୨୦୨୫ରେ ଟେଲିଗ୍ରାମରେ ଯୋଗାଯୋଗ କରିଥିଲେ। ତାଙ୍କୁ ଲାଭ, ସିଭିଲ ସ୍କୋର ଉନ୍ନତି ଏବଂ 'ସୁଇସ୍ ଏକ୍ସଚେଞ୍ଜ ଆକାଉଣ୍ଟ'କୁ ଅଣଫ୍ରିଜ୍ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ପର୍ଯ୍ୟାୟକ୍ରମେ ଟଙ୍କା ଟ୍ରାନ୍ସଫର୍ କରିବାକୁ କହିଥିଲେ। ଅନୁଗୁଳ ପୋଲିସର ଏକ ଟିମ୍ ନୟାଗଡ଼ ଜିଲ୍ଲାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲେ। ଗିରଫମାନେ ହେଲେ ସରଣକୁଳ ଥାନା ଅଞ୍ଚଳର ଜ୍ୟୋତି ନାୟକ, ପ୍ରତାପ ନାୟକ, ରାମଚନ୍ଦ୍ର ମୁଦୁଲି ଓ ଦିବ୍ୟରଂଜନ ଜେନା। ସେମାନଙ୍କ ଠାରୁ ନଗଦ ୬୯,୦୦୦ ଟଙ୍କା ଜବତ କରାଯାଇଛି। ଏଥିସହ ୭ଟି ମୋବାଇଲ ଫୋନ, ବ୍ୟାଙ୍କ ବହି, ଡେବିଟ୍ କାର୍ଡ, ଆଧାର କାର୍ଡ, ପାନ କାର୍ଡ, ଗୋଟିଏ ଚେକବୁକ୍ ଠକେଇ ପାଇଁ ବ୍ୟବହୃତ ୪ଟି ୟୁପିଆଇ-ଲିଙ୍କ୍ ସିମ୍ କାର୍ଡ ପ୍ରଭୃତି ଜବତ କରାଯାଇଛି।

# ଟ୍ରକ-ଟାଟାଏସି ଧକ୍କାରେ ୪ ଗୁରୁତର

ବୈଶିଙ୍ଗା,୧୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ବୁଧବାର ପୂର୍ବାହ୍ନରେ ବୈଶିଙ୍ଗା ଥାନା ଅଧିନ ୧୮ନଂ ଜାତୀୟ ରାଜପଥର ବଗଲପୁର ନିକଟରେ ଏକ ଧାନ ବୋଝେଇ ପିକଅପ୍ ସହିତ ଟ୍ରକ୍‌ର ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି । ଜଣେ ଚାଷୀ ନିଜ ଧାନକୁ ଏକ ଟାଟା ଏସି ଗାଡି ନଂ ଓ ଆର-୦୧ ଭି ୬୦୭୬ରେ ମିଲକୁ ନେଇ ଯାଉଥିବା ବେଳେ ପଛପଟୁ ଓଡି୦୨ ବିଜେ ୮୬୬୦ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଟାଟା ଏସିରେ ଥିବା ଶ୍ରମିକ ଦୁଇ ଜଣ ଆହତ ହୋଇଥିବା ଜଣାଯାଇଛି । ଘଟଣା ସ୍ଥଳରେ ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ଚାରି ଜଣଙ୍କୁ ବେତନଟୀ ଡାକ୍ତର ଖାନାକୁ ପଠାଇଥିଲେ। ସେଠାରେ ଦୁଇଜଣ ଯୁଗଳ ଗ୍ରାମର ଧରିଆ ଦେହୁରୀଙ୍କ ପୁଅ ଗୌରାଙ୍ଗ ଏବଂ ବୁଧିଆ ବେହେରାଙ୍କ ପୁଅ ଘନିଆଙ୍କୁ ବାରିପଦା ଜିଲ୍ଲା ହସ୍ପିଟାଲକୁ ପଠା ଯାଇଥିଲା । ଅନ୍ୟ ଦୁଇ ଜଣ ଅଜିତ ଦେହୁରୀଙ୍କ ପୁଅ ଗୌରୀଶଙ୍କର ଏବଂ ବାଲେଶ୍ୱର ସାରଗାଁର ଭରତ ସାହୁଙ୍କ ପୁଅ କବିରାଜ ସାହୁ ବେତନଟୀ ହସ୍ପିଟାଲରେ ଚିକିତ୍ସାଧିନ ଅଛନ୍ତି । ଖବର ପାଇ ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରି ଥାନାକୁ ନେଇ ଆସିଥିଲେ । ଅଧିକ ଅନୁସନ୍ଧାନ ଜାରି ରହିଛି ।

# ଘରେ ପଶି ମହିଳାଙ୍କୁ ଦଳିଦେଲା ହାତୀ

ବଲାଙ୍ଗୀର,୧୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ବଙ୍ଗୋମୁଣ୍ଡା ରେଞ୍ଜ ତୁରେକେଲା ଥାନା ଅନ୍ତର୍ଗତ ସାନବାଙ୍କୀ ଗାଁରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ମନ୍ଦାର ପୁଟେଲ। ସ୍ୱାମୀ, ଶ୍ୱଶୁର ଓ ତିନି ଛୋଟ ଛୁଆଙ୍କ ସହ ଶୋଇ ଥିବାବେଳେ ଏକ ବଣୁଆ ହାତୀ ଘର ଭାଙ୍ଗି ପଶି ଆସି ମହିଳାଙ୍କୁ ଦଳି ଦେଇଥିଲା। ତେବେ ଅନ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗତ ଏକ ସପ୍ତାହ ହେଲା ନୂଆପଡ଼ା ଜିଲ୍ଲାରୁ ପ୍ରାୟ ୩୦ ଟିକିଆ ହାତୀ ଦଳ ଆସି ବଲାଙ୍ଗୀର ଜିଲ୍ଲାର ତୁରେକେଲା ବ୍ଲକ ଅଞ୍ଚଳରେ ଆତଙ୍କ ଖେଳାଉଛନ୍ତି। ଦିନବେଳା ଜଙ୍ଗଲରେ ରହି ରାତିରେ ଗାଁ ମୁହାଁ ହେଉଛନ୍ତି ହାତୀପଲ। ବୁଧବାର ରାତିରେ ଖାଇପିଇ ସାରି ପରିବାର ଲୋକେ ଶୋଇଥିବା ବେଳେ ଗାଁକୁ ପଶି ଆସିଥିଲେ ହାତୀପଲ। ଘରକୁ ଭାଙ୍ଗି ଶୋଇଥିବା ଅବସ୍ଥାରେ ଆକ୍ରମଣ କରିବାରୁ ମହିଳାଙ୍କ ମୃତ୍ୟୁ ହୋଇଥିଲା। ପ୍ରାଣ ବିକଳରେ ପରିବାରର ଅନ୍ୟ ସଦସ୍ୟମାନେ ଦୌଡ଼ି ଅନ୍ୟ ଘରକୁ ଯାଇଥିଲେ। ବନ ବିଭାଗ ଟିମ୍ ପହଞ୍ଚିଲା ପରେ ମୃତଦେହକୁ ଘର ଭିତରୁ ବାହାର କରାଯାଇଥିଲା। ତହସିଲଦାରଙ୍କ ଉପସ୍ଥିତିରେ ପୋଷ୍ଟମର୍ଟମ କରାଯାଇ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ଫରେଷ୍ଟ ଡିପାର୍ଟମେଣ୍ଟ ପକ୍ଷରୁ ମୃତବ୍ୟକ୍ତିଙ୍କ ପରିବାରଙ୍କୁ ଅନୁକମ୍ପା ରାଶି ୧୦ ଲକ୍ଷ ଟଙ୍କା ଦିଆଯିବ ବୋଲି ଜଣାପଡ଼ିଛି।

ହାତୀପଲ ୭ ଦିନ ଧରି ଏହି ଅଞ୍ଚଳରେ ଆତଙ୍କ ସୃଷ୍ଟି କରୁଥିବା ବେଳେ ବଙ୍ଗୋମୁଣ୍ଡା ରେଞ୍ଜ ପକ୍ଷରୁ ହାତୀପଲଙ୍କୁ ଘଉଡ଼ାଇବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଜଣଙ୍କ ଜୀବନ ଚାଲିଗଲା ଓ ପରିବାର ଅନ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଥିବା ଗ୍ରାମବାସୀ କହିଛନ୍ତି। ତୁରନ୍ତ ହାତୀପଲଙ୍କଠାରୁ ଗାଁ ଲୋକଙ୍କୁ ସୁରକ୍ଷା ଦେବାକୁ ଦାବି ଜଣାଇଛନ୍ତି।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଅଧିବେଶନ

କେନ୍ଦ୍ରାପଡା,୧୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରାପଡା ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ୭୫ତମ ଅଧିବେଶନ ଗୋପସ୍ଥିତ ରାମ ମନ୍ଦିର ପରିସରରେ ସଭାପତି ଡଃ ଉପେନ୍ଦ୍ରନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଂପାଦକ ବୈଷ୍ଣବ ଚରଣ ସ୍ୱାଇଁ ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ। ନୂତନ ସଭ୍ୟ ଭାବେ ଯୋଗଦେଇଥିବା ସଭ୍ୟ ବିକ୍ରମ କିଶୋର ଦାସ ଓ ପ୍ରଫୁଲ କୁମାର ପତିଙ୍କୁ ସ୍ୱାଗତ କରାଯାଇଥିଲା। ନୂତନ ବର୍ଷ ଆସନ୍ତା ଜାନୁୟାରୀ ୯ ତାରିଖରେ ଇଚ୍ଛାପୁର ସନ୍ନିକଟ ମା' ବାରଙ୍ଗେଇ ଠାକୁରାଣୀଙ୍କ ପୂଜା ଅର୍ଚ୍ଚନା ଓ ବଣ ଭୋଜି ଆୟୋଜନ କରିବା ପାଇଁ ସ୍ଥିର କରାଗଲା। ସଡକ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସହିତ ଅନ୍ୟାନ୍ୟ ସମାଜ କଲ୍ୟାଣ କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା । କେନ୍ଦ୍ରାପଡା ଶାଖା ଡିସିବି ବ୍ୟାଙ୍କର ମ୍ୟାନେଜର ମୁକ୍ତିକାନ୍ତ ବେହେରା ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ବିଭିନ୍ନ ଅର୍ଥ ସଞ୍ଚୟ ଓ ସୁରକ୍ଷା ସମ୍ପର୍କରେ ବିଶଦ଼ଃ ଆଲୋଚନା କରିଥିଲେ। ଡେପୁଟି ମ୍ୟାନେଜର ସ୍ମୃତି ରଞ୍ଜନ ଦାସ ଓ ରିଲେସନସିପ୍ ମ୍ୟାନେଜର ଶ୍ରୀନିବାସ ସାହୁ ବିଭିନ୍ନ ସାଇବର ଠକେଇ ଉପରେ ଆଲୋକପାତ କରିଥିଲେ। ସମସ୍ତ ପୂଜ୍ୟ ବରିଷ୍ଠ ନାଗରିକମାନଙ୍କର ଏକ ନିରାମୟ, ସୁନ୍ଦର, ଶାନ୍ତିପୂର୍ଣ୍ଣ, ସ୍ୱାସ୍ଥ୍ୟପ୍ରଦ ଜୀବନ କାମନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମଧୁସୂଦନ ବାରିକ, ଅଞ୍ଜନ ଶତପଥୀ, କୃଷ୍ଣ ଚନ୍ଦ୍ର ଜେନା, ଅଜିତ ରାଉତ, ସୁରେଶ ପଟ୍ଟନାୟକ, କେଦାର ସ୍ୱାଇଁ, ଶ୍ରୀକାନ୍ତ କୁମାର ସାହୁ, ଧିରେନ ବେହେରା, ଶରତ କୁମାର ରାଉତ, ପ୍ରସନ୍ନ କୁମାର ସାହାଣୀ, ସଞ୍ଜୟ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ବାର୍ତ୍ତା ସଂପାଦକ ନୃସିଂହ ଚରଣ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ

କଟକ,୧୧।୧୨
ଏକ୍ସପ୍ରେସ୍ ନ୍ୟୁଜ୍

କଟକ ସହରର ଐତିହ୍ୟ, ପରମ୍ପରା, ଧର୍ମୀୟ ଭାବନା, ସମଗ୍ର ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି । ଗଡଗଡିଆ ମନ୍ଦିର, ବାଲିଯାତ୍ରା ମହୋତ୍ସବର ଆକର୍ଷଣ, ମଠ, ମନ୍ଦିର, ମସଜିଦ୍, ଗୀର୍ଜା ମଣ୍ଡିତ ହଜାର ବର୍ଷର ଏହି ଶାନ୍ତି, ସଦ୍‌ଭାବ ବହୁ ମନିଷୀଙ୍କୁ ଆକୃଷ୍ଟ କରିତୋଳିଛି । ଇତି ମଧ୍ୟରେ ପ୍ରିତୀ, ମୈତ୍ରୀ, ସଦ୍ ଭାବନା, ଈଶ୍ୱରୀୟ ବିମଳ ଆନନ୍ଦ ଘରେ ଘରେ ପ୍ରତିଟି ମଣିଷ ଅନ୍ତରରେ ଭରିଦେଇ ମଣିଷ ଭିତରେ ସୁସ୍ଥ ମାନବିକତାର ଅନ୍ୱେଷଣରେ ଦୀର୍ଘ ପାଂଚ ଦଶନ୍ଧି ଧରି ବାରବାଟୀ ଷ୍ଟାଡିୟମ, ସମାଜ ଅଫିସ ନିକଟରେ ଗଢି ଉଠିଛି କଟକ ସତ୍‌ସଙ୍ଗ ବିହାର। ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପ୍ରତିଷ୍ଠିତ ସତ୍‌ସଙ୍ଗର ପ୍ରଧାନା ଆଚାର୍ଯ୍ୟ ଯୁଗାଚାର୍ଯ୍ୟ ଶ୍ରୀ ଶ୍ରୀ ବଡଦା'ଙ୍କ କରକମଳରେ ୧୯୭୬ ମସିହା ଜୁନ୍ ୨୩ ତାରିଖରେ ଉଦ୍‌ଘାଟିତ ହୋଇଛି ଧର୍ମ, କୃଷ୍ଟି, ଆଦର୍ଶର ପ୍ରିତୀ କେନ୍ଦ୍ର। ଏହି ଅବସରରେ ଆଗାମୀ ଡିସେମ୍ବର ୧୪ ତାରିଖ (ରବିବାର) ଐତିହାସିକ ପ୍ରସିଦ୍ଧ ଉପର ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ହେବ ପରମ ପ୍ରେମ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୮ତମ ଜନ୍ମୋତ୍ସବ, ଯୁଗାଚାର୍ଯ୍ୟ ଶ୍ରୀ ଶ୍ରୀ ବଡଦାଙ୍କର କଟକ ଶୁଭାଗମନ ତଥା କଟକ ସତ୍‌ସଙ୍ଗ ବିହାରର ସୁବର୍ଣ୍ଣ ଜୟନ୍ତୀ ଏବଂ କଟକ ଜିଲ୍ଲା ସତ୍‌ସଙ୍ଗ ମହୋତ୍ସବ । ଦିବସ ବ୍ୟାପୀ ପ୍ରାର୍ଥନା, ଭଜନ କୀର୍ତ୍ତନ, ସଦାଲୋଚନା, ନୃତ୍ୟ, ବାଦ୍ୟ ସହିତ ବହୁ ଅଭିଜ୍ଞ ଆଇନ୍ ବିଶାରଦମାନଙ୍କ ଦ୍ୱାରା ଆଇନ୍ ପରାମର୍ଶ, ଅଭିଜ୍ଞ ଡାକ୍ତର, ପ୍ରଫେସରମାନଙ୍କ ଦ୍ୱାରା ବହୁବିଧ କଠିନ ବ୍ୟାଧି ନିରାକରଣର ପରାମର୍ଶ, ପ୍ରତିଷ୍ଠିତ ଆଇଏଏସ୍‌ଓଏଏସ୍ ଇତ୍ୟାଦି ଅଭିଜ୍ଞ ପ୍ରଶାସନିକ ଅଧିକାରୀମାନଙ୍କ ଦ୍ୱାରା ସାମାଜିକ, ପାରିବାରିକ ଜଟଳି ସମସ୍ୟା ସମ୍ବନ୍ଧରେ ଆଲୋଚନା ଇତ୍ୟାଦି ନାନାବିଧ କାର୍ଯ୍ୟକ୍ରମ ଦିବସ ବ୍ୟାପୀ ଲାଗି ରହିବ।

# ଦିବ୍ୟାଙ୍ଗ ମହାସଂଘର ସାଧାରଣ ସଭା

ବେତନଟୀ,୧୧।୧୨
ଏକ୍ସପ୍ରେସ୍ ନ୍ୟୁଜ୍



ବେତନଟୀ ବ୍ଲକ ସ୍ଥିତ ପୁରୁଣିଆ ଫୁଟବଲ ପଡିଆ ଠାରେ ଜିଲ୍ଲା ଦିବ୍ୟାଙ୍ଗ ମହାସଂଘ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୫୦୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଉପସ୍ଥିତ ରହି ସେମାନେ ଅସୁବିଧା ଭୋଗ କରୁଥିବା ସମସ୍ତ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦିବ୍ୟାଙ୍ଗଙ୍କ ପ୍ରତି କରୁଥିବା ଅବହେଳା ପ୍ରତିବାଦରେ ସମସ୍ତ ଦିବ୍ୟାଙ୍ଗ ଏକତ୍ରିତ ହୋଇ ପ୍ରତିବାଦ କରିବାକୁ ସମସ୍ତ ଦିବ୍ୟାଙ୍ଗ ପ୍ରସ୍ତୁତ ହେବାକୁ ଜିଲ୍ଲା ଦିବ୍ୟାଙ୍ଗ ସଭାପତି ଅରୁଣ କୁମାର ବେହେରା ଆହ୍ୱାନ ଦେଇଥିଲେ। ଦିବ୍ୟାଙ୍ଗ ସାଟିଫିକେଟ ପ୍ରଦାନ ଠାରୁ ଆରମ୍ଭ କରି ଭତ୍ତା ଓ ଅନ୍ୟ ଯୋଜନାରେ ସାମିଲ କରେଇ ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରେଇବାରେ ଜିଲ୍ଲାର ପ୍ରଶାସନ ବିଫଳ, କେବଳ କାଗଜପତ୍ର ସମସ୍ତ କାର୍ଯ୍ୟକ୍ରମ କରାଯାଉଥିବା ଅଭିଯୋଗ କରିଛନ୍ତି ଦିବ୍ୟାଙ୍ଗ। ଏବେ ଜିଲ୍ଲାରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯାଉଛି କିନ୍ତୁ ଉକ୍ତ ଶିବିରରେ ବିଭିନ୍ନ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଆଗାମୀ ଦିନରେ ଯେତେ ଶିବିର ଆୟୋଜନ କରାଯାଇଥିଲା ସେସବୁ ସେମିତି ଫାଇଲ ହୋଇ ରହିଛି। ଜିଲ୍ଲାର ଦିବ୍ୟାଙ୍ଗ ସଭାପତିଙ୍କ ଅଭିଯୋଗ ଯେ ଜିଲ୍ଲାରେ ଥିବା ସାମାଜିକ ସୁରକ୍ଷା ଭିନ୍ନକ୍ଷମ ବିଭାଗ କାର୍ଯ୍ୟାଳୟ କେବଳ ଏନଜିଓମାନଙ୍କୁ ନେଇ ପରିଚାଳିତ ହେଉଛି। ଉକ୍ତ କାର୍ଯ୍ୟାଳୟରେ କେହିବି ଦିବ୍ୟାଙ୍ଗ ନିଯୁକ୍ତି ପାଇନାହାଁନ୍ତି ସେଥିପାଇଁ ଦିବ୍ୟାଙ୍ଗଙ୍କ ପାଇଁ ଏପରି ଅବହେଳା କରାଯାଉଛି। ଏବେ ଜିଲ୍ଲାରେ ପ୍ରାୟ ୭୫,୦୦୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ବ୍ୟକ୍ତି ଅଛନ୍ତି ଆଉ ୩ ଲକ୍ଷ ୫୦ ହଜାର ଭତ୍ତାଧିକାରୀ ଭତ୍ତା ପାଉଛନ୍ତି ଓ ପ୍ରାୟ ୫୦ ହଜାର ବ୍ୟକ୍ତି ଭତ୍ତା ପାଇବା ପାଇଁ ଆବେଦନ କରିଥିଲେ ସୁଦ୍ଧା ଏପଯ୍ୟନ୍ତ ଭତ୍ତା ପାଇନାହାଁନ୍ତି ଏବେ ଜିଲ୍ଲାରେ ଜଣେ ମଲେ ଅନ୍ୟ ଜଣେ ଭତ୍ତା ପାଉଛନ୍ତି ୩୫୦୦ ଟଙ୍କା ଭତ୍ତା ପାଇବା ପାଇଁ ଆହୁରି ୫୦୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ବଞ୍ଚିତ ଅଛନ୍ତି। ଏମିତି ଅନେକ ଅସୁବିଧାର ସମାଧାନ ପାଇଁ ଜିଲ୍ଲାରେ ସମସ୍ତ ଦିବ୍ୟାଙ୍ଗ ଏକତ୍ରିତ ହୋଇ ଆନ୍ଦୋଳନକୁ ଅହେ଼ଳିବା ପାଇଁ ବ୍ଲକସ୍ତରୀୟ ସାଧାରଣ ସଭା ଆୟୋଜନ କରି ସମସ୍ତ ଦିବ୍ୟାଙ୍ଗଙ୍କୁ ଏକତ୍ରିତ କରେଇ ଆନ୍ଦୋଳନକୁ ଅହ୍ଲେଳିବା ପାଇଁ ପ୍ରସ୍ତୁତ ହେଉଛନ୍ତି ଦିବ୍ୟାଙ୍ଗ। ଆଜିର ସଭାରେ ବେତନଟୀ ବ୍ଲକ ସଭାପତି ରଞ୍ଜିତ ସିଂହ ସହିତ ଶତାଧିକ ଦିବ୍ୟାଙ୍ଗ ବୈଠକରେ ଯୋଗ ଦେଇଥିଲେ।

# ଏଏସଜି ଚକ୍ଷୁ ଚିକିତ୍ସାଳୟର ପ୍ରତିଷ୍ଠା ଦିବସ

କଟକ,୧୧।୧୨
ଏକ୍ସପ୍ରେସ୍ ନ୍ୟୁଜ୍

କଟକ ଲିଙ୍କ ରୋଡ଼ ସ୍ଥିତ ଏଏସଜି ଚକ୍ଷୁ ଚିକିତ୍ସାଳୟ ଠାରେ ଏହାର ୨୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଦିବସର ଥିମ ଥିଲା 'ପୋଲିସ ନାୟକମାନଙ୍କ ପାଇଁ ସୁସ୍ଥ ଦୃଷ୍ଟିକୋଣ' ଏହି ପରିପ୍ରେକ୍ଷୀରେ କଟକ ଏଏସଜି ଚକ୍ଷୁ ଚିକିତ୍ସାଳୟର ମେଡିକାଲ ଡିରେକଟର ଡ଼କ୍ଟର ଅକ୍ଷୟ କୁମାର ପଣ୍ଡା, ଡ଼କ୍ଟର ରାଜା ଅଗ୍ରୱାଲ, ଡ଼କ୍ଟର ସୋନାଲି ଷଡ଼ଙ୍ଗୀ, ଡ଼କ୍ଟର ଖୁସି ଅଗ୍ରୱାଲ, ଅନୁଷ୍ଠାନର ମ୍ୟାନେଜର ତରୁଣ କୁମାର ପତି, ଅମିତ କୁମାର ପଣ୍ଡା, ଚିତ୍ତରଞ୍ଜନ ପଣ୍ଡା ଏବଂ ମେଡିକାଲର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କେକ କାଟି କାର୍ଯ୍ୟକ୍ରମକୁ ପାଳନ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମାଜରେ କାର୍ଯ୍ୟରତ ପୋଲିସମାନଙ୍କୁ ନିଶୁଳ୍କ ଚକ୍ଷୁ ସେବା ଯୋଗାଇବା, ତେବେ ଆଗାମୀ ଦିନରେ ସାଧାରଣ ଲୋକଙ୍କୁ ଉନ୍ନତ ଚକ୍ଷୁ ଚିକିତ୍ସା ଯୋଗାଇବା ଆମର ଲକ୍ଷ୍ୟ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି।

# ବିଜ୍ଞାନ ମେଳା ଆୟୋଜନରେ ବିଭ୍ରାଟ

ମାର୍ଶାଘାଇ,୧୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ମାର୍ଶାଘାଇ ବ୍ଲକସ୍ତରୀୟ ବିଜ୍ଞାନ ମେଳା ତାଳସଙ୍ଗା ପଞ୍ଚାୟତ ଶାସନିପଡା ଉପ୍ରା ବିଦ୍ୟାଳୟ ପରିସରରେ ଆୟୋଜନ ହେବାପାଇଁ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜନ କରାଯାଇଛି। ୧୨ତାରିଖ ଦିନ ବିଜ୍ଞାନ ମେଳା ପ୍ରଦର୍ଶିତ ହୋଇ ବିଭିନ୍ନ ସ୍କୁଲର କୁନି ବିଜ୍ଞାନିମେଳ ଭାଗନେଇ ବିଜ୍ଞାନ ସମ୍ବନ୍ଧୀୟ ଷ୍ଟଲମାନ ପ୍ରଦର୍ଶିତ କରିବେ। ସ୍କୁଲ ପରିସରରେ ଆୟୋଜନ ଆରମ୍ଭ ହୋଇ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ବ୍ଲକ ଓଷ୍ଟା ଏଥିରେ ସହଯୋଗ କରିବ ନାହିଁ ପୂର୍ବରୁ ବହୁ ଅନିୟମିତତା ହୋଇଥିବା ସେକେଣ୍ଡାରୀ ଶିକ୍ଷକ ସଂଘ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିବା ଜଣାଯାଇଛି। ତେବେ ଏହି ଘଟଣା ପରେ ଏଲିମେଣ୍ଟାରି ଶିକ୍ଷକ ସଂଘ ତରଫରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଟି ବିଜ୍ଞାନ ମେଳା ସୁରୁଖୁରୁରେ ପ୍ରଦର୍ଶିତ ପାଇଁ ଲିଖିତ ପ୍ରଦାନ କରିଛନ୍ତି। ଘଟଣା ଚକ୍ରରେ ବିଜ୍ଞାନ ମେଳା ବିବାଦୀୟ ହୋଇ ପଡିଥିବା ଜଣାପଡିଛି। ଏହି ଘଟଣାକୁ ନେଇ ମାର୍ଶାଘାଇ ବ୍ଲକ ଶିକ୍ଷା ଅଧିକାରୀ ମନୋରଞ୍ଜନ ସେଠୀଙ୍କୁ ପଚାରିବାରୁ ବ୍ଲକର ସମସ୍ତ ସ୍କୁଲ ଭାଗ ନେବା ପାଇଁ ବ୍ୟବସ୍ଥା କରାଯାଉଥିବା କହିଛନ୍ତି।

# ଜଙ୍ଗଲ ସୁରକ୍ଷା ନେଇ କର୍ମଶାଳା

କୋଣାର୍କ,୧୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍

କୋଣାର୍କ ବସଷ୍ଟାଣ୍ଡ ନିକଟରେ ଧର୍ମପଦ ପ୍ରେସ କ୍ଲବ, କୋଣାର୍କ ପକ୍ଷରୁ ସାମାଜିକ ସୁରକ୍ଷା ଦୃଷ୍ଟିରୁ ସଚେତନତା କାର୍ଯ୍ୟକ୍ରମ ସଡ଼କ ସୁରକ୍ଷା ଏବଂ ଜଙ୍ଗଲ ସୁରକ୍ଷା ବାର୍ତ୍ତା ନେଇ ଏକ ସଚେତନତା କର୍ମଶାଳା ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଅତିଥି ଭାବେ ପୁରୀ ଜିଲ୍ଲା ପରିବହନ ବିଭାଗ ମୋଟର ଯାନ ନିରୀକ୍ଷକ ଅମିତ୍ କୁମାର ରାଣା, କୋଣାର୍କ ଏନଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ, ରେଞ୍ଜ ଅଧିକାରୀ ସୁଦର୍ଶନ ଦେହୁରୀ, ଓଡିଶା କିନ୍ନର ସଂଘ ସଭାନେତ୍ରୀ ସମାଜସେବି ସୁଇଟି ସାହୁ ମାଆ, ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ଖଟୋଇ, ସତ୍ୟ ଖବର ସମ୍ପାଦକ ଅକ୍ଷୟ କୁମାର ନାୟକ, ଧର୍ମପଦ ପ୍ରେସ କ୍ଲବ ଉପଦେଷ୍ଟା ମୋହନ ଚରଣ ପ୍ରଧାନ, ବରିଷ୍ଠ ସାମ୍ବାଦିକ ମହେଶ୍ୱର ସାମଲ, ପ୍ରଧାନ ଶିକ୍ଷକ ନିହାର ରଞ୍ଜନ ଲେଙ୍କା, କୋଣାର୍କ ଥାନା ସବ୍ ଇନ୍ସପେକ୍ଟର କେଦାର ଦୋରା, କିନ୍ନର ନେତ୍ରୀ ଦୀପା କିନ୍ନର, ଅଟୋ ସଂଘ ସଭାପତି ଶ୍ରୀକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ଯୋଗଦେଇଥିବା ଶତାଧିକ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କୁ ଯୋଗ ଦେଇଥିବା ଅତିଥିମାନେ ସଚେତନ ଧର୍ମୀ ବାର୍ତ୍ତା ବଣ୍ଟନ କରିଥିଲେ। ବିଶେଷ କରି ସଡ଼କ ସୁରକ୍ଷା ରେ କିପରି ସଡ଼କ ଓ ପରିବହନ ବିଭାଗ ନିୟମ ମାନି ଚାଲିବା, ହେଲମେଟ ବ୍ୟବହାର କରିବା, ୧୮ ବର୍ଷରୁ କମ୍ ବୟସ୍କ ଗାଡି ଚାଳନା ନକରିବା, ମଦ୍ୟପାନ କରି ଗାଡି ଚାଳନା ନକରିବା ସହ ଅନ୍ୟାନ୍ୟ ନିୟମ କାନୁନ୍ ଉପରେ କର୍ମଶାଳାରେ ଆଲୋକପାତ କରାଯାଇଥିଲା। ପରେ ପରେ ଜଙ୍ଗଲ ସୁରକ୍ଷା ନେଇ ମଧ ଅତିଥିମାନେ ମଧ୍ୟ ଅନେକ ମତାମତ ପ୍ରଦାନ କରିଥିଲେ। ବିଶେଷକରି ଗଛ ନ କାଟିବା, ସମସ୍ତେ ଗୋଟେ ଗୋଟେ ବୃକ୍ଷ ରୋପଣ କରିବା ସହ ଯତ୍ନ ନେବା ଓ ବନ୍ୟ ଜନ୍ତୁଙ୍କ ପ୍ରତି ଦୟା ଭାବ ଦେଖାଇବା ନେଇ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ମଶାଳା ପରେ ଛାତ୍ରଛାତ୍ରୀଙ୍କ ସହ ସମସ୍ତ ଅତିଥି ଓ କର୍ମଚାରୀମାନେ ଏକ ସଚେତନ ଶୋଭାଯାତ୍ରାରେ ଯାଇ ପ୍ରଥମେ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ବୃକ୍ଷ ରୋପଣ ଓ ପରେ ପରେ କୋଣାର୍କ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା।

# ପଲ୍ଲିଶ୍ରୀ ମେଳା ପ୍ରଚାର ପାଇଁ ଟିମ୍

ଖଣ୍ଡପଡ଼ା,୧୧।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଚଳିତ ମାସ ୨୭ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା। ଆୟୋଜକ କଳା ବିକାଶ ପରିଷଦ ପକ୍ଷରୁ ପ୍ରସ୍ତୁତି ଚାଲୁ ରହିଥିବା ବେଳେ ମହୋତ୍ସବ ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ କଳା ବିକାଶ ପରିଷଦ ପକ୍ଷରୁ ସ୍ୱତନ୍ତ୍ର ଭାବେ ସାମାଜିକ ଗଣମାଧ୍ୟମ ଟିମ୍ ଗଠନ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ଖଣ୍ଡପଡ଼ା କଳା ବିକାଶ ପରିଷଦର ସଂଯୋଜକ ରମେଶ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଶୁଭ ମଣ୍ଡପ ପରିସରରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରୁ ପାଖାପାଖି ୫୦ରୁ ଉର୍ଦ୍ଧ୍ୱ ବଛାବଛା ସାମାଜିକ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ମହୋତ୍ସବ ସମ୍ପର୍କରେ କିଭଳି ବ୍ୟାପକ ପ୍ରଚାର ପ୍ରସାର କରାଯାଇ ପୂର୍ଣ୍ଣମାତ୍ରାରେ ଲୋକଙ୍କୁ ମହୋତ୍ସବରେ ଭାଗୀଦାର କରାଯିବ ସେ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ୫ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ମହୋତ୍ସବ ସମ୍ପର୍କିତ ରଙ୍ଗାରଙ୍ଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଅନ୍ୟାନ୍ୟ କାର୍ଯ୍ୟପନ୍ଥା ବାବଦରେ କିଭଳି ଲୋକମାନଙ୍କୁ ସଚେତନ କରାଯିବ ଏବଂ ସାମାଜିକ ଗଣମାଧ୍ୟମ ପ୍ରତିନିଧିମାନେ କେଉଁ ତରିକାରେ ମହୋତ୍ସବର ସୁଦୂର ପ୍ରଚାର ପ୍ରସାର କରିବେ ସେ ଦିଗରେ କଳା ବିକାଶ ପରିଷଦର ସଭ୍ୟ ପରମେଶ୍ୱର ମହାନ୍ତି ପରାମର୍ଶ ଦେଇଥିଲେ। ବୈଠକରେ ଉପସ୍ଥିତ ସମସ୍ତ ସାମାଜିକ ଗଣମାଧ୍ୟମ ପ୍ରତିନିଧିମାନେ ପୂର୍ଣ୍ଣ ସହଯୋଗ ମୁତାବକ ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ବ୍ୟାପକ ପ୍ରଚାର ପ୍ରସାର ଦିଗରେ ଉଦ୍ୟମ ଜାରି ରଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଜିର ବୈଠକକୁ କଳା ବିକାଶ ପରିଷଦର ସାମାଜିକ ଗଣମାଧ୍ୟମ ସଂଯୋଜକ ଭବାନି ଶଙ୍କର ମହାନ୍ତି ପରିଚାଳନା କରିଥିବା ବେଳେ ଅନ୍ୟ ସଭ୍ୟମାନେ ସହଯୋଗ କରିଥିଲେ।

# ଟ୍ରକ୍ ମାଲିକ ସଂଘର ନୂଆ କର୍ମକର୍ତ୍ତା

ଚଣ୍ଡିଖୋଲ,୧୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘର ନୂତନ କମିଟି ଗଠନ ନିମନ୍ତେ ଏକ ନିର୍ବାଚନ କମିଟି କରାଯାଇଛି। ଗତ ୭, ୧୨ତାରିଖରେ ଟ୍ରକ ମାଲିକମାନଙ୍କର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟ ଉପଦେଷ୍ଟା ଚନ୍ଦନ କୁମାର ନାୟକ ଅଧ୍ୟକ୍ଷତା କରିଥଲେ। ପୂର୍ବ କମିଟିର କାର୍ଯ୍ୟକାଳ ଶେଷ ହେଇଥିବାରୁ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯିବା ପାଇଁ ସର୍ବ ସମ୍ମତି ଭାବେ ନିଷ୍ପତ୍ତି ଗ୍ରହଣ କରାଗଲା, ଉକ୍ତ ବୈଠକରେ ସଂଘର ସମସ୍ତ ଉପଦେଷ୍ଟା, ଶୁଙ୍ଗୁଡ଼ା ସରପଞ୍ଚଙ୍କ ପ୍ରତିନିଧି ଅକ୍ଷୟ କୁମାର ସ୍ୱାଇଁ, ସଂଘର ବରିଷ୍ଠ ସଭ୍ୟ ନୃସିଂହ ନାରାୟଣ ହୋତା, ପୂର୍ବ କମିଟିର ସଭାପତି, ସମ୍ପାଦକ ସମେତ ଶତାଧିକ ଟ୍ରକ୍ ମାଲିକମାନେ ଯୋଗ ଦେଇଥିଲେ। ସମସ୍ତ ଟ୍ରକ୍ ମାଲିକମାନଙ୍କର ଅନୁରୋଧ କ୍ରମେ ଏକ ନୂତନ ନିର୍ବାଚନ କମିଟି ଗଠନ କରାଗଲା। ଏହି ନିର୍ବାଚନ କମିଟିରେ ଅଧ୍ୟକ୍ଷ ଭାବେ ଚନ୍ଦନ କୁମାର ନାୟକ, ସଦସ୍ୟ ଭାବରେ ସର୍ବଶ୍ରୀ ସନ୍ତୋଷ କୁମାର ରାଉତ, ପ୍ରମୋଦ କୁମାର ନାୟକ, ପ୍ରଶାନ୍ତ କୁମାର ଜେନା, ବିନାୟକ ସାହୁ ପ୍ରମୁଖଙ୍କୁ ମନୋନୀତ କରାଗଲା। ଉକ୍ତ ନିର୍ବାଚନ କମିଟି ଆସନ୍ତା ୯୦ଦିନ ମଧ୍ୟରେ ନୂତନ ନିର୍ବାଚନ କରାଇ ଏକ ନୂତନ ପରିଚାଳନା କମିଟି ଗଠନ କରିବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବକୁ ଗୃହୀତ କରାଗଲା।

# ବିଦ୍ୟାଳୟରେ ବିଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ

କେନ୍ଦ୍ରାପଡା,୧୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ମେହେନ୍ଦିପୁର ସ୍ଥିତ ଲାଲ ବାହାଦୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ସାହିତ୍ୟ ପତ୍ରିକା 'କାୟାକଳ୍ପ' ପକ୍ଷରୁ ବିଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଦାସ ଉଦଘାଟନ କରିଥିଲେ। ଶିକ୍ଷାବିତ୍, ଦାର୍ଶନିକ ପଣ୍ଡିତ ହୃଷୀକେଶ ରଥ, ସାମ୍ବାଦିକ କେଦାର ରାଉତ ଅତିଥି ଭାବରେ ଯୋଗଦେଇ ଥିଲେ। ତ୍ରିଲୋଚନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସତ୍ୟ ସୁନ୍ଦର ଦାସ ସ୍କୋରର ଥିଲେ। ଅଙ୍କିତା ଭୋଳ, ଅଦ୍ୟାଶା ବେହୁରା, ତୃପ୍ତିମୟୀ ରାଉତ, ଶୁଭମ୍ ରାଉତରାୟ ଶ୍ରେଷ୍ଠ ପ୍ରତିଯୋଗୀ ହୋଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଶ୍ରୀଗୁରୁ ଟ୍ରଷ୍ଟ ପକ୍ଷରୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରଧାନ ଶିକ୍ଷକ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶ ବେହେରା ଧନ୍ୟବାଦ୍ ଦେଇଥିଲେ ଓ ସସ୍ମିତା ନାୟକ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ବାଳବୈଜ୍ଞାନିକ ପ୍ରଦର୍ଶନୀ



ଜଗତସିଂହପୁର,୧୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ୨୦୨୫-୨୬, ବକ୍ଷଳବାଜ୍ଞାନିକ ବିଜ୍ଞାନ ପ୍ରଦର୍ଶନୀ, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନ ପ୍ରକଳ୍ପ, ପ୍ରତିଯୋଗିତା ଓ ପରିବେଶ ପାଇଁ ପୋଷଣୀୟ ଜୀବନଶୈଳୀ ଏବଂ ଜଣାଅଜଣା ପ୍ରତିଯୋଗିତା-୨୦୨୫-୨୬ ସ୍ଥାନୀୟ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ମଧୁସୂଦନପୁର ଶାସନ ପରିସରରେ ଜଗତସିଂହପୁରର ଜିଲ୍ଲାପାଳ ତଥା ମୁଖ୍ୟଅତିଥି ଜେ.ସୋନାଲଙ୍କ ଦ୍ୱାରା ବିଜ୍ଞାନ ପତାକା ଉତ୍ତୋଳନ ଓ ରିବନ କର୍ତ୍ତନ କରାଯାଇ ଉଦଘାଟନ କରାଯାଇଅଛି। ଜିଲ୍ଲା ଶିକ୍ଷାଅଧିକାରୀ କେଶବ ମେହେରଙ୍କ ଅଧକ୍ଷତକ୍ଷରେ ଅନୁଷ୍ଠିତ ସଭାରେ ଜିଲ୍ଲାବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ। ସେଣ୍ଟର ଅଫ ଏନଭାରମେଣ୍ଟାଲ ଷ୍ଟାଡିଜର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ ମୁଖ୍ୟବକ୍ତା, ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ରାଜ୍ୟଶ୍ରୀ ସାହୁ, ଡ଼ ସୁଶାନ୍ତ ମହାନ୍ତି, ମଣ୍ଡଳ ଶିକ୍ଷାଧିକାରୀ ବିଶ୍ୱମ୍ଭର ମଲ୍ଲିକ, ମନୋଜ କୁମାର ବେହେରା ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ ବିଜ୍ଞାନମେଳା ପିଲାମାନଙ୍କ ଜ୍ଞାନକୌଶଳକୁ କିପରି ତ୍ୱରାନ୍ୱିତ କରିଥାଏ ସେ ବିଷୟରେ ମାର୍ଗଦର୍ଶନ କରିଥିଲେ। ଜାତୀୟ ଇକୋ ହାକାଥନ-୨୦୨୪ରେ ପାରଦର୍ଶିତା ଦେଖାଇଥିବା ଜଗତସିଂହପୁର କୁନି ବୈଜ୍ଞାନିକ ଆରୟାହି ଅର୍ପିତା ନାୟକଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ସମ୍ବୋର୍ଦ୍ଧିତ କରାଯାଇଥିଲା। ଏତତ ବ୍ୟତୀତ ପରିବେଶ ଏବଂ ପ୍ରକୃତି ସଂରକ୍ଷଣ ପାଇଁ ଉଲ୍ଲେଖନୀୟ ଅବଦାନଥିବା ପ୍ରତ୍ୟକ ବ୍ଲକରୁ ମନୋନୀତ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ବିଜ୍ଞାନ ପ୍ରଦର୍ଶନୀରେ ମୋଟ ୧୬୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

# ନବନିଯୁକ୍ତ ଅଗ୍ନିବୀରଙ୍କୁ ସମ୍ବର୍ଦ୍ଧନା

ରାଜନଗର,୧୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ରାଜନଗର ବ୍ଲକ କୁରୁଣ୍ଟି ଗ୍ରାମର ନିରଞ୍ଜନ ନାୟକଙ୍କ ପୁଅ ଆରିୟାନ ନାୟକ ଭାରତୀୟ ସେନା ବାହିନୀରେ ଅଗ୍ନିବୀର ସୈନିକ ଭାବରେ ନିଯୁକ୍ତି ପାଇ ରାଜନଗର ମାଟି ପାଇଁ ଗୌରବ ଆଣିଛନ୍ତି। ବ୍ଲକ୍ ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ସଭାପତି ସୁବେଦାର ଗଗନ ବିହାରୀ ସ୍ୱାଇଁ, ସମ୍ପାଦକ ଅଚ୍ୟୁତାନନ୍ଦ ପ୍ରଧାନ, ଅକ୍ଷୟ କୁମାର ନାୟକ, ରବିନ୍ଦ୍ର ମହାରଣା, ରଶ୍ମିରଞ୍ଜନ ରାଉତ ପ୍ରମୁଖ ଆରିୟାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା

ରାଜନଗର,୧୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ରାଜନଗର ବ୍ଲକ ସଦର ମହକୁମାସ୍ଥିତ ଶୈଳେନ୍ଦ୍ରନାରାୟଣ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡଃ ଘନଶ୍ୟାମ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବର ପ୍ରାରମ୍ଭରେ ସ୍ଥାନୀୟ ରାଘବେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ମଶାଲ ଶୋଭାଯାତ୍ରା କରି ଛାତ୍ରଛାତ୍ରୀମାନେ ଅନୁଷ୍ଠାନ ପରିସରରେ ପହଞ୍ଚିଥିଲେ। ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟକୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଯୁକେ ମହାବୀର ମହାବିଦ୍ୟାଳୟର କ୍ରୀଡା ଅଧ୍ୟାପକ ସୁଧିରକୁମାର ବେହେରା ଯୋଗଦେଇ କ୍ରୀଡା ପତକା ଉତ୍ତୋଳନ କରିଥିଲେ। ଆଜିର କ୍ରୀଡାରେ ଶହେ ମିଟର ଓ ଦୁଇଶହ ମିଟର ଦୌଡ, ଉଚ୍ଚ ଓ ଲମ୍ବ ଡିଆଁ, ସଟପୁଟ ଏବଂ ଡିସକସ ଥ୍ରୋ କ୍ରୀଡା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଅଧ୍ୟାପକ ନିହାର ରଂଜନ ପରିଡା, ଆଦିତ୍ୟ ତ୍ରିପାଠି, ଅରୁଣକୁମାର ରାଉତ, ସାମ୍ବାଦିକ ଅଭିରାମ ଦାସ, ଜଗବନ୍ଧୁ ବେହେରା, ରବିନାରାୟଣ ଦାସ, ଦୟାନିଧି ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଅସ୍ତରଙ୍ଗ ପ୍ରେସ୍ କ୍ଲବରେ ସ୍ୱାଗତ ସମ୍ବର୍ଦ୍ଧନା

ଅସ୍ତରଙ୍ଗ,୧୧।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଗୁରୁବାର ଅସ୍ତରଙ୍ଗ ଠାରେ ଅସ୍ତରଙ୍ଗ ପ୍ରେସ୍ କ୍ଲବ୍‌ର ସ୍ୱାଗତ ସମ୍ବର୍ଦ୍ଧନା ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ସଭାପତି ଶରତ କୁମାର ପରିଡ଼ା ସଭାପତିତ୍ୱ କରିଥିବାବେଳେ ବରିଷ୍ଠ ସାମ୍ବାଦିକ ପ୍ରମୋଦ ଦାସ, ସମ୍ପାଦକ ବୃନ୍ଦାବନ ବିଶ୍ୱାଳ ମଞ୍ଚାସୀନ ଅତିଥି ଭାବେ ଯୋଗଦେଇ ନୂତନ କାର୍ଯ୍ୟକର୍ତ୍ତା ସଦସ୍ୟ ଭାବେ ଜ୍ୟୋତି ଶଙ୍କର ଦାସ, ଅରୁଣ କୁମାର ବିଶ୍ୱାଳଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଆୟୋଜିତ ବନ୍ଧୁ ମିଳନ ଉତ୍ସବରେ ମୁଖ୍ୟ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡା, ଶୃଙ୍ଖଳା କମିଟି ଅଧ୍ୟକ୍ଷ ଜଗନ୍ନାଥ ବେହୁରା, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ଜେନା, ଯୁବ ସାମ୍ବାଦିକ ଅନିଲ ବାରିକ, ତ୍ରିଲୋଚନ ବେହେରା, ଉପସଭାନେତ୍ରୀ ମମତା ଜେନା, ଅକ୍ଷୟ ପ୍ରସାଦ ମହାନ୍ତି, ଶୋଭା କର ବେହେରା, ପ୍ରିୟବ୍ରତ ମୁଦୁଲି, ସୋସିଆଲ ମିଡ଼ିଆ ସଂଯୋଜକ ଅଲେଖ ବିଶ୍ୱାଳ ଯୋଗଦେଇ ନୂତନ ବର୍ଷ ୨୦୨୬ରେ ବିଭିନ୍ନ ସାମାଜିକ କାର୍ଯ୍ୟ, ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୪ ଘଣ୍ଟିଆ ବିଶେଷଜ୍ଞ ଡାକ୍ତର ଶଯ୍ୟା ସଂଖ୍ୟା ବୃଦ୍ଧି, ଜାନୁଆରୀ ୨୬, ୭୭ତମ ସାଧାରଣ ତନ୍ତ୍ର ପାଳନ କରିବା ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା।

# ଲିଙ୍ଗ ଭିତ୍ତିକ ହିଂସା ନିରାକରଣ ସଚେତନତା



ନୂଆପଡା,୧୧।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ନୂଆପଡା ଜିଲ୍ଲାରେ ଲିଙ୍ଗ ଭିତ୍ତିକ ହିଂସା ନିରାକରଣ ସଚେତନ ପକ୍ଷ-୨୦୨୫ ପାଳନ ଅବସରରେ ଏକ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜିଲ୍ଲାପାଳ ମଧୁସୂଦନ ଦାଶ କହିଛନ୍ତି ଯେ ଆମ ସମାଜରେ ପ୍ରାଚୀନ କାଳରୁ ମହିଳାମାନଙ୍କୁ ଉଚ୍ଚ ସମ୍ମାନ ଦିଆଯାଉଛି। କିନ୍ତୁ ଅବିବାହିତ କନ୍ୟା ମା'ହେବା ବିଷୟ ଉପରେ ସେ ଗଭୀର ଚିନ୍ତା ପ୍ରକଟ କରିଥିଲେ। ସେ କହିଲେ ଯେ ଅବିବାହିତ କନ୍ୟା ମା' ହେବା ନାରୀଜାତି ପ୍ରତି ସବୁଠାରୁ ବଡ ହିଂସା ଅଟେ। ସେ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଏବଂ ଅନ୍ୟାନ୍ୟ ସଂପୃକ୍ତ ବିଭାଗକୁ ଅବିବାହିତ ମା'ମାନଙ୍କର ଉଚିତ ଥଇଥାନ କରିବା ଦିଗରେ ସବୁ ପ୍ରକାର ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ ଲିଙ୍ଗ ଭିତ୍ତିକ ହିଂସାକୁ ଏକ ହାନିକାରକ କାର୍ଯ୍ୟ ବୋଲି ଅଭିହିତ କରିଥିଲେ। ଏହି ସଭାରେ ଯୋଗଦାନ କରି, ଏସଡିପିଓ ସ୍ୱାଧୀନ ମିଶ୍ର ନିଜ ବକ୍ତବ୍ୟରେ ଲିଙ୍ଗ ଭିତ୍ତିକ ହିଂସା ନିରାକରଣ ପାଇଁ ବିଭିନ୍ନ ଆଇନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧିକାରୀ, ଡିଏମଓ (ଏମ୍‌ଏସ), ଡିପିଏଚଓ, ଏଡିପିଏଚଓ (ଡିସି), ଡିପିଏମ, ଏସଆଇ, ଡିଏମଆରସିଏଚ, ସମସ୍ତ ମେଡ଼ିକାଲ୍ ଅଧିକାରୀ, ପିଏଚଇଓ, ନର୍ସିଂ ଅଫିସର ଏହି ସଭାରେ ଅଂଶଗ୍ରହଣ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଲିଙ୍ଗ ଆଧାରରେ କୌଣସି ବ୍ୟକ୍ତି ବିରୁଦ୍ଧରେ କ୍ଷତିକାରକ କାର୍ଯ୍ୟକଳାପକୁ ଲିଙ୍ଗ ଭିତ୍ତିକ ହିଂସା ବା (ଜିବିଭି) ବୋଲି କୁହାଯାଏ। ଲିଙ୍ଗ ଭିତ୍ତିକ ହିଂସା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ସ୍ୱାସ୍ଥ୍ୟ ସମସ୍ୟା, ଯାହାର ଶାରୀରିକ, ମାନସିକ ଏବଂ ସାମାଜିକ ପ୍ରଭାବ ରହିଛି। ଏହାର କୁପ୍ରଭାବ ରୋକିବା ପାଇଁ ଆଜିର ଏହି ବୈଠକ ନିଶ୍ଚିତ ଭାବରେ ସହାୟକ ହେବ ବୋଲି ଜିଲ୍ଲାପାଳ ଆଶା ପ୍ରକାଶ କରିଛନ୍ତି।

# ମାନବିକତା ଅଧିକାର ଦିବସ

କେନ୍ଦ୍ରାପଡା,୧୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରାପଡା ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ସେଣ୍ଟ ଜାଭିୟର ହାଇସ୍କୁଲ ଗୋପ ଠାରେ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରାଧିକରଣର ସଚିବ ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ମାନବିକ ଅଧିକାର ଓ ଏହାର ଅଧିନିୟମ ଅନ୍ତର୍ଗତ ନିୟମାବଳୀ ଓ ଆଇନର ଦିଗ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଅବସରରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ ପ୍ରାଧିକରଣ ତରଫରୁ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କୁମାର ସାହୁ, ଜିଲ୍ଲା ମଙ୍ଗଳ କମିଟିର ଅଧକ୍ଷା ସ୍ୱାଗତିକା ପାତ୍ର, ବ୍ଲକ୍ ଶିକ୍ଷା ଅଧିକାରୀ କେନ୍ଦ୍ରାପଡା ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ପ୍ରୋଗ୍ରାମ ଅଫିସର ଓ ବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କ ଉଦ୍ଦେଶ୍ୟରେ ମାନବିକ ଅଧିକାର ଉପରେ ଶିକ୍ଷଣିୟ ବକ୍ତବ୍ୟମାନ ରଖିଥିଲେ।

# ବ୍ୟବସାୟରେ ମହିଳା ଶୀର୍ଷକ ପ୍ରଶିକ୍ଷଣ

ଜଗତସିଂହପୁର,୧୧।୧୨
ଏକ୍ସପ୍ରେସ୍ ନ୍ୟୁଜ୍



ଆନ୍ତର୍ଯ୍ୟାତୀୟ ଶ୍ରମ ସଂଗଠନ, ଆନ୍ତର୍ଯ୍ୟାତୀୟ ପ୍ରଶିକ୍ଷଣ ଶିବିର ଜଗତସିଂହପୁର ନୂଆପୋଲସ୍ଥ 'ଆଶ୍ରା' ପରିସରରେ ଗତ ପାଞ୍ଚ ଡିସେମ୍ବରରେ ଆରମ୍ଭ ହୋଇ ସାତ ଡିସେମ୍ବରରେ ଉଦଯାପିତ ହୋଇଯାଇଛି। ଜଗତସିଂହପୁର ଜିଲ୍ଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ତରୁଣ କାନ୍ତ ମହାନ୍ତି ଓ ଇଏ ପ୍ରଭାତ କୁମାର ଦାଶ ଫଓରମାସ ଜଗତସିଂହପୁର ଏହି ଶିବିରକୁ ଉଦଘାଟନ କରିଥିଲେ। ଏହି ପ୍ରଶିକ୍ଷଣରେ ଅଗ୍ରଣୀ ପ୍ରଶିକ୍ଷକ ସୁବ୍ରତ କୁମାର ପଟ୍ଟନାୟକ, ପ୍ରଶିକ୍ଷିକା ଅନ୍ନପୂର୍ଣ୍ଣା ଦାଶ ଓ ଉମାକାନ୍ତ ସ୍ୱାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପନ୍ଦର ଜଣ ମହିଳା ଉଦ୍ୟୋଗୀ ଏହି ପ୍ରଶିକ୍ଷଣରେ ଯୋଗଦେବା ସହିତ ପ୍ରଯୁକ୍ତି ବିଦ୍ୟାକୁ ପ୍ରୟୋଗ କରି ବ୍ୟବସାୟକୁ କିପରି ବିଶ୍ୱସ୍ତରରେ ପହଞ୍ଚାଇ ହେବ, ଏଥିସହିତ ସ୍ୱଳ୍ପ ପୁଞ୍ଜି ନିବେଶ କରି ସହଜ ଉପାୟରେ କିପରି ଅଧିକ ଅର୍ଥ ଉପାର୍ଜନ କରିପାରିବେ, ତାହା ଉପରେ ଆଲୋକପାତ କରିଥିଲେ। ଉମାକାନ୍ତ ସ୍ୱାଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ 'ଆଶ୍ରା' ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ମଧ୍ୟରେ ମାନସ କୁମାର ଖୁଣ୍ଟିଆ, ସରୋଜ କୁମାର ସାହୁ ଆଦି ସହାୟତା କରିଥଲେ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୧୨ ଡିସେମ୍ବର ୨୦୨୫ ● ଶୁକ୍ରବାର


## ନିଆଁ ଲାଗି ୩୦ ଏକର ଫସଲ ନଷ୍ଟ



**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ବ୍ଲକ ନେତୁଆ ପଞ୍ଚାୟତ କପାସୁଦା ନିକଟ ୩୦ ଏକର ପରିମିତି ଧାନ କ୍ଷେତରେ ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି ଘଟିଛି। ଘଟଣା ଅନୁସାରେ ଜଳେଶ୍ୱର ଅଞ୍ଚଳରେ ଧାନ ଅମଳ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଥିବା ବେଳେ ନେତୁଆ ଗାଁର ଲକ୍ଷ୍ମୀଧର ଜେନା ତାଙ୍କ ଜମିରେ ଅମଳ ସାରି ଗୁରୁବାର ୧୧ଟା ବେଳେ ନିଆଁ ଲଗାଇଥିଲେ। ଉତ୍ତରା ପବନରେ ନିଆଁ ନିକଟସ୍ଥ ଅମଳ ହୋଇନଥିବା ଜମିକୁ ପ୍ରବଳ ବେଗରେ ମାଡ଼ି ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ସୂଚନା ପରେ ଅଗ୍ନୀଶମ ବାହୀନି ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣାରେ କପାସୁଦା ଗାଁର ନାମକୁ ମାତ୍ର ଚାଷୀ, ସୁଧିର କୁମାର ପ୍ରଧାନଙ୍କ ୩୦ ଡିସିମିଲ ଓ ଭାଗଚାଷୀ ବିଜୟ କୁମାର ପାତ୍ରଙ୍କ ୪୨ ଡିସିମିଲ ଜମିର ଧାନ ପୋଡି ପାଉଁଶ ହୋଇଯାଇଛି। ଏହା ସହିତ, ଶ୍ରୀକୃଷ୍ଣ ପାତ୍ରଙ୍କ ୨ଏକର, ରାମଚନ୍ଦ୍ର ପାତ୍ରଙ୍କ ୨ଏକର, ରାଜେଶ ମହାନ୍ତିଙ୍କ ୩ଏକର, ଶ୍ରୀହରୀ ପାତ୍ର, ୩ଏକର, ପ୍ରଦୀପ ପାତ୍ରଙ୍କ ୨ଏକର, ପ୍ରଶାନ୍ତ ପାତ୍ରଙ୍କ ୩ଏକର, ଶଙ୍କର ପ୍ରଧାନଙ୍କ ୨ଏକର, ସିତାଂଶୁ ଭୂୟାଁଙ୍କ ୩ଏକର, ମଧୁସୂଦନ ପାତ୍ରଙ୍କ ୩ଏକର, ହେମନ୍ତ ମହାନ୍ତିଙ୍କ ୧ଏକର, ଶୁସାନ୍ତ ମହାନ୍ତିଙ୍କ ୪ଏକର, ଲକ୍ଷ୍ମଣ ପାତ୍ରଙ୍କ ୨ଏକର, ସଞ୍ଜିତା ସ୍ୱାଇଁଙ୍କ ୨ ଏକର ଜମିରେ ଅତ୍ୟାବଶ୍ୟକ କୁଟା(ନଡ଼ା) ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ନିକଟରେ ଥିବା ନିତ୍ୟାନନ୍ଦ ମହାନ୍ତିଙ୍କ ଏକ ମିନି ସୋଲାରରେ ନିଆଁ ଲାଗି ଲକ୍ଷାଧିକ ଟଂକାର ସମସ୍ତ ଯନ୍ତ୍ରପାତି ଭସ୍ମୀଭୂତ ହୋଇ ଯାଇଛି। ନିଆଁର ପ୍ରଭାବ ଏତେ ଥିଲା ଯେ ନିକଟସ୍ଥ ପଞ୍ଚାୟତ ପୋଖରୀରେ ଥିବା ପ୍ରାୟ ୫୦ଟି ଆକାଶି ଗଛ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପ୍ରାୟ ୫୦ହଜାର ଟଙ୍କାର ଶସ୍ୟ ପୋଡ଼ି ପାଉଁଶ ହୋଇଥିବା ବେଳେ ମୂଲ୍ୟବାନ ବୃକ୍ଷ ଓ ନଡ଼ାର ମୂଲ୍ୟାଙ୍କନ ହୋଇପାରିନାହିଁ। ଏ ସମ୍ପର୍କରେ ପୀଡ଼ିତ ଚାଷୀମାନେ ନାମ୍‌ଫୋ ଫାଣ୍ଡିରେ ପହଞ୍ଚି ଲିଖିତ ଅଭିଯୋଗ ଦେବା ସହ କ୍ଷତିପୂରଣ ଦାବି କରିଛନ୍ତି।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଭାରତୀୟ ଭାଷା ଉତ୍ସବ

**ଖଲ୍ଲିକୋଟ:ଏକ୍ସପ୍ରେସ୍ ନ୍ୟୁଜ୍**

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଭାରତୀୟ ଭାଷା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ 'ଭାରତୀୟ ଭାଷା ପରିବାର: ବିବିଧତା ମଧ୍ୟରେ ଏକତା' ଶୀର୍ଷକ ପାଠଚକ୍ରର ଆୟୋଜନ ହୋଇଥିଲା। ପ୍ରାରମ୍ଭରେ ଛାତ୍ରଛାତ୍ରୀ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ ଆଜିର କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥଙ୍କୁ ପୁଷ୍ପ ଅର୍ପଣ ପୂର୍ବକ ବିଧିବଦ୍ଧ ଭାବେ ଉଦଘାଟନ କରି ସ୍ନାତକୋତ୍ତର ପରିଷଦ ସମୂହ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଭାଷାଗତ ବିବିଧତା ହିଁ ଭାରତର ବୈଶିଷ୍ଟ୍ୟ ବୋଲି ମତ ଦେବା ସହ ତାମିଲ କବି ସୁବ୍ରମଣ୍ୟମ ଭାରତୀଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ଉଷାରାଣୀ ରଥ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ତଥା ପଠଚକ୍ର ବିଷୟରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପାଠଚକ୍ରର ବିଷୟ ବିଶାରଦ ଭାବରେ ଯୋଗଦେଇଥିଲେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସାରଳା ଦାସ ଚେୟାର ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର। ନିଜ ଅଭିଭାଷଣରେ ସେ ଭାରତୀୟ ଭାଷା ପରିବାର ଅନ୍ତର୍ଗତ ବିଭିନ୍ନ ଭାଷାର ପରିଚୟ ଦେବା ସହ ସେମାନଙ୍କ ମଧ୍ୟରେ ଥିବା ସାମ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ବିଭାଗୀୟ ଅଧ୍ୟାପିକା ସୁଶ୍ରୀ ସ୍ୱର୍ଣ୍ଣଲତା ବିଷୋୟୀ ଭାରତୀୟ ଭାଷା ଉତ୍ସବ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଡ. ବନମାଳୀ ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରିନ୍ସ, ଶେଖର, ମନୀଷା, ବିଜୟଲକ୍ଷ୍ମୀ, ଦୀପକ, ସରୋଜ, ଶକ୍ତି, ବିଶ୍ୱରଞ୍ଜନ, ରତିରମଣ, ଲିପିକା, ଜ୍ୟୋସ୍ନା, ଲିପ୍ସା, ଲକ୍ଷ୍ମୀପ୍ରିୟା, ସୁମିତ୍ରା, ରୋଜା ପ୍ରମୁଖ ବହୁ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବିଭାଗର ସମସ୍ତ ଛାତ୍ରଛାତ୍ରୀ ବେଶ ଉତ୍ସାହିତ ଜଣା ପଡ଼ୁଥିଲେ।

## ମାନବିକ ଅଧିକାର ଦିବସ

**ଦଶପଲ୍ଲା:ଏକ୍ସପ୍ରେସ୍ ନ୍ୟୁଜ୍**

ଦଶପଲ୍ଲା ତାଲୁକ ଆଇନ ସେବା କମିଟି ପକ୍ଷରୁ ବିଚାର ବିଭାଗ ଅଦାଲତ ପରିସରରେ ମାନବିକ ଅଧିକାର ଦିବସ ପାଳିତ ହୋଇ ଯାଇଛି। ଆୟୋଜିତ ଏକ ସଭାରେ ବରିଷ୍ଠ ଆଇନଜିବି ତଥା ସମ୍ପାଦକ ଶରତ ଚନ୍ଦ୍ର ବେହେରା, ଆଇନଜିବି ବୀରେନ୍ଦ୍ର ନାୟକ, ବେଣୁଧର ନାୟକ ପ୍ରମୁଖ ମାନବିକ ଅଧିକାର ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ଏବଂ ଏଥିସହ ଯଦି କୌଣସି ଜାଗାରେ ମାନବିକ ଅଧିକାର କ୍ଷୁଣ୍ଣ ହେଉଛି ତାହାକୁ ତାଲୁକ ଆଇନ ସେବା କମିଟି ଦୃଷ୍ଟିକୁ ଆଣିବାକୁ ମଧ୍ୟ ଉପସ୍ଥିତ ଜନ ସାଧାରଣଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ, ପାରାଲିଗାଲ ଭଲୁଣ୍ଟିୟର, ଆଇନଜିବି, ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଆଇନଜିବି ବ୍ରଜେନ୍ଦ୍ର କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫଳ ଦୋକାନରୁ ଗଂଜେଇ ଜବତ: ମହିଳା ଗିରଫ

**ମୁରିବାହାଲ:ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଗୁଡିଘାଟରେ ଅବକାରୀ ବିଭାଗ ଚଢ଼ଉ କରି ୧କେଜି ୮୦୦ଗ୍ରାମ ଗଞ୍ଜେଇ ଜବତ କରିଛି। ଅବକାରୀ ବିଭାଗ ସୂଚନା ଅନୁଯାୟୀ ବିଳାସ ସାହୁ (୫୪) ଗୁଡିଘାଟ ରାସ୍ତା ପାର୍ଶ୍ୱରେ ଏକ ଫଳ ଦୋକାନ କରି ଗଞ୍ଜେଇ ବିକ୍ରୟ କରୁଥିବାର ବିଶେଷ ସୂତ୍ରରୁ ଖବର ପାଇଥିଲେ। ପୂର୍ବ ଯୋଜନା ଅନୁସାରେ ଆଜି ଦିନ ୧୨ଟା ସମୟରେ ଫଳ ଦୋକାନରେ ଚଢ଼ଉ କରି ଗଞ୍ଜେଇ ଜବତ କରି ଉକ୍ତ ମହିଳାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ଚଢ଼ଉରେ ଇନ୍ସପେକ୍ଟର ସଚିନ ବେହେରାଙ୍କ ନେତୃତ୍ୱରେ ଏଏସଆଇ ହିଙ୍ଗୁଳା ଦାଶ ସମେତ କନେଷ୍ଟେବଳ ପ୍ରଫୁଲ୍ଲ କୁମାର ନାଗ, ରଞ୍ଜନ ମିଶ୍ର, ଚନ୍ଦନ କୁମାର ପଟେଲ, ଆଶିଷ କୁମାର ପଟେଲ ପ୍ରମୁଖ ସାମିଲ ଥିଲେ।

## ୧୭ବର୍ଷ ଧରି ନ୍ୟାୟିକ ଲଢ଼େଇ ଲଢୁଛନ୍ତି ବାମଦେବ

**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

ବାମଦେବ ବେହେରା ପୁରୀ ଜିଲ୍ଲା କାକଟପୁରର ବାସିନ୍ଦା। ଦୀର୍ଘ ୧୭ ବର୍ଷ ଧରି ନିଯୁକ୍ତି ଅନିୟମିତତା ବିରୁଦ୍ଧରେ ସଂଗ୍ରାମକରି ନିଯୁକ୍ତି ପାଇବା ପାଇଁ ସେ ସଂଘର୍ଷ କରୁଛନ୍ତି। ଦିନେ ନୁହେଁ କି ଦୁଇଦିନ ସେ ବର୍ଷବର୍ଷ ଧରି ସଂଗ୍ରାମ କରିଚାଲିଛନ୍ତି। ୨୦୦୬ ମସିହାରେ ପୁରୀ ଶିକ୍ଷା ବିଭାଗ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ବିଜ୍ଞପ୍ତିରେ ପ୍ରକାଶିତ ସଂରକ୍ଷଣ ନିୟମକୁ ଉଲଂଘନ କରି ଖାଲିଥିବା ଏସଟି ପଦବୀରେ ଜେନେରାଲ୍ ବର୍ଗର ପ୍ରାର୍ଥୀଙ୍କୁ ଏକ ଅଜବ ସର୍ତ୍ତ ରଖି ନିଯୁକ୍ତି ଦେଇଥିଲେ। ବାମଦେବ ଉକ୍ତ ପଦବୀ ପାଇଁ ସଂରକ୍ଷଣ ନିୟମ ଅନୁଯାୟୀ ଯୋଗ୍ୟ ହୋଇ ମଧ୍ୟ ପୁରୀ ଶିକ୍ଷା ବିଭାଗ ତାଙ୍କ ଗ୍ରୀଭାନ୍ସକୁ ପ୍ରତ୍ୟାଖ୍ୟାନ କରିଥିଲେ। ମାନ୍ୟବର ହାଇକୋର୍ଟ ତାଙ୍କୁ ନିଯୁକ୍ତି ଦେବାପାଇଁ ଏକ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ୱାଇଜ୍ ନିଯୁକ୍ତି ହୋଇଥିବା କାରଣରୁ ଓ ଅଭିଯୋଗକାରୀ କାକଟପୁର ବ୍ଲକର ଆଶାୟୀ ହୋଇଥିବାରୁ ନିଜେ ବାରମ୍ବାର ହତୋତ୍ସାହିତ ହୋଇଥିଲେ ମଧ୍ୟ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଗୁହାରି ଜଣାଇଥିଲେ। ତାଙ୍କ ପାଇଁ ହାଇକୋର୍ଟ ଦେଇଥିବା ଆଦେଶ ନଂ ଡବ୍ଲ୍ୟୁ ପିସି ୭୭୪୬ ଅଫ ୨୦୧୨କୁ ସୁଇଟେବୁଲ ଇମ୍ପ୍ଲିମେଣ୍ଟେସନ କରିବା ପାଇଁ ସବୁସ୍ତରରୁ ନିର୍ଦ୍ଦେଶ ଆସିଥିଲା। ମୁଖ୍ୟମନ୍ତ୍ରୀ ମଧ୍ୟ ଜନଶୁଣାଣି ମାଧ୍ୟମରେ ଏହି ବିରଳ ଅଭିଯୋଗକାରୀଙ୍କ ଅଭିଯୋଗକୁ ଅତି ନିକଟରୁ ତର୍ଜମା କରିଥିଲେ। ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଜିଲ୍ଲାପାଳ ଜନଶୁଣାଣି ମାଧ୍ୟମରେ ରିପୋର୍ଟ ମଧ୍ୟ ଡିସ୍‌ପୋଜ୍ ଅପ୍ କରିସାରିଛନ୍ତି ବାମଦେବ ବେହେରାଙ୍କ ଅର୍ଡରକୁ ସୁଇଟେବୁଲ ଇମ୍ପ୍ଲିମେଣ୍ଟେସନ କରିବା ପାଇଁ। ଏସପି ମଧ୍ୟ ପ୍ରଦାନ କରାଯାଇଥିବା



ରିପୋର୍ଟକୁ ତର୍ଜମା କରି ସ୍ପଷ୍ଟ ଭାବରେ ଲେଖିଛନ୍ତି ଯେ ରିପୋର୍ଟଟି ସତ୍ୟ ଅଟେ। ଏତେସବୁ ପରେ ମଧ ନ୍ୟାୟ ପାଉ ନାହାଁନ୍ତି ଅଭିଯୋଗକାରୀ। ଗ୍ରୀଭାନ୍ସ ହେଉଛି ସମାଧାନ ଅଥଚ ନ୍ୟାୟ ମିଳୁନାହିଁ। ଯୁଗ୍ମ ଜନଶୁଣାଣି ମାଧ୍ୟମରେ ଜିଲ୍ଲାସ୍ତରରେ ମଧ୍ୟ ଅଭିଯୋଗକାରୀ ଅଭିଯୋଗ ଦେଇଥିଲେ। କିନ୍ତୁ ଡିଇଓ ଯାହା କରିବେ ବୋଲି କୁହାଯାଇଥିଲା ତାଙ୍କୁ। ଗଣଶିକ୍ଷା ବିଭାଗ ଓ ପୁରୀ ଶିକ୍ଷା ବିଭାଗର ଏକାଧିକ ଚିଠିରେ ଲେଖାଅଛି ବାସ୍ତବରେ ନିଯୁକ୍ତି କାହାକୁ ମିଳିବା କଥା କିନ୍ତୁ ନିଯୁକ୍ତି ପାଇଛି କିଏ। ଗଣଶିକ୍ଷା ବିଭାଗ ବାମଦେବ ବେହେରାଙ୍କୁ ନିଯୁକ୍ତି ପ୍ରଦାନ କରିବା ବଦଳରେ କହୁଛନ୍ତି ଆରଟିଆଇରେ ମାଗ। କାକଟପୁରର ଜଣେ ଗରିବ ଯୁବକ ନ୍ୟାୟ ପାଇଁ ୧୭ ବର୍ଷ ସଂଘର୍ଷ କରିଛନ୍ତି ବୋଲି ସ୍ୱାଗତଯୋଗ୍ୟ ଓ ଭଲ ପଦକ୍ଷେପ ବୋଲି ଗ୍ରୀଭାନ୍ସ ମାଧ୍ୟମରେ କହିଛନ୍ତି ସାଧାରଣ ପ୍ରଶାସନ ବିଭାଗ ଓଡ଼ିଶା ସରକାର। କେବଳ କହିଦେଲେ ହେବନାହିଁ, ଅଭିଯୋଗକାରୀଙ୍କୁ ନିଯୁକ୍ତି ପ୍ରଦାନ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ। ଏହି ବିରଳ ଅଭିଯୋଗର ସମାଧାନକରି ଅଭିଯୋଗକାରୀ ବାମଦେବ ବେହେରାଙ୍କୁ ନିଯୁକ୍ତି ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ଜିନ୍ଦଲ ଫାଉଣ୍ଡେସନର 'ଉତ୍କର୍ଷ' କୋଚିଂରୁ ସଫଳ ଓପିଏସସି ପ୍ରାର୍ଥୀ ସମ୍ମାନିତ




**ଅନୁଗୁଳ:ଏକ୍ସପ୍ରେସ୍ ନ୍ୟୁଜ୍**

ଜିନ୍ଦଲ ଷ୍ଟିଲର ସାମାଜିକ ଦାୟିତ୍ୱ ଶାଖା, ଜିନ୍ଦଲ ଫାଉଣ୍ଡେସନର ଅଗ୍ରଣୀ ପଦକ୍ଷେପ 'ଉତ୍କର୍ଷ' କୋଚିଂ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶା ଲୋକସେବା ଆୟୋଗ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୧୩ ଜଣ ପ୍ରାର୍ଥୀଙ୍କୁ ସମ୍ମାନିତ କରାଯାଇଛି। 'ଉତ୍କର୍ଷ' କାର୍ଯ୍ୟକ୍ରମ ଜରିଆରେ ଏହି ପ୍ରାର୍ଥୀମାନେ ମାଗଣା ଓ ଉଚ୍ଚମାନର ତାଲିମ ଗ୍ରହଣ କରିଥିଲେ। ଜିନ୍ଦଲ ଷ୍ଟିଲର ଅନୁଗୁଳ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ ଏହି ସଫଳ ପ୍ରାର୍ଥୀମାନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଶ୍ରୀ ମାଲହାନ ଓଡ଼ିଶାର ଯୁବ ଏବଂ ପ୍ରତିଭାବାନ ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ, 'ଆପଣଙ୍କ ବୃତ୍ତିଗତ ଭବିଷ୍ୟତ ପାଇଁ ମୁଁ ବହୁତ ବହୁତ ଶୁଭକାମନା ଜଣାଉଛି। ମୁଁ ନିଶ୍ଚିତ ଯେ, ରାଜ୍ୟବାସୀ ଆପଣଙ୍କ ସେବା ପାଇ ଉପକୃତ ହେବେ। ମୁଁ ଏହା ମଧ୍ୟ ଆଶା କରୁଛି ଯେ, ଆପଣମାନେ ଆପଣଙ୍କ ଦକ୍ଷତା ଏବଂ ନ୍ୟାୟପୂର୍ଣ୍ଣ ବିଚାର ଅନୁସାରେ ସରକାରୀ ବ୍ୟବସ୍ଥା ଏବଂ ଜନସାଧାରଣଙ୍କ ଆଶା ମଧ୍ୟରେ ସମନ୍ୱୟ ରଖିବେ।' ଶ୍ରୀ ମଲହାନଙ୍କୁ ଭେଟିଥିଲେ ଓପିଏସସି ପରୀକ୍ଷାରେ ସଫଳ ହୋଇଥିବା ମିତା ସାହୁ (ରାଙ୍କ ୬୪), ବଳରାମ ସାହୁ (ରାଙ୍କ ୧୪୦), ବିଶ୍ୱଜିତ ବେହେରା (ରାଙ୍କ ୧୪୧), ଅନିଲ କୁମାର ସାହୁ (ରାଙ୍କ ୧୫୦), ସୋମିତ କୁମାର ସେଠ୍ (ରାଙ୍କ ୧୮୩), ଅଟଳ ଦାଶ (ରାଙ୍କ ୨୦୧), ରାଜେନ୍ଦ୍ର କୁମାର ଓଝା (ରାଙ୍କ ୨୦୯), ଦେବ ଚନ୍ଦନ ରାଉତ (ରାଙ୍କ ୨୨୧), ସାସ୍ୱତ ସୌମ୍ୟକାନ୍ତ (ରାଙ୍କ ୨୩୫), ଜଗନ୍ନାଥ ସା (ରାଙ୍କ ୨୪୩), ମିତାରାଣୀ ବାରିକ (ରାଙ୍କ ୨୭୩), ବିଶାଲ ରଂଜନ ଭୋଇ (ରାଙ୍କ ୩୪୬), ଏବଂ ଜ୍ଞାନେନ୍ଦ୍ର କୁମାର ସାହୁ (ରାଙ୍କ ୩୮୭)। ଏହି ଅବସରରେ 'ଉତ୍କର୍ଷ' କାର୍ଯ୍ୟକ୍ରମ ମାଧ୍ୟମରେ ମିଳିଥିବା ସମର୍ଥନ ପାଇଁ କୃତିପ୍ରାର୍ଥୀମାନେ ଜିନ୍ଦଲ ଫାଉଣ୍ଡେସନକୁ କୃତଜ୍ଞତା ଜଣାଇଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଜିନ୍ଦଲ ଫାଉଣ୍ଡେସନର ଅନୁଗୁଳ ସିଏସଆର ବିଭାଗ ମୁଖ୍ୟ ଜୟନ୍ତ କୁମାର ମହାନ୍ତି ଏବଂ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ୨୦୨୧-୨୨ ମସିହାରେ ଆରମ୍ଭ ହୋଇଥିବା 'ଉତ୍କର୍ଷ' ପଦକ୍ଷେପ ଜରିଆରେ ପ୍ରତିବର୍ଷ ୫୦୦ ଛାତ୍ରଛାତ୍ରୀଙ୍କୁ ମାଗଣା କୋଚିଂ ପ୍ରଦାନ କରାଯାଉଛି ଏବଂ ଆରମ୍ଭ ହେବା ଦିନଠାରୁ ୨୦୦୦ ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି। ବିଗତ କିଛି ବର୍ଷ ମଧ୍ୟରେ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଓପିଏସସି, ଓଏଏସ୍ ସମେତ ବିଭିନ୍ନ ସରକାରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସାମଗ୍ରିକ ଭାବରେ 'ଉତ୍କର୍ଷ' କୋଚିଂ କାର୍ଯ୍ୟକ୍ରମ ଜରିଆରେ ୫୦ ରୁ ଅଧିକ ଛାତ୍ରଛାତ୍ରୀ ଓପିଏସସି ପରୀକ୍ଷାରେ ବିଶେଷ ଭାବରେ ଯୋଗ୍ୟତା ଅର୍ଜନ କରିଛନ୍ତି। ଏଠି ଉଲ୍ଲେଖନୀୟ ଯେ, ଶିକ୍ଷାର ବିକାଶ ପାଇଁ ପ୍ରତିବଦ୍ଧ ଥିବା ଜିନ୍ଦଲ ଫାଉଣ୍ଡେସନ, ଆଫ୍ଟର ସ୍କୁଲ ଲର୍ଣ୍ଣିଂ, ଯଶସ୍ୱୀ, ଓ.ପି. ଜିନ୍ଦଲ ଷ୍ଟାର ଏବଂ ଜୁଏଲ୍ ସ୍କଲାରସିପ୍, ଜିନ୍ଦଲ ଆଶା ଏବଂ ସାବିତ୍ରୀ ଜିନ୍ଦଲ ଡିଏଭି ହାଇସ୍କୁଲ ଭଳି ବିଭିନ୍ନ କାର୍ଯ୍ୟକ୍ରମମାନ ଛାତ୍ରଛାତ୍ରୀଙ୍କ ନିମନ୍ତେ ଜାରିରଖିଛି।

## ବକେୟା ବିଲ୍ ପଇଠ କରୁନାହାନ୍ତି ଜେଇ: ଉପ ଜିଲ୍ଲାପାଳଙ୍କ ନିକଟରେ ଫେରାଦ

**ହିନ୍ଦୋଳ:ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ତଥା ଏନ୍‌ଏସି ସ୍ଥିତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ରୋଷ ଘରର ପୁନରୁଦ୍ଧାର ଓ ନିର୍ମାଣ ପାଇଁ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର ସିଏମଏସଏ ଯୋଜନା ଅନୁଯାୟୀ ଢେଙ୍କାନାଳ ଜିଲ୍ଲା ପରିଷଦର ୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ ପରିମାଣ ଅର୍ଥରେ ଚଳିତ ବର୍ଷ ଉପ ଜିଲ୍ଲାପାଳ ତଥା ଦେବତ୍ତର ଅଧିକାରୀଙ୍କ ପତ୍ର ସଂଖ୍ୟା ୫୫୪ ମୋତେ ମନ୍ଦିର ପରିଚାଳନା କମିଟିକୁ ଉକ୍ତ କାର୍ଯ୍ୟ ନିର୍ମାଣ ପାଇଁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଦାୟିତ୍ୱରେ ଥିବା ବ୍ଲକ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ସିଂ କୁଆଡେ ୯୫ ହଜାର ୮ ଶହ ୭ ଟଙ୍କା ନିଜ ପାଖରେ କାଟି ରଖିଥିବାର ଆଜି କମିଟି କାର୍ଯ୍ୟକର୍ତ୍ତାମାନେ ଉପ ଜିଲ୍ଲାପାଳଙ୍କ



ନିକଟରେ ଫେରାଦ ହୋଇଛନ୍ତି। ଅର୍ଥ ଫେରସ୍ତ ପାଇଁ କମିଟି ପକ୍ଷରୁ ଯନ୍ତ୍ରୀ ସିଂଙ୍କୁ ବାରମ୍ବାର କୁହାଯାଉଥିଲେ ମଧ ସେ ଦେବା ଦେବା କହି କଥାକୁ ଏଡାଇ ଚାଲିଛନ୍ତି। ୮ ଲକ୍ଷ ଟଙ୍କା ବ୍ୟୟ ବରାଦ ଅର୍ଥରୁ ୨ଟି କିସ୍ତିରେ କମିଟିର କାର୍ଯ୍ୟକର୍ତ୍ତା ଅଭିରାମ ବେହେରାଙ୍କ ଆକାଉଣ୍ଟକୁ ଫୋନ୍ ପେ ଯୋଗେ ପ୍ରଥମେ ୨ ଲକ୍ଷ ୫୨ ହଜାର ୪୮୪ ଟଙ୍କାରୁ ୧ ଲକ୍ଷ ୯୭ ହଜାର ଟଙ୍କା ପଠେଇ ଥିବା ବେଳେ ୨ୟ କିସ୍ତିରେ ୫ ଲକ୍ଷ ୨୩ ହଜାର ୫୧୫ ଟଙ୍କାରୁ ୪ ଲକ୍ଷ ୨୪ ହଜାର ୩୯୨ ଟଙ୍କା ପଠାଇ ଥିବାର ଆଜି ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ୭ ଲକ୍ଷ ୭୫ ହଜାର ୯୯୯ ଟଙ୍କାରୁ ୬ ଲକ୍ଷ ୨୧ ହଜାର ୩୯୨ ଟଙ୍କା ପଠାଇଥିବା ଜଣାପଡିଛି। ପୁନଶ୍ଚ ସରକାରୀ ଭାବେ ୫୮ ହଜାର ୮ ଶହ ଟଙ୍କା ବାଦ ଦେଇଛନ୍ତି ଏବଂ ନିଜ ପାଖରେ ପ୍ରଥମ କିସ୍ତିରୁ ୩୦ ହଜାର ୩୬୮ ଟଙ୍କା ଓ ଦ୍ୱିତୀୟ କିସ୍ତି ପ୍ରଦାନ ଅର୍ଥରୁ ୬୫ ହଜାର ୪୩୯ ଟଙ୍କା ଏହିଭଳି ସମୁଦାୟ ୯୫ ହଜାର ୮୦୭ ଟଙ୍କା ନଦେଇ ନିଜ ହାତ ଖର୍ଚ୍ଚ ଭାବି ଯନ୍ତ୍ରୀ ରଖିଥିବାର ଅଭିଯୋଗ ହେଉଛି। ଏ ସମ୍ପର୍କରେ ପୂର୍ବରୁ ସେମାନେ ବିଧାୟିକା ଓ ବିଡ଼ିଓଙ୍କୁ ଗୁହାରି କରିଥିଲେ ମଧ ଫଳ ଶୂନ୍ୟ ହୋଇଛି। କମିଟିର ପ୍ରାପ୍ୟ ଅର୍ଥକୁ ତୁରନ୍ତ ଫେରସ୍ତ କରିବା ଦାବିରେ ଆଜି କାର୍ଯ୍ୟକର୍ତ୍ତା ଅଭିରାମ ବେହେରାଙ୍କ ସହ ଅରୁଣ କୁମାର ଦାସ, ଧରଣୀଧର ପାଳ, ଦଣ୍ଡଧର ବେହେରା, ଗୋବିନ୍ଦ ବେହେରା, ସୁବାସ ଚନ୍ଦ୍ର ପାଳ ଓ ବିଜେପିର ବରିଷ୍ଠ ନେତା ଅଜୟ ଦାସ ପ୍ରମୁଖ ଉପ ଜିଲ୍ଲାପାଳଙ୍କୁ ଭେଟି ସମସ୍ୟା ସମାଧାନ ପାଇଁ ନିବେଦନ କରିଥିଲେ।

## ବିଜୁ ସେତୁ ନିର୍ମାଣରେ କଳଙ୍କି ରଡ ବ୍ୟବହାର: ବିନା ସୂଚନା ଫଳକରେ ଚାଲୁଛି କାର୍ଯ୍ୟ

**ମାହାଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣପୁର ପଂଚାୟତସ୍ଥିତ ରାଉତସାହି ନିକଟ ଗୋବରୀ ନଦୀ ଉପରେ ପଶୁଲୁଣ୍ଡା ସେତୁ ନିର୍ମାଣ କରାଯାଉଛି। ଏହି ସେତୁ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ବେଳେ କାର୍ଯ୍ୟରେ କଳଙ୍କି ଯୁକ୍ତ ରଡ ବ୍ୟବହୃତ ହୋଇଅଛି । ଏଥିରେ ବ୍ୟବହୃତ ସାମଗ୍ରୀର ଭାଗମାପ ସଠିକ୍ ନ ଥିବା, କାର୍ଯ୍ୟ ଚାଲୁଥିବା ସମୟରେ ଅଧିକାରୀ, ଯନ୍ତ୍ରୀ କି କର୍ମଚାରୀଙ୍କ ଅନୁପସ୍ଥିତ ଏବଂ ବିନା ସୂଚନା ଫଳକରେ ଏହି ସେତୁ କାର୍ଯ୍ୟ ଚାଲୁ ରହିଛି । ସୂଚନା ମୁତାବକ ସରକାରଙ୍କ ପକ୍ଷରୁ ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଜୁ ସେତୁ ଯୋଜନାରେ ଗୋବରୀ ନଦୀ ଉପରେ ଏହି ସେତୁ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଏହା ସଲଗ୍ନ ମାହାଙ୍ଗା-ବାଗସରପୁର ରାସ୍ତାକୁ ସଂଯୋଗ କରୁଥିବା ଚାୟାଁପାଳ, ମାଳିହତା ଓ ଚଢେଇପୁଟିଆ ରାସ୍ତାର ଶିଳାନ୍ୟାସ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ୨୦୦୦ ମସିହାରେ କରିଥିଲେ । ଏହି କାର୍ଯ୍ୟର ପ୍ରାରମ୍ଭରୁ ପର୍ଯ୍ୟାୟରେ ସଂପୃକ୍ତ ଠିକାଦାର କାମରେ ଅବେହଳା କରିବା ସହ କାମ ଛାଡି ଚ୍ଛୁ ହୋଇଥିଲେ । ଯାହା ଫଳରେ ଦୀର୍ଘ ଦିନ ହେବ କାମ ବନ୍ଦ ରହିଥିଲା । ପରେ ୨୦୨୩ ମସିହା ନଭେମ୍ବର ମହିହା ୨୯ ତାରିଖରେ କଟକ ଗ୍ରାମ୍ୟ ଉନ୍ନୟନ ସର୍କଲ ପକ୍ଷରୁ ଚିଠି ନଂ.୪୬୬୪ରେ ଏହି ସେତୁ ପାଇଁ ପୁନଶ୍ଚ ଟେଣ୍ଡର କରାଯାଇ ନୂତନ ଠିକାଦାର ଚୟନ କରାଯାଇ ଜଣେ ଠିକାଦାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଏହା ପରେ ୨୦୨୫ ମସିହା ଜାନୁୟାରୀ ୧୫ ରେ ବର୍ତ୍ତମାନର ବିଧାୟକ ସାରଦା ପ୍ରଧାନ ପୁର୍ନବାର ଏହି ରାସ୍ତାର ଗୋବରୀ ନଦୀ ଉପରେ ସୁଇଚ ସେତୁର ଶିଳାନ୍ୟାସ କରିଥିଲେ। ଏହା ପରେ ଏହା କାମ ଆରମ୍ଭ ହୋଇଥିଲା । ବର୍ଷା ଦିନ ଗୋବରୀ ନଦୀରେ ଅଧିକ ପାଣି ଆସିବାରୁ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଥିବାରୁ ସେତୁରେ ଲାଗିଥିବା ଖୁଂଟିରେ ରଡଗୁଡିକ ପଦାକୁ ବାହାରିଥିଲା। ମାତ୍ର ଉକ୍ତ ରଡ ଛଡଗୁଡିକୁ



ଜଙ୍କର ରକ୍ଷା କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା ।

ସେହିପରି ସେତୁ ନିର୍ମାଣ ନିକଟରେ ବଳକା ରଡଗୁଡିକୁ ମଧ୍ୟ ଅନ୍ୟ ଜଣକ ଘର ନିକଟରେ ରଖାଯାଇଥିଲା । ବର୍ଷା ପାଣି ଖାଇ ଏହି ରଡ ଗୁଡିକରେ କଳଙ୍କି ଲାଗି ରହିଥିଲା। କିନ୍ତୁ କଳଙ୍କି ଯୁକ୍ତ ରଡକୁ ଏବେ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଏପରିକି ନିମ୍ନମାନର ବାଲି, ଗୋଡି, ସିମେଂଟ ଢଳେଇ କାର୍ଯ୍ୟରେ ବ୍ୟବହୃତ ହେଉଥିବା ହେବା ସହ ଭାଗ ମାପ ଠିକ୍ ରହିନଥିବା ଅଭିଯୋଗ ହୋଇଛି। ସେହିପରି ଏହି ସେତୁ ନିର୍ମାଣ କାର୍ଯ୍ୟ ରାତିରେ ଚାଲୁ ରହୁଥିବା ଦେଖିବାକୁ ମିଳୁଛି । କାର୍ଯ୍ୟ ସମୟରେ ବିଭାଗୀୟ ଯନ୍ତ୍ରୀ ଏହି ସେତୁର କାର୍ଯରେ ନିଜେ ଠିଆ ହୋଇ ନିଜର ଫଟୋ ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା ଫଟୋ ଉଠାଇ କାର୍ଯ୍ୟ ଅଛି ବୋଲି କହି ଛୁ ମାରିଥାନ୍ତି ବୋଲି ଅଭିଯୋଗ ହୋଇଛି । ବିଜୁ ସେତୁ ନିକଟ ଗୋବରୀ ନଦୀବନ୍ଧର ମାଟି ଡ୍ରେନେଜ ବିଭାଗର ହୋଇଥିବାବେଳେ ଏହି ମାଟିକୁ ଜେସିବି ମେସିନ ସାହାଯ୍ୟରେ ଉଠାଇ ରାସ୍ତା ପ୍ରଶାସ୍ତୀକରଣ ରେ ଲଗାଯାଉଥିବା ଦେଖାଯାଉଛି । ଏହି ମାଟି ଉଠାଣ ଫଳରେ ନଦୀ ବନ୍ଧ ଦୁର୍ବଳ ହେଉଅଛି । କିନ୍ତୁ ଏହି ନଦୀ ବନ୍ଧ ଡ୍ରେନେଜ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ କରାଯାଇଥିବା ସ୍ଥଳେ ଠିକାଦାର କାହା ପରାମର୍ଶରେ ମାଟି ଉଠାଣ କରୁଛନ୍ତି ତାହାକୁ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଜୁ ସେତୁର ପିଲର ବେସ ଢଳେଇଗୁଡିକ ଆବଡାଖାବଡା ହୋଇଥିବା ଦେଖାଯାଉଛି। ହେଲେ ନିଜର ଦୋଷ ଲୁଚାଇବା ପାଇଁ ଏହି ଆବଡାଖାବଡା ସ୍ଥାନମାନଙ୍କରେ ସିମେଂଟ ଲେପ ବୋଳା ଯାଉଥିବା ଜଣାଯାଇଛି। ତେଣୁ ଏହି ସେତୁର ହୋଇଥିବା ଅନୟମିତତାର ଭିଜିଲାନ୍ସ ତଦନ୍ତ ସହ ଏଥିରେ ସଂପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଂଚଳବାସୀ ପକ୍ଷରୁ ଦାବୀ ହୋଇଛି।

## ଭାରତୀୟ ଭାଷା ଦିବସ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ କଲେଜଛକ ସ୍ଥିତ ଶିଶୁ ବିଦ୍ୟାମନ୍ଦିରରେ "ଭାରତୀୟ ଭାଷା ଦିବସ" ପାଳିତ ହୋଇଯାଇଛି । ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋଜ ଦାଶ ସଭାପତିତ୍ୱ କରି ଛାତ୍ରଛାତ୍ରୀମାନଙ୍କୁ ଭାଷାର ମୂଲ୍ୟବୋଧ ସଂପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଦିବା ପର୍ଯ୍ୟାୟ ପ୍ରମୁଖ ରାମଚନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଂସ୍କୃତ ଭାଷା ଭାରତର ଆତ୍ମା ଓ ଅନ୍ୟ ସମସ୍ତ ଭାଷା ସମ୍ବନ୍ଧରେ ଆଲୋଚନା କରିଥିଲେ । ଏହି ଅବସରରେ କବି, ଲେଖକ ଓ ଗାଳ୍ପିକମାନଙ୍କର ଏକ ଫଟୋଚିତ୍ର ପ୍ରଦର୍ଶିତ ହୋଇଥିଲା । ବରିଷ୍ଠା ଆଚାର୍ଯ୍ୟ କବିତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଦ୍ୱାରା ମଲ୍ଟି-ପାରାମିଟର ଜଳ ଗୁଣବତ୍ତା ପରୀକ୍ଷା କିଟ୍ ପ୍ରଦାନ

**ଖୋର୍ଦ୍ଧା ରୋଡ଼:ଏକ୍ସପ୍ରେସ୍ ନ୍ୟୁଜ୍**

ସମପୋଷାକ ପାନୀୟ ଜଳ ନୀତି ସହିତ ଏବଂ ସାମ୍ପ୍ରତିକ ଅଡିଟ୍ ପର୍ଯ୍ୟବେକ୍ଷଣର ପ୍ରତିକ୍ରିୟାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପ୍ରଥମ ଥର ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ ମଲ୍ଟି-ପାରାମିଟର ଜଳ ଗୁଣବତ୍ତା କ୍ଷେତ୍ର ପରୀକ୍ଷା କିଟ୍ ପ୍ରଚଳନ କରିଛି। ଏହି କିଟ୍ ଗୁଡିକ ରେଳମଣ୍ଡଳର ଚିକିତ୍ସା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ସ୍ୱାସ୍ଥ୍ୟ ନିରୀକ୍ଷକ ଏବଂ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଯୋଗାଇ ଦିଆଯାଇଛି। ପ୍ରତ୍ୟେକ କିଟ୍ ୧୨ଟି ପ୍ରମୁଖ ଜଳ ଗୁଣବତ୍ତା ପାରାମିଟରର ତତକ୍ଷଣାତ ପରୀକ୍ଷା ସକ୍ଷମ କରିଥାଏ, ଯେଉଁଥିରେ ଅନ୍ତର୍ଭୁକ୍ତ ଅଛି ପିଏଚ୍, ଟର୍ବିଡିଟି, ହାର୍ଡ଼ନେସ, କ୍ଷାରତା, କ୍ଲୋରାଇଡ୍, ଅବଶିଷ୍ଟ କ୍ଲୋରିନ୍, ଲୌହ, ନାଇଟ୍ରେଟ୍, କ୍ଲୋରାଇଡ୍, ଫସଫେଟ୍, ଆମୋନିଆ ଏବଂ ଜୀବାଣୁଜନିତ ଗୁଣବତ୍ତା। ଏହା କ୍ଷେତ୍ର କର୍ମଚାରୀମାନଙ୍କର ପାନୀୟ ଜଳ ଉତ୍ସଗୁଡ଼ିକର ବାସ୍ତବ ସମୟରେ ମୂଲ୍ୟାଙ୍କନ କରିବା, ମାନଦଣ୍ଡ ସହିତ ଅନୁପାଳନ ସୁନିଶ୍ଚିତ କରିବା ଏବଂ ଯାତ୍ରୀ ସୁବିଧାରେ ଉନ୍ନତି ଆଣିବାର କ୍ଷମତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ। ରେଳମଣ୍ଡଳ ଚିକିତ୍ସା ଅଧିକାରୀ ଡକ୍ଟର ରଘୁନାଥ ପଣ୍ଡାଙ୍କ ଉପସ୍ଥିତିରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡକ୍ଟର ସବିତା ସତପଥୀ ଆନୁଷ୍ଠାନିକ ଭାବରେ ଏହି କିଟ୍ ଗୁଡିକ ବଣ୍ଟନ କରିଥିଲେ। କର୍ମଚାରୀମାନଙ୍କୁ ପ୍ରକ୍ରିୟା ଏବଂ କ୍ଷେତ୍ର ପ୍ରୟୋଗ ସହିତ ପରିଚିତ କରାଇବା ପାଇଁ ଖୋର୍ଦ୍ଧା ରୋଡ୍‌ସ୍ଥିତ ମଣ୍ଡଳ ରେଳ ହସ୍ପିଟାଲର ଅଡିଟୋରିୟମ୍‌ରେ ଜଳ ବିଶ୍ଳେଷଣ ଉପରେ ଏକ ପ୍ରଦର୍ଶନ ମଧ୍ୟ କରାଯାଇଥିଲା। ପୂର୍ବତଟ ରେଳପଥ ସମସ୍ତ ଷ୍ଟେସନ୍ ଏବଂ ସୁବିଧା କେନ୍ଦ୍ର ଗୁଡ଼ିକରେ ଯାତ୍ରୀ ଏବଂ କର୍ମଚାରୀଙ୍କ ପାଇଁ ନିରାପଦ, ପରିଷ୍କାର ଏବଂ ନିର୍ଭରଯୋଗ୍ୟ ପାନୀୟ ଜଳ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ।

## ଶୀତରେ ଖୋଲା ଆକାଶତଳେ ଶିକ୍ଷକଙ୍କ ଅହୋରାତ୍ର ଧାରଣା ଜାରି

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ତାର ୮ଟି ସାମିଲ ସଂଗଠନ ଯଥା- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ(ଓଲ୍‌ଷ୍ଟା), ନିଖିଳ ଉତ୍କଳ ସଂସ୍କୃତ ମହାସଂଘ, ନିଖିଳ ଉତ୍କଳ ମାଦ୍ରାସା ଶିକ୍ଷକ ସଂଘ, ଅବସରପ୍ରାପ୍ତ ଶିକ୍ଷକକର୍ମଚାରୀ ସଂଘ, ୬୬୨ ଓ ୪୮୮ ବର୍ଗ କଲେଜ କର୍ମଚାରୀ ସଂଘ, ଅଣଅନୁଦାନ ପ୍ରାପ୍ତ ଶିକ୍ଷକ ସଂଘ, ନୂତନ ଅନୁଦାନ ପ୍ରାପ୍ତ ଶିକ୍ଷକ ସଂଘ ପ୍ରଭୃତି ସଂଗଠନର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନେ ଦୁଇ ଦିନ ହେଲା ହଜାର ହଜାର ସଂଖ୍ୟାରେ ଦିନରାତି ହାଡ଼ଭଙ୍ଗା ଶୀତକୁ ଭ୍ରୁକ୍ଷେପ ନକରି ଗାନ୍ଧୀମାର୍ଗରେ ପଡ଼ିରହିଛନ୍ତି। ଏହିସବୁ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ଓ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କର ସମସ୍ୟା ଏତେ ଜଟିଳ ଯେ ଜୀବନ ଓ ଜୀବନ ସେମାନଙ୍କ ନିକଟରେ ତୁଚ୍ଛ ପାଲଟି ଯାଇଛି। ଅଥଚ ସରକାରଙ୍କ ପକ୍ଷରୁ ସମାନ୍ୟତମ୍ ସମ୍ବେଦନଶୀଳତା ପରିଲକ୍ଷିତ ହେଉ ନାହିଁ ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି।

ପ୍ରକାଶଥାଉକି, ସରକାର ବିଭିନ୍ନ ପର୍ଯ୍ୟାୟରେ ସମନ୍ୱୟ ସମିତିର ନେତୃତ୍ୱମାନଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ନିମନ୍ତେ କେବଳ ଆଶ୍ୱାସନା ଓ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି ମାତ୍ର ତାହାକୁ କାର୍ଯ୍ୟକାରୀ କରାଉ ନାହାଁନ୍ତି। ଶିକ୍ଷକ ଓ ଶିକ୍ଷାକର୍ମଚାରୀ ମାନଙ୍କର ଦାବି ପୂରଣ କ୍ଷେତ୍ରରେ ପାଦଟିଏ ମଧ୍ୟ ଆଗକୁ ବଢ଼ାଇବାକୁ ସରକାର ସକ୍ଷମ ହୋଇପାରି ନାହାଁନ୍ତି। ଶିକ୍ଷକ କର୍ମଚାରୀଙ୍କର ସମସ୍ୟାକୁ ସରକାର ହୃଦୟଙ୍ଗମ କରୁଛନ୍ତି ସତ ମାତ୍ର ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ତାହା ପୂରଣ ହୋଇପାରୁ ନାହିଁ ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି। ଯୋଗ୍ୟ ବିବେଚିତ ବିଦ୍ୟାଳୟ ଗୁଡ଼ିକରେ କାର୍ଯ୍ୟ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନେ ୩୦ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ମାଗଣାରେ, ଅନାହାର ଓ ଅର୍ଦ୍ଧାହାରରେ ଶିକ୍ଷାଦାନ କରିଚାଲିଛନ୍ତି। ସେମାନଙ୍କୁ କାହିଁକି ଅନୁଦାନ ପ୍ରଦାନ କରାଯାଉ ନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀଟି ୩୦ ବର୍ଷ ଚାକିରି କଲା ପରେ ଅବସର ନେବା ବେଳେ ଶୂନ୍ୟ ହସ୍ତରେ ବିଦାୟ ନେଉଛି। ତା ପାଇଁ ପେନସନ୍ ନାହିଁ, ଚାକିରି ସର୍ତ୍ତାବଳୀ ନାହିଁ। ଅବସର ପରେ ସେ ମୂଲ ଲାଗେ କିମ୍ବା ପାନଦୋକାନ କରି ଗୁଜୁରାଣ ମେଣ୍ଟାଉଥିବାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି। ବାର୍ଦ୍ଧକ୍ୟ ଅବସ୍ଥାରେ ଔଷଧ ଟୋପାଏ ଖାଇବାକୁ ମଧ ତା ପାଖରେ ଅର୍ଥ ନାହିଁ, ସିଧା ସଳଖ ସରକାର ମାନବାଧିକାରକୁ ଉଲ୍ଲଙ୍ଘନ କରୁଛନ୍ତି। ବର୍ତ୍ତମାନର ଲୋକଙ୍କର ସରକାର ଏହି ଦାବିଗୁଡ଼ିକର ଗମ୍ଭୀରତାକୁ ହୃଦୟଙ୍ଗମ କରି ଅନୁଦାନରୁ ବାଦ୍ ପଡ଼ିଥିବା ସ୍ୱଳ୍ପ ସଂଖ୍ୟକ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ ସହିତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ କର୍ମଚାରୀମାନଙ୍କ ପାଇଁ ଚାକିରି ସର୍ତ୍ତାବଳୀ ସହିତ ପେନସନ୍ ପ୍ରଦାନ କରିବା ପାଇଁ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିଛନ୍ତି। ଅହୋରାତ୍ର ଧାରଣାର ଦ୍ୱୀତୀୟ ଦିବସରେ ଆନ୍ଦୋଳନ ସ୍ଥଳରେ ବିଶ୍ୱ ଶିକ୍ଷକ ସଂଗଠନର ସଭାପତି, ଡ. ଅମୀୟ ମହାନ୍ତି, ସିପିଏମ୍‌ର ସେକ୍ରେଟାରିଏଟ୍ ମେମ୍ବର ସନ୍ତୋଷ ଦାସ, ସିପିଆଇର ସାଧାରଣ ସମ୍ପାଦକ ପ୍ରଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିବାଦ ସଭାରେ ଉଦ୍‌ବୋଧନ ଦେବା ସହିତ ଏହି ଆନ୍ଦୋଳନ ପ୍ରତି ତାଙ୍କର ଦଳ ଓ ସଂଗଠନର ସମର୍ଥନ ଜଣାଇଛନ୍ତି। ରାଜ୍ୟ ସରକାର ତୁରନ୍ତ ସମନ୍ୱୟ ସମିତିର ନେତୃତ୍ୱମାନଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନର ରାସ୍ତା ବାହାର କରନ୍ତୁ ନଚେତ୍ ଆଗାମୀ ଦିନରେ ଏଥିପାଇଁ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ରାଜ୍ୟସରକାର ଦାୟୀ ରହିବେ ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶଙ୍କ ସମେତ ସମନ୍ୱୟ ସମିତିର ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ଗରୁଡ଼ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପଣ୍ଡା, ଏମ୍.ଏ.କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାସ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା, ଗଦାଧର ଶତପଥି, ରମାକାନ୍ତ ଲେଙ୍କା ଏବଂ ମଧୁସୂଦନ ଦେ ପ୍ରମୁଖ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।


**GLOBAL EXPRESSION OF INTEREST (EOI) FOR SHORTLISTING OF CONSULTING FIRM FOR PROVIDING EXHIBIT DESIGN SERVICES FOR DEVELOPMENT OF WORLD-CLASS EXHIBITS AT INTERPRETATION CENTERS/HERITAGE FACILITIES ACROSS ODISHA**

**ODISHA BRIDGE & CONSTRUCTION CORPORATION LIMITED**

CAD-2642

obcc

(A Government of Odisha Undertaking)

**Global Expression of Interest (EOI)**

**Exhibit Design Services for Development of world-class exhibits at Interpretation Centers/Heritage Facilities Across Odisha**

**EOI Identification No. 38/Tender/OBCC/ 2025-26**

Letter No. 10484 Date: 09/12/25

File No.- CMMA/PDU/292

The Chief Engineer-II, OB&CC Ltd. invites Global Expression of Interest (EoI) applications from internationally reputed Consulting firms for providing Exhibit Design Services for the project **"Development of world-class exhibits at Interpretation Centers/Heritage Facilities Across Odisha across Odisha".**

1. The Expression of Interest (EoI) document shall be available at the website www.tendersodisha.gov.in from **11.12.2025.**
2. Last Date of Pre-bid queries receipt up to **5.00 PM of 18.12.2025** through email queries@obcc.in and circle2@obcc.in .
3. The Pre-bid meeting shall be held on **19.12.2025** at **11.30 AM** though VC mode. The link is: https://meet.google.com/siz-mqcq-yzg
4. The Pre-bid Clarifications shall be available in e-procurement portal, Odisha on **24.12.2025.**
5. The last date of submission of EoI applications is **30.12.2025 till 5.00 PM.**
6. EoI applications shall be submitted in online mode only.
7. The Applicant must possess compatible Digital Signature Certificate (DSC) of Class-III.
8. The EOI applications submitted other than the e-procurement platform shall not be considered.
9. Date of Opening of the EoI applications is **31.12.2025 at 11.30 A.M**
10. The Authority reserves the right to terminate the short-listing process without citing any reasons thereof.
11. Please refer the EoI document for further details.

**For Further Information, please contact:**
Email: chiefengineer2@obcc.in, circle2@obcc.in, queries@obcc.in

**Correspondence Address:**
**EIC-cum-Managing Director,**
Odisha Bridge & Construction Corporation Ltd.
Vikash Bhawan, Nayapalli, Bhubaneswar -751012
Contact No.- 0674-2394093, 2396309, 2390043.

Chief Engineer-II
OB & CC Ltd.

**OIPR-34106/11/0024/2526**



**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/90, ତା.05.12.2025ରିଖ

(1) ଟେଣ୍ଡର ସଂ. e-tenderNorthKUR-311-2025, ତା.02.12.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଯାଜପୁର କେନ୍ଦୁଝର ରୋଡ଼ ପରିସୀମା ଅଧିନସ୍ଥ ବିଭିନ୍ନ ଷ୍ଟେସନଗୁଡ଼ିକରେ ଦିବ୍ୟାଙ୍ଗଜନ ଏବଂ କମ୍ ଗତିଶୀଳତା ବିଶିଷ୍ଟ ଯାତ୍ରୀମାନଙ୍କ ନିମନ୍ତେ ସୁବିଧାଗୁଡ଼ିକର ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 216.55 ଲକ୍ଷ, **EMD :** ₹ 2,58,300/-

(2) ଟେଣ୍ଡର ସଂ. e-tenderNorthKUR-310-2025, ତା.02.12.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / କେନ୍ଦୁଝରଗଡ଼ ପରିସୀମା ଅଧିନସ୍ଥ ବିଭିନ୍ନ ଷ୍ଟେସନଗୁଡ଼ିକରେ ଦିବ୍ୟାଙ୍ଗଜନ ଏବଂ କମ୍ ଗତିଶୀଳତା ବିଶିଷ୍ଟ ଯାତ୍ରୀମାନଙ୍କ ନିମନ୍ତେ ସୁବିଧାଗୁଡ଼ିକର ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 148.70 ଲକ୍ଷ, **EMD :** ₹ 2,24,400/-

(3) ଟେଣ୍ଡର ସଂ. e-TenderSouthKUR-312-2025, ତା.01.12.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ରମ୍ଭା ଅଧୀନସ୍ଥ ଗଙ୍ଗାଧରପୁର-ଗଞ୍ଜାମ ଷ୍ଟେସନ ମଧ୍ୟରେ କି.ମି. 515.00 ଠାରୁ 572.13 ପର୍ଯ୍ୟନ୍ତ 30/9/2026 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 100.36 ଲକ୍ଷ, **EMD :** ₹ 2,00,200/-

(4) ଟେଣ୍ଡର ସଂ. etenderEastkur-311-2025, ତା.01.12.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ (KUR) ମଣ୍ଡଳର ନୂଆ ଗଡ଼ମଧୁପୁର (NGMP) ଷ୍ଟେସନରେ ଏକ ଅତିରିକ୍ତ ଲୁପ୍ (Loop)ର ବ୍ୟବସ୍ଥା ସମ୍ବନ୍ଧୀୟ ବ୍ରିଜ୍ ନଂ. 462DNର ନିର୍ମାଣ ଏବଂ ସଂପ୍ରସାରଣ ନିମନ୍ତେ ପ୍ରସ୍ତାବିତ ମାଟି କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 105.90 ଲକ୍ଷ, **EMD :** ₹ 2,03,000/-

**ଶେଷ ହେବା ଅବଧି :** 6 (ଛଅ) ମାସ (କ୍ରମ ସଂ. 1, 2 ଓ 4 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 3 ପାଇଁ)

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.12.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-885/Q/25-26

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର 12th December, 2025 Friday RNI Regd. No. ODIODI/2006/23033 Postal Regd. No. : BN/169/13-15

## ହେଲ୍ଥ ଟନିକ୍



### ୧୭ରେ ୫୧

ଘରୋଇ କମ୍ପାନୀରେ ଆକାଉଣ୍ଟାଣ୍ଟ ଚାକିରି କରୁଥିବା ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ଚିଠିଟିଏ ଦେଲେ। ଲେଖାଥିଲା- ପ୍ରିୟତମା, ମୋ ବୟସ ୫୧ ଟପିଲା। ତଥାପି ତମ ପାଖରୁ ଯାହା ମିଳିବା କଥା ତାହା ମିଳିଲା ନାହିଁ। ଫଳରେ ଆମ ଅଫିସ୍‌ରେ ନୂଆକରି ଟାଇପିଷ୍ଟ କାମରେ ଯୋଗ ଦେଇଥିବା ଗୋଟିଏ ୧୭ବର୍ଷୀୟା ସୁନ୍ଦରୀ (ସୁଇଟ୍ ସେଭେଣ୍ଟିନ୍) ସହିତ ମୁଁ ଆଜି ମସ୍ତି ପ୍ଲାଜା ହୋଟେଲ୍‌କୁ ଯାଉଛି। ସମ୍ଭବତଃ ଆଜି ରାତିଟା ସେଇଠି ବିତିପାରେ।

ଆକାଉଣ୍ଟାଣ୍ଟ ମହାଶୟ ଲେଡି ଟାଇପିଷ୍ଟଙ୍କୁ ନେଇ ହୋଟେଲରେ ପହଞ୍ଚିବା ପରେ ହୋଟେଲର ଦରୱାନ୍ ତାଙ୍କ ହାତକୁ ଗୋଟିଏ ଲଫାପା ବଢ଼ାଇଦେଲା। କହିଲା- ଜଣେ ମାଡାମ ଦେଇକି ଗଲେ।

ଆକାଉଣ୍ଟାଣ୍ଟ ମହାଶୟ ଦେଖିଲେ ତା'ଭିତରେ ଚିଠିଟିଏ ଅଛି। ସେଥିରେ ଲେଖା ଥିଲା- ପ୍ରିୟତମ, ମୋ ବୟସ ବି ୫୧। ମୋ ସାଙ୍ଗ ବିନିକୁ ତ ତମେ ଚିହ୍ନ। ତା'ର ୧୭ବର୍ଷ ବୟସ୍କ ଦିଅର ଯିଏ କଲେଜ୍‌ରେ ପଢୁଛି ତା'ସହିତ ମୁଁ ଏପ୍ରିଲ ଫେୟାର ହୋଟେଲ୍‌କୁ ଯାଉଛି। ତମର ତ ହିସାବ ବାବଦରେ ଭଲ ଧାରଣା। ତେଣୁ ନିଶ୍ଚେ ଜାଣିପାରିବ। ୫୧ରେ ୩ଟା ୧୭ ରହିପାରିବ। କିନ୍ତୁ ୧୭ରେ ୫୧କୁ ଆଡଜଷ୍ଟ କରିବା ଭାରି କଷ୍ଟ।

# ଓଡ଼ିଶା ମାଷ୍ଟର୍ସ ୨୦୨୫ର ପ୍ରି କ୍ୱାର୍ଟରରେ ଉନ୍ନତି, ଅନମୋଲ, ତନଭି ଓ ଅଦିତି

କଟକ,୧୧।୧୨

ଏକ୍ସପ୍ରେସ୍ ନ୍ୟୁଜ୍

କଟକ ଜବାହର ଲାଲ ନେହେରୁ ଇଣ୍ଡୋର ଷ୍ଟାଡ଼ିୟମ ଠାରେ ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା 'ଓଡିଶା ମାଷ୍ଟର୍ସ ୨୦୨୫'ର ମହିଳା ସିଙ୍ଗଲସ, ପୁରୁଷ ସିଙ୍ଗଲସ, ମହିଳା ଡବଲସ, ପୁରୁଷ ଡବଲସ ଏବଂଡ ମିକ୍ସଡ଼ ଡବଲସ ସମସ୍ତ ବିଭାଗର ୭୬ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି।

ଦ୍ୱିତୀୟ ଦିନର ଏହି ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇ ଖେଳାଳୀମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ। ଏହି ଅବସରରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କ୍ରୀଡା ବିଭାଗ ନିର୍ଦ୍ଦେଶକ ଡ଼. ବିଜୟ ଯେଦୁଲ୍ଲା, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ, କଟକ ମହାନଗର ନିଗମ କମିଶନର କିରଣ ଦୀପ କୌର ସୌହଟା, ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ, ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ବେଣୁଗୋପାଳ ମହାଲିଙ୍ଗମ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ।



ଦ୍ୱିତୀୟ ଦିନରେ ଖେଳାଯାଇଥିବା ମହିଳା ସିଙ୍ଗଲ ପୁରୁଷ ସିଙ୍ଗଲ ବିଭାଗରେ ଭାରତୀୟ ଖେଳାଳୀମାନେ ଉତ୍ତମ ପ୍ରଦର୍ଶନ ସହ ପ୍ରି କ୍ୱାର୍ଟର ପର୍ଯ୍ୟାୟରେ ପହଂଚିଛନ୍ତି। ମହିଳା ବିଭାଗର ରାଉଣ୍ଡ ୩୨ ରେ ଟପସିଡ଼ ଭାରତୀୟ ଖେଳାଳୀ ଉନ୍ନତି ହୁଡା, ୟୁନାଇଟେଡ଼ ଆରବ ଏମିରେଟ୍ସର ପ୍ରକ୍ରିତି ଭାରତଙ୍କୁ ୨୧-୧୨,୨୧-୧୮ ରେ ପରାଜିତ କରି ପ୍ରି କ୍ୱାଟରରେ ପହଂଚିଛନ୍ତି। ମହିଳା ପ୍ରି କ୍ୱାର୍ଟରରେ ପହଞ୍ଚି ଥିବା ଅନ୍ୟ ଖେଳାଳୀମାନେ ହେଲେ ତୃତୀୟ ସିଡ଼ ତନଭି ଶର୍ମା, ଷଷ୍ଠ ସିଡ଼ ଅନମୋଲ ଖର୍ବ ଏବଂ ଅଣ ସିଡେଡ଼ ତାନ୍ୟା ହେମନ୍ତ।

ପୁରୁଷ ବିଭାଗ ସିଙ୍ଗଲରେ ମଧ ଟପ ସିଡ଼ ଥରୁନ ମାନେପଲ୍ଲି ନିଜ ପ୍ରତିଦ୍ୱନ୍ଦୀ ମାନବ ଚୌଧୁରୀଙ୍କୁ ୨୧-୫,୨୧-୮ରେ ହରାଇ ପ୍ରି କ୍ୱାର୍ଟରରେ ପହଂଚିଛନ୍ତି। ପ୍ରି କ୍ୱାର୍ଟର ପର୍ଯାୟରେ ପହଂଚି ସାରିଥିବା ଅନ୍ୟ ଖେଳାଳୀମାନେ ହେଲେ ଗତ ସିଜନର ସିଙ୍ଗଲ ଚାମ୍ପିୟନ ସତୀଶ କୁମାର, ଦ୍ୱିତୀୟ ସିଡ଼ କିରଣ ଜର୍ଜ ଏବଂ ପ୍ରିୟାଂଶୁ ରାଜୱତ। ମିକ୍ସଡ଼ ଡବଲସ ବିଭାଗରେ ଅନୁଷ୍ଠିତ ରାଉଣ୍ଡ ୩୨ ମ୍ୟାଚରେ ଟପସିଡ଼ ଇଣ୍ଡୋନେସିଆର ଏମ. ଫାଜା ଓ ଏ. ପ୍ରଣତାଙ୍କ ଯୋଡି ମାଲେସିଆ ଯୋଡି ଓ୍ୱେଇ ୟୀ ହେର୍ନ ଓ ଭାନୀ ଗୋବି ଯୋଡିଙ୍କୁ ୨୧-୧୮,୨୧-୧୧ ର ଦୁଇଟି ଗେମ୍‌ରେ ପରାଜିତ କରି କ୍ୱାର୍ଟର ଫାଇନାଲରେ ପହଂଚିଛନ୍ତି। କ୍ୱାର୍ଟର ଫାଇନାଲ ପହଂଚି ଥିବା ଅନ୍ୟ ଯୋଡିମାନେ ହେଲେ ଇଣ୍ଡୋନେସିଆ ଯୋଡି ବି. ପ୍ରସେଡ୍ ଏବଂ ଏ. ମୁଂଗରଣ, ଭାରତୀୟ ଯୋଡି ଆର୍ଯ୍ୟନ ସପିଆ ଏବଂ ଅଶ୍ୱିନୀ ପୋନ୍ନାପ୍ପା ଓ ଡି. ଭେଲ ମୁରୁଗାନ ଏବଂ ପି. ନଟରାଜନଙ୍କ ଯୋଡି।

ବିଶ୍ୱ ବ୍ୟାଡ଼ମିଣ୍ଟନ ମହାସଂଘ, ଭାରତୀୟ ବ୍ୟାଡ଼ମିଣ୍ଟନ ସଙ୍ଘ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଏବଂ ଓଡିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ସଙ୍ଘର ମିଳିତ ସହଯୋଗରେ ଚାଲିଥିବା ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାର ସମାପନ ଆଗାମୀ ୧୪ ତାରିଖରେ ଅନୁଷ୍ଠିତ ହେବ ବୋଲି ପ୍ରତିଯୋଗିତା ଆୟୋଜନ କମିଟି ସମ୍ପାଦକ ନିଳିନ କୁମାର ଜଣାଇଛନ୍ତି।

# କୋହଲି, ରୋହିତଙ୍କ କଟିବ ଦରମା !

ନୂଆଦିଲ୍ଲୀ,୧୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍

ଟିମ ଇଣ୍ଡିଆର ଦୁଇ ଷ୍ଟାର ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ବାର୍ଷିକ ଦରମା ହ୍ରାସ ପାଇବ। ବିସିସିଆଇ ପକ୍ଷରୁ ଦୁଇ ଖେଳାଳିଙ୍କୁ ମିଳୁଥିବା ଦରମା ୨ କୋଟି ଲେଖାଏ କମି ଯାଇପାରେ। ଖୁବଶୀଘ୍ର ଏନେଇ ବିସିସିଆଇ ଘୋଷଣା କରିପାରେ ବୋଲି ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି।

ବିସିସିଆଇ ସବୁ ବର୍ଷ ୪ଟି ବର୍ଗରେ ଖେଳାଳିଙ୍କ ସହ ଚୁକ୍ତି କରିଥାଏ। ଏହି ଚୁକ୍ତି ଅନୁସାରେ ଭିନ୍ନଭିନ୍ନ ବର୍ଗରେ ଥିବା ଖେଳାଳିଙ୍କୁ ବାର୍ଷିକ ଦରମା ଦେଇଥାଏ ବିସିସିଆଇ। ଏହି ଦରମା ଜଣେ ଖେଳାଳିଙ୍କ କ୍ରିକେଟର ୩ ଫର୍ମାଟର ଯୋଗଦାନ ଉପରେ ନିର୍ଭର କରିଥାଏ। ବିସିସିଆଇ ଶେଷ ଥର ୨୦୨୫ ଏପ୍ରିଲ ମାସରେ ଏକାଧିକ କ୍ରିକେଟରଙ୍କ ସହ କେନ୍ଦ୍ରୀୟ ଚୁକ୍ତି କରିଥିଲା।

ଆସନ୍ତା ବର୍ଷ ଖେଳାଳିଙ୍କ ଚୁକ୍ତିକୁ ନବୀକରଣ କିମ୍ବା ନୂଆ ଖେଳାଳିଙ୍କ ସହ ବସିସିଆଇ ଚୁକ୍ତି କରିବ। ହେଲେ ଏହାପୂର୍ବରୁ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ବାର୍ଷିକ ଦରମା ହ୍ରାସ ପାଇବାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ବିସିସିଆଇର କେନ୍ଦ୍ରୀୟ ଚୁକ୍ତି ୪ଟି ଭାଗରେ ବିଭକ୍ତ। ଏ+, ଏ, ବି ଓ ସି ବର୍ଗରେ ଖେଳାଳି ରୁହନ୍ତି। ବିଭିନ୍ନ ବର୍ଗରେ ରହୁଥିବା ଖେଳାଳିଙ୍କୁ ସେହି ଅନୁସାରେ ବାର୍ଷିକ ଦରମା ଦେଇଥାଏ ବିସିସିଆଇ। ଏହା ମ୍ୟାଚ୍ ଫି' ଟଙ୍କା ଠାରୁ ଅଲଗା। ମ୍ୟାଚ୍ ଫି' ବ୍ୟତୀତ ଖେଳାଳିଙ୍କୁ ବାର୍ଷିକ ଗ୍ରେଡ ଅନୁସାରେ ଟଙ୍କା ଦିଆଯାଏ।

ଏ+ ଚୁକ୍ତିରେ ରହୁଥିବା ଖେଳାଳି ବାର୍ଷିକ ୭ କୋଟି, ଏ ଗ୍ରୁପରେ ଥିବା ଖେଳାଳିଙ୍କୁ ୫ କୋଟି, ବି ଗ୍ରୁପରେ ଥିବା ଖେଳାଳିଙ୍କୁ ୩ କୋଟି ଓ ଗ୍ରୁପ ସି'ରେ ଥିବା ଖେଳାଳିଙ୍କୁ ବିସିସିଆଇ ୧ କୋଟି ଲେଖାଏ ଟଙ୍କା ଦେଇଥାଏ। କେଉଁ ଖେଳାଳି କେଉଁ ଗ୍ରୁପରେ ରହିବେ, ସେକଥା ବସିସିଆଇ ଜାତୀୟ ଚୟନ କମିଟି ସହ ମିଶି ନେଇଥାଏ।

ଏ+ ଓ ଏ ଗ୍ରୁପରେ ରହୁଥିବା ଖେଳାଳିମାନେ ସବୁ ଫର୍ମାଟର ସକ୍ରିୟ ସଦସ୍ୟ ଥିବେ କିମ୍ବା ଟେଷ୍ଟ ସହ ସୀମିତ ଓଭରର ଗୋଟିଏ ଫର୍ମାଟରେ ନିୟମିତ ଖେଳୁଥିବେ। ଗ୍ରୁପ ବି'ରେ ସ୍ଥାନ ପାଉଥିବା ଖେଳାଳି ଅତିକମରେ ୨ଟି ଫର୍ମାଟ ଖେଳୁଥିବା ଦରକାର। ସେହିପରି ଗ୍ରୁପ ସି'ର ଖେଳାଳି ସାଧାଣତଃ ଗୋଟିଏ ଫର୍ମାଟରେ ଖେଳି ଥାଆନ୍ତି।

ବିରାଟ କୋହଲି ଓ ରୋହିତ ଶର୍ମା ଏ+ ବର୍ଗରେ ରହି ଆସୁଥିଲେ। ଏଥିପାଇଁ ସେମାନଙ୍କୁ ବିସିସିଆଇ ବାର୍ଷିକ ୭ କୋଟି ଟଙ୍କା ଦେଉଥିଲା। କିନ୍ତୁ ଉଭୟ ଟେଷ୍ଟ ଓ ଟି-୨୦ରୁ ଅବସର ନେଇ ସାରିଛନ୍ତି। ଯଦି ଉଭୟ ଏ ବର୍ଗରୁ ବାଦ ପଡିବେ, ତା'ହେଲେ ସେମାନଙ୍କୁ ବରିଷ୍ଠତା ଦୃଷ୍ଟିରୁ ଏ ବର୍ଗରେ ରଖାଯିବ। ଅର୍ଥାତ ଉଭୟ ୭ କୋଟି ଟଙ୍କା ବଦଳରେ ୫ କୋଟି ଟଙ୍କା ଲେଖାଏ ପାଇବେ।

ତେବେ ରବୀନ୍ଦ୍ର ଜାଡେଜାଙ୍କୁ ପୂର୍ବଭଳି ଏ+ ବର୍ଗରେ ରଖିବ ବିସିସିଆଇ। ସେ ଟି-୨୦ ଫର୍ମାଟରୁ ଅବସର ନେଇଥିଲେ ହେଁ ଏବେ ବି ଟେଷ୍ଟ କ୍ରିକେଟ ଖେଳୁଛନ୍ତି। ତେଣୁ ସେ ଏ+ ବର୍ଗରେ ରହିବା ସହ ବାର୍ଷିକ ୭ କୋଟି ପାଇବେ ବୋଲି ଜଣାପଡିଛି।

# କଟକରେ ବିପୁଳ ଚାଇନିଜ ମାଂଜା ସୂତା ଜବତ

କଟକ,୧୧।୧୨

ଏକ୍ସପ୍ରେସ୍ ନ୍ୟୁଜ୍

ମକର ସଂକ୍ରାନ୍ତି ପୂର୍ବରୁ କଟକରୁ ବିପୁଳ ଚାଇନିଜ ମାଂଜା ସୂତା ଜବତ କରାଯାଇଛି। ସ୍ଥାନୀୟ ଖୋଲା ସାହି ସ୍ଥିତ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ସିଏମସି ଏନଫୋର୍ସମେଣ୍ଟ ଟିମ ପକ୍ଷରୁ ଚଢ଼ାଉ କରାଯାଇ ମାଂଜା ସୂତା ଜବତ କରାଯାଇଛି। ସିଏମସି ଟିମ ଖୋଲାସାହିରୁ ୪ ବସ୍ତା ଚାଇନିଜ ମାଂଜା ସୂତା ଜବତ କରିଛି। ଏଥିସହିତ ବ୍ୟବସାୟୀଙ୍କ ଠାରୁ ମୋଟା ଅଂକର ଫାଇନ ମଧ୍ୟ ଆଦାୟ କରାଯାଇଛି। ସେହିପରି ଚୌଧୁରୀ ବଜାର ଓ ପିଠାପୁର ଠାରେ ଚାଇନିଜ ମାଂଜା ସୂତା ବ୍ୟବସାୟ କରୁଥିବା ବେପାରୀମାନଙ୍କ ଉପରେ ମଧ୍ୟ ଆଗକୁ ଚଢ଼ାଉ କରାଯିବ ବୋଲି ସିଏମସି ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ମାଂଜା ସୂତା ଲାଗି ପୂର୍ବରୁ ବହୁ ଜୀବନ ଯାଇଛି। ୨୦୧୫ମସିହାରେ ଖାନନଗର ଛକରେ ଚାଇନିଜ ମାଂଜା ସୂତା ବେକରେ ଲାଗି ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଥିଲା। ସେହିପରି ୨୦୨୧ରେ ଜଣେ ୫ ବର୍ଷର ଶିଶୁର ମଧ୍ୟ ମୃତ୍ୟୁ ହୋଇଥିଲା। ୨୦୨୨ରେ ମାଂଜା ସୂତା ଲାଗି ୬ରୁ ଅଧିକ ବାଇକ ଆରୋହୀ ଆହତ ହୋଇଥିଲେ। ଗତ ୫ରୁ ୬ ବର୍ଷ ମଧ୍ୟରେ ୩୫ରୁ ଅଧିକ ଲୋକ ଚାଇନିଜ ମାଂଜା ସୂତା ଲାଗି ଆହତ ହୋଇଥିବା ଜଣାପଡ଼ିଛି। ରାଜ୍ୟ ସରକାର ଚାଇନିଜ ମାଂଜା ସୂତାକୁ ବେଆଇନ ଘୋଷଣା କରିଛନ୍ତି। ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଏହି ଚଢ଼ାଉ ଜାରି ରହିବ ବୋଲି ସିଏମସି ଏନଫୋର୍ସମେଣ୍ଟ ଟିମ ପକ୍ଷରୁ ସୂଚନା ଦିଆଯାଇଛି।



# ୨୦୦ଥର ବସଉଠ ହୋଇ ଚେତା ହରାଇଲେ ଛାତ୍ରୀ

ଆଠଗଡ଼,୧୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍

ଛାତ୍ରୀଙ୍କୁ ଦୁଇ ଶହ ଥର ବସଉଠ କରାଇଲେ ଶିକ୍ଷୟିତ୍ରୀ। ଯାହାଫଳରେ ଛାତ୍ରୀ ଚେତାଶୂନ୍ୟ ହେବାରୁ ଡାକ୍ତରଖାନାରେ ଭର୍ତ୍ତି ହେଲେ। ଏଭଳି ଏକ ଘଟଣା ସାମ୍ନାକୁ ଆସିଛି କଟକ ଜିଲା ଆଠଗଡ଼ କଖଡ଼ି ଉଚ୍ଚ ବିଦ୍ୟାଳୟରୁ। ସ୍କୁଲକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରାଯାଇଥିବାବେଳେ ଶିକ୍ଷୟିତ୍ରୀଙ୍କ ଏପରି ମାନସିକତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁସାରେ, ବିଦ୍ୟାଳୟର ଜଣେ ୯ମ ଶ୍ରେଣୀ ଛାତ୍ରୀ ହୋମୱାର୍କ ନ କରି ସ୍କୁଲ ଆସିଥିଲେ। ଏହି କାରଣରୁ ଶିକ୍ଷୟିତ୍ରୀ ଜଣକ ତାଙ୍କୁ ଦଣ୍ଡସ୍ୱରୂପ ୨ଶହ ଥର ବସଉଠ କରାଇଥିଲେ। ବସଉଠ୍ ସମୟରେ ଛାତ୍ରୀ ଜଣକ ଚେତାଶୂନ୍ୟ ହୋଇପଡିଥିଲେ। ଏହା ଜାଣିବା ପରେ ପ୍ରଧାନଶିକ୍ଷକ ଓ ଅନ୍ୟ ସହଯୋଗୀ ଶିକ୍ଷକମାନେ ତାଙ୍କୁ ନିକଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅଧିକ ଚିକିତ୍ସାପାଇଁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି। ଉକ୍ତ ଛାତ୍ରୀଙ୍କ ଘର ମହାକାଳପଡା ଅଞ୍ଚଳରେ ବୋଲି ସୂଚନା ମିଳିଛି।

# ମାଲ୍ୟବନ୍ତ ମହୋତ୍ସବ ସ୍ଥଗିତ

ମାଲକାନଗିରି,୧୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍

ମାଲକାନଗିରି ଜିଲାରେ ଡିସେମ୍ବର ୪ ତାରିଖରେ ଏକ ମୁଣ୍ଡବିହୀନ ମୃତଦେହ ଉଦ୍ଧାର ଘଟଣାକୁ ନେଇ ଦୁଇଟି ଗାଁ ମଧ୍ୟରେ ହିଂସାତ୍ମକ ସଂଘର୍ଷ ସୃଷ୍ଟି ହୋଇଥିଲା। ଜିଲାରେ ଉତ୍ତେଜନା ସ୍ଥିତି ଲାଗିରହିଥିବାରୁ ଆସନ୍ତା ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମାଲ୍ୟବନ୍ତ ମହୋତ୍ସବକୁ ଜିଲା ପ୍ରଶାସନ ତରଫରୁ ସ୍ଥଗିତ ରଖାଯାଇଛି। ଜିଲାରେ ଗୁରୁବାର ରାତି ୧୨ଟାଠାରୁ ଶୁକ୍ରବାର ରାତି ୧୨ଟା ପର୍ଯ୍ୟନ୍ତ ଇଣ୍ଟରନେଟ୍ ସେବାକୁ ବନ୍ଦ ରଖାଯାଇଛି। ଏମଭି-୨୬ ଗାଁରେ ଜିଲାପାଳ ସୋମେଶ ଉପାଧ୍ୟାୟ, ଆର୍‌ଡିସି ସମେତ ପୁଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ଜବରଦଖଲକାରୀଙ୍କୁ ମନ୍ତ୍ରୀଙ୍କ ଚେତାବନୀ: ସମୟ ଅଛି ଜମି ଫେରାଅ

ଭୁବନେଶ୍ୱର,୧୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍

ପ୍ରଭାବଶାଳୀ ଜମି ଜବରଦଖଲକାରୀଙ୍କୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କଡ଼ା ଚେତାବନୀ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ସମୟ ଅଛି ଜମି ଫେରାଅ, ନ ହେଲେ ଉଚ୍ଛେଦ ଖର୍ଚ୍ଚ ଟଙ୍କା ମଧ୍ୟ ଆଦାୟ କରାଯିବ। ଜବରଦଖଲକାରୀଙ୍କ ଡାଟାବେସ୍ ପ୍ରସ୍ତୁତ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି। ଏଥିସହିତ ମନ୍ତ୍ରୀ କହିଛନ୍ତି, ଆବଶ୍ୟକତା ପାଇଁ ଭୂମିହୀନ ଗରିବ ଜବରଦଖଲ କରିଥିଲେ ୪ ଡିସିମିଲ ପାଇବେ। ସମୟ ଅଛି ଛାଡ଼ି ଦିଅନ୍ତୁ ବୋଲି ପ୍ରଭାବଶାଳୀଙ୍କୁ କଡ଼ା ଦାଗିଦ୍ କରିଛନ୍ତି ମନ୍ତ୍ରୀ। ମାଫିଆଙ୍କ ପାଇଁ ଚରାଭୂଇଁ ପାଲଟିଛି ଓଡିଶାର ଜଙ୍ଗଲ। କେତେବେଳେ ପୁଷ୍ପାରାଜ ଭଳି ମୂଲ୍ୟବାନ କାଠକୁ ଚୋରାଚାଲାଣ କରୁଛନ୍ତି ଆଉ କେତେବେଳେ ଶହ ଶହ ହେକ୍ଟର ଜଙ୍ଗଲ ଜମି ଜବର ଦଖଲ କରି ତିଆରି କରୁଛନ୍ତି ନିଜର କଳା ସାମ୍ରାଜ୍ୟ। ଯାହାକୁ ରୋକିବାକୁ ଅଣ୍ଟା ଭିଡିଛନ୍ତି ସରକାର ଏବଂ ରାଜସ୍ୱ ମନ୍ତ୍ରୀ ଦେଇଛନ୍ତି ଏଭଳି କଡା ଚେତାବନୀ।

## ପ୍ରଥମ ପୃଷ୍ଠାରୁ...

### ୮ କଲେଜକୁ...

ଅଧ୍ୟକ୍ଷ ନାହାନ୍ତି। ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜ ଓ ଯୁକ୍ତଦୁଇ ସରକାରୀ ଶିକ୍ଷାନୁଷ୍ଠାନଗୁଡିକ ବି ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ଭରସା କରି ଚାଲିଛି। ଏଗୁଡିକରେ ବି ବ୍ୟାପକ ସଂଖ୍ୟକ ଅଧ୍ୟାପକ ପଦବୀ ଖାଲି ରହିଥିବାରୁ ଅତିଥି ଅଧ୍ୟାପକଙ୍କୁ ଭରସା କରି ପାଠପଢ଼ା ହେଉଛି।

ଓଡିଶାରେ ଏବେ ଉଚ୍ଚଶିକ୍ଷା ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ୟୁନ ୧୭ଟି ବିଶ୍ୱବିଦ୍ୟାଳୟ ରହିଛି। ଏଥିରୁ ୧୪ଟିରେ ନିୟମିତ କୁଳପତି ନାହାନ୍ତି। ଏହାଛଡା ଏହି ବିଶ୍ୱବିଦ୍ୟାଳୟଗୁଡିକରେ ପାଖାପାଖି ୬୦ ପ୍ରତିଶତ ଶିକ୍ଷକ ପଦବୀ ଓ ୭୦ ପ୍ରତିଶତରୁ ଅଧିକ ଅଣଶିକ୍ଷକ ପଦବୀ ମଧ୍ୟ ଖାଲି ପଡିଥିବାରୁ ନାକ୍ ସୂଚକାଙ୍କରେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡିକ ଉଚ୍ଚମାନ ପାଇପାରୁ ନାହାନ୍ତି ଏବଂ ବିଶ୍ୱର ଶ୍ରେଷ୍ଠ ୧୦୦ ବିଶ୍ୱବିଦ୍ୟାଳୟ ଓ ଦେଶର ଶ୍ରେଷ୍ଠ ୧୦ ବିଶ୍ୱବିଦ୍ୟାଳୟ ତାଲିକାରେ ରାଜ୍ୟର କୌଣସି ସରକାରୀ ବିଶ୍ୱବିଦ୍ୟାଳୟ ରହିପାରୁନାହିଁ।

ଏ ପରିପ୍ରେକ୍ଷୀରେ ଏକଦା ରାଜ୍ୟର ଅଗ୍ରଣୀ କଲେଜ ଭାବେ ଯେଉଁ ଉଚ୍ଚଶିକ୍ଷାନୁଷ୍ଠାନଗୁଡିକ ନାକ୍ ରେଟିଂ ଓ ଅନ୍ୟାନ୍ୟ କ୍ଷେତ୍ରରେ ବିଶେଷ ଭଲ ପ୍ରଦର୍ଶନ କରିଆସୁଥିଲେ ସେଗୁଡିକ ବିଶ୍ୱବିଦ୍ୟାଳୟକୁ ଉନ୍ନିତ ହେବାପରେ କିନ୍ତୁ ସ୍ଥିତିରେ ଢେର ଅବନତି ଦେଖାଯାଉଛି। ଅନ୍ୟ ପକ୍ଷରେ ଯେଉଁ ଜିଲ୍ଲାଗୁଡିକରେ ବିଶ୍ୱବିଦ୍ୟାଳୟମାନ ନାହିଁ ସେଠାରେ ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ଦାବି ଜୋର ଧରୁଛି। ଏ ସଂକ୍ରାନ୍ତରେ ଚୂଡାନ୍ତ ନିଷ୍ପତ୍ତି କିନ୍ତୁ ରାଜ୍ୟ ସରକାରଙ୍କ ଉପରେ ନିର୍ଭର କରୁଥିବାରୁ ବିଭିନ୍ନ ଜିଲ୍ଲାରେ ନିର୍ବାଚିତ ଜନପ୍ରତିନିଧିମାନଙ୍କ ଉପରେ ଚାପ ବଢିବାରେ ଲାଗିଛି।

### ଦରମା ଓ ଭତ୍ତା...

ବିଧାୟକମାନଙ୍କ ପେନସନ୍/ଭତ୍ତା ବୃଦ୍ଧି ନେଇ ବିଧେୟକ ଗୃହରେ ଉପସ୍ଥାପନ କରାଯାଇଥିଲା। ଦଳମତ ନିର୍ବିଶେଷରେ ସବୁ ବିଧାୟକ ଏହାକୁ ସମର୍ଥନ ଜଣାଇଥିଲେ। ବିଧେୟକ ଆଗତ ହେବା ପୂର୍ବରୁ ଏବଂ ପରେ ଶାସକ, ବିରୋଧୀ ସମସ୍ତେ ବେଶ୍ ଉତ୍ସାହିତ ଥିଲେ। ତେବେ ଏହାକୁ ନେଇ ସାଧାରଣରେ ଆରମ୍ଭ ହୋଇଛି ଚର୍ଚ୍ଚା ଓ ଆଲୋଚନା। ଓଡ଼ିଶା ବିଧାନସଭାର ସଦସ୍ୟ ଓ ଅନ୍ୟମାନଙ୍କ ଦରମା/ଭତ୍ତା ଏବେ ଦେଶର ଅନ୍ୟ ରାଜ୍ୟ ତୁଳନାରେ ସର୍ବାଧିକ ହୋଇଛି।

ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ ଭଳି ରାଜ୍ୟର ବିଧାୟକଙ୍କୁ ପଛରେ ପକାଇଛି ଓଡ଼ିଶା। ଓଡ଼ିଶା ପଛକୁ ଝାଡ଼ଖଣ୍ଡର ବିଧାୟକ ଦ୍ୱିତୀୟ ସର୍ବାଧିକ ଦରମା ପାଉଛନ୍ତି। ଝାଡ଼ଖଣ୍ଡର ବିଧାୟକଙ୍କୁ ମାସିକ ୨ ଲକ୍ଷ ୯୦ ହଜାର ଟଙ୍କା ଦରମା ମିଳୁଥିବା ବେଳେ ମହାରାଷ୍ଟ୍ର ଓ ତେଲଙ୍ଗାନାର ବିଧାନସଭାର ସଦସ୍ୟମାନଙ୍କୁ ଅଢେଇ ଲକ୍ଷ, ଉତ୍ତର ପ୍ରଦେଶର ବିଧାୟକଙ୍କୁ ୨ ଲକ୍ଷ ୯୬ ହଜାର ଟଙ୍କା ଦରମା ମିଳୁଛି। ଓଡ଼ିଶାର ବିଧାୟକଙ୍କୁ ଦରମା ଓ ଭତ୍ତା ବାବଦରେ ୩ ଲକ୍ଷ ୪୫ ହଜାର ଟଙ୍କା ମିଳିବ। କେରଳ ବିଧାନସଭାର ସଦସ୍ୟଙ୍କୁ ଦ୍ୱିତୀୟ ସର୍ବନିମ୍ନ ଦରମା ଓ ଭତ୍ତା ମାସିକ ୭୦ ହଜାର ଟଙ୍କା ମିଳୁଥିବାବେଳେ ସବୁଠାରୁ କମ୍ ତ୍ରିପୁରା ବିଧାୟକଙ୍କ ଦରମା ମାସିକ ମାତ୍ର ୫୦ହଜାର ରହିଛି। ସେହିପରି ଦିଲ୍ଲୀର ବିଧାୟକମାନଙ୍କୁ ୧ ଲକ୍ଷ ୨୫ ହଜାର ଟଙ୍କା ଦିଆଯାଉଛି।

### ୬ ରାଜ୍ୟରେ ବଢ଼ିଲା...

ଡିସେମ୍ବର ୧୮ ଓ ଉତ୍ତର ପ୍ରଦେଶରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଡିସେମ୍ବର ୨୬ରେ ଶେଷ ହେବ। ସେହିପରି ଡିସେମ୍ବର ୧୯ରେ ତାମିଲନାଡୁ ଓ ଗୁଜରାଟର ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ ପାଇବ। ଡିସେମ୍ବର ୩୧ରେ ଛତିଶଗଡ ଓ ଆଣ୍ଡାମାନ ଓ ଉତ୍ତର ପ୍ରଦେଶର ଡ୍ରାଫ୍ଟ ଭୋଟର ତାଲିକା ଡିସେମ୍ବର ୩୧ରେ ସାର୍ବଜନୀନ କରାଯିବ।

ଆଜିର ଏସ୍‌ଆଇଆର ସମୟ ସୀମା ବୃଦ୍ଧି ପୂର୍ବରୁ ନିର୍ବାଚନ କମିଶନ କେରଳ କ୍ଷେତ୍ରରେ ମଧ୍ୟ ସ୍ୱତନ୍ତ୍ର ସଂଶୋଧନ କରିଥିଲେ। କେରଳରେ ଡିସେମ୍ବର ୧୮ ଯାଏ ଭୋଟର ତାଲିକା ସର୍ଭେ ଚାଲିବ ଓ ଡିସେମ୍ବର ୨୩ରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ନିର୍ବାଚନ କମିଶନ କହିଥିଲେ। ସୂଚନାଯୋଗ୍ୟ, ଭୋଟରମାନେ ଆଧାର କାର୍ଡ ସମେତ ଯେକୌଣସି ପରିଚୟପତ୍ରକୁ ଗଣନା ଫର୍ମରେ ସାମିଲ କରିପାରିବେ। ଗଣନା ବେଳେ ମୋଟ ୧୨ଟି ଦସ୍ତାବିଜକୁ ବିଚାରକୁ ନିଆଯାଇ ଭୋଟର ତାଲିକା ପ୍ରକାଶ କରାଯିବ। ୨୦୨୬ ଫେବୃଆରୀ ୭ରେ ଏସ୍‌ଆଇଆର ହୋଇଥିବା ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଚୂଡାନ୍ତ ଭୋଟର ତାଲିକା ଜାରି କରିବାକୁ ଲକ୍ଷ୍ୟ ରଖିଛନ୍ତି ନିର୍ବାଚନ କମିଶନ।

### ଔଷଧ ଦୋକାନରୁ...

ପଚରାଉଚରା କରୁଛି। କେବେଠାରୁ ଏହି ଦୋକାନୀ ମଦ ବିକ୍ରି କରିବା ଆରମ୍ଭ କରିଥିଲେ ଓ କେଉଁଠୁ ଚୋରାରେ ମଦ ଆଣୁଥିଲେ, ଏସବୁ ବିଷୟରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଆଜି ଭଦ୍ରକର ଏହି ଘଟଣା ଚର୍ଚ୍ଚାକୁ ଆସିଥିବା ବେଳେ ଜିଲ୍ଲାର ବିଭିନ୍ନ ଔଷଧ ଦୋକାନ ଉପରେ ଚଢ଼ାଉ କରାଯିବ ବୋଲି ଜଣାପଡିଛି। ବିଶେଷ କରି ଗ୍ରାମାଞ୍ଚଳରେ ଥିବା ଔଷଧ ଦୋକାନଗୁଡ଼ିକ ଉପରେ ଚଢ଼ାଉ କରାଯିବାର ଆବଶ୍ୟକତା ରହିଛି। ଜିଲ୍ଲାରେ ଅନେକ ଔଷଧ ଦୋକାନ ବେଆଇନ ଭାବରେ ବିନା ଲାଇସେନ୍ସରେ ଚାଲିଛି। ଏହାର ଯାଞ୍ଚ ହେଲେ ଅନେକ ବେଆଇନ ଔଷଧ ଦୋକାନଗୁଡ଼ିକର କଳା କାରନାମା ଧରାପଡ଼ିବ ବୋଲି ଲୋକେ ଦାବି କରିଆସୁଛନ୍ତି।

### ଓଡ଼ିଶାରେ ଖୋଲିବ...

ସାର୍ବଜନୀନ ଆର୍ଥିକ ପରିଚାଳନାର ଗୁଣବତ୍ତା ଉନ୍ନତ କରିବା ଦିଗରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଭାବରେ ଦେଖାଯାଉଛି। ଓଡିଶା ଏଜି କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବା ସହ ବିଭିନ୍ନ ବିଭାଗରେ ପ୍ରଥମ ହେବାରେ ସୌଭାଗ୍ୟ ଲାଭ କରିଛି।

### ଭାରତ ଉପରେ...

ଅନ୍ୟ କେତେକ ସାମଗ୍ରୀ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ ହେବ।

ମେକ୍ସିକୋ ସରକାର ବିଲ୍ ଉପସ୍ଥାପନ ସମୟରେ ଯୁକ୍ତି ବାଢ଼ି କହିଛନ୍ତି ଯେ, ସ୍ଥାନୀୟ ଯୁବପିଢ଼ିଙ୍କ ରୋଜଗାର ଏବଂ ଉତ୍ପାଦନକାରୀ କମ୍ପାନୀଗୁଡ଼ିକୁ ସୁରକ୍ଷିତ ରଖିବା ଲାଗି ଏହି ପଦକ୍ଷେପ ନିଆଯାଇଛି। ଏହା ଦେଶରେ ଉତ୍ପାଦିତ ସାମଗ୍ରୀଗୁଡ଼ିକୁ ବିଶ୍ୱସ୍ତରରେ ପହଞ୍ଚାଇବା ଦିଗରେ ସହାୟକ ହେବ।

### ୩ ଡିଗ୍ରୀରେ...

ସେମିଲିଗୁଡ଼ାରେ ସର୍ବନିମ୍ନ ୩.୫, ଜି. ଉଦୟଗିରିରେ ୪, ଫୁଲବାଣୀରେ ୫.୨ ଡିଗ୍ରୀ, ଚିପିଲିମାରେ ୬.୧, ରାଉରକେଲାରେ ୬.୬, ଝାରସୁଗୁଡ଼ାରେ ୬.୮ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୭, ଭବାନୀପାଟଣା ଓ ଅନୁଗୋଳରେ ୮, କିରେଇରେ ୮.୧ ଡିଗ୍ରୀ, ନବରଙ୍ଗପୁରରେ ୮.୬, କୋରାପୁଟ ଓ ବଲାଙ୍ଗିରରେ ୯.୩ ଡିଗ୍ରୀ, କେନ୍ଦୁଝରର ଓ ସୁନ୍ଦରଗରେ ୯.୬, ସୋନପୁରରେ ତାପମାତ୍ରା ୧୦ ଡିଗ୍ରୀ ରହିଛି।

### ୧୭ରେ ଓଟିଇଟି...

ସିସିଟିଭି ବ୍ୟବସ୍ଥା ଗ୍ରହଣ କରାଯାଇଛି। ବୋର୍ଡ଼ କାର୍ଯ୍ୟାଳୟ କମାଣ୍ଡ କଣ୍ଟ୍ରୋଲ ରୁମ୍‌ରୁ ସମସ୍ତ ପରୀକ୍ଷା କେନ୍ଦ୍ରର ନିୟନ୍ତ୍ରଣ ବ୍ୟବସ୍ଥା ହୋଇଛି। ଆସନ୍ତା ୧୪ ତାରିଖରୁ ଡିଜି ଲକରରେ ପ୍ରଶ୍ନପତ୍ର ଓ ଓଏମଆର ସିଟ ପଠାଯିବ। ୩୦ଟି ଜିଲ୍ଲା ପାଇଁ ୩୯ଟି ରୁଟରେ ଆର୍ମ ପୋଲିସ ସହିତ ପ୍ରଶ୍ନପତ୍ର ପଠାଯିବ ବୋଲି ବୋର୍ଡ଼ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

# ମମତା ଉସକାଇଲେ: ରୋଷେଇ ଘରେ ଅଛି ମାରଣାସ୍ତ୍ର

କୋଲକାତା,୧୧।୧୨

ଏକ୍ସପ୍ରେସ୍ ନ୍ୟୁଜ୍

ଏସଆଇଆରକୁ ନେଇ ପଶ୍ଚିମବଙ୍ଗରେ ପ୍ରତିଦିନ ନୂଆ ଘଟଣା ସାମ୍ନାକୁ ଆସୁଛି। ଆଜି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉତ୍ତେଜନାମୂଳକ ମନ୍ତବ୍ୟ ଦେଇଛନ୍ତି। ଯଦି ଭୋଟର ଲିଷ୍ଟରୁ ନାଁ କଟୁଛି, ତେବେ ରୋଷେଇ ଘରେ ରଖିଥିବା ମାରଣାସ୍ତ୍ର ସହ ପ୍ରସ୍ତୁତ ରୁହ ବୋଲି ରାଜ୍ୟର ମହିଳାମାନଙ୍କୁ କହିଛନ୍ତି ମମତା ବାନାର୍ଜୀ। ବେଙ୍ଗଲର କୃଷ୍ଣାନଗରରେ ଆୟୋଜିତ ଏକ ରାଲିରେ ମମତା ବାନାର୍ଜୀ କହିଛନ୍ତି, 'ଯଦି ପୋଲିସ ରାଜ୍ୟର ମହିଳାଙ୍କୁ ଧମକାଉଛି ଏବଂ ଭୋଟର ଲିଷ୍ଟରୁ ନାଁ କାଟି ଦିଆଯାଉଛି, ତେବେ ଆପଣଙ୍କ ପାଖରେ ରୋଷେଇ ଘରେ ମାରଣାସ୍ତ୍ର ଅଛି। ମହିଳା ଆଗକୁ ଆସି ଲଢ଼ିବେ ଏବଂ ପୁରୁଷ ସେମାନଙ୍କ ପଛରେ ରହିବେ।'



ମହିଳା ନା ବିଜେପି କିଏ ଅଧିକ ଶକ୍ତିଶାଳୀ ମୁଁ ଦେଖିବାକୁ ଚାହୁଁଛି ବୋଲି ମମତା କହିଛନ୍ତି। ମୁଁ ସାଂପ୍ରଦାୟିକତାରେ ବିଶ୍ୱାସ କରେ ନାହିଁ। ଧର୍ମନିରପେକ୍ଷତା ଉପରେ ବିଶ୍ୱାସ କରେ। ନିର୍ବାଚନ ଆସିଲେ ବିଜେପି ଟଙ୍କା ଦେଇ ଲୋକଙ୍କୁ ବାଣ୍ଟିବାକୁ ଚେଷ୍ଟା କରେ ବୋଲି ଅଭିଯୋଗ କରିଛନ୍ତି ଟିଏମସି ସୁପ୍ରିମୋ ମମତା ବାନାର୍ଜୀ।

ମମତା ବାନାର୍ଜୀ କହିଛନ୍ତି, 'ଆମେ ଦରକାର ପଡ଼ିଲେ ଘରେ ଗୀତା ପାଠ କରନ୍ତି। ହୃଦୟରେ ଭଗବାନ ଅଛନ୍ତି। ଯିଏ ଆଲ୍ଲାଙ୍କୁ ପ୍ରାର୍ଥନା କରେ, ସେ ତା ହୃଦୟରେ ଆଲ୍ଲାଙ୍କୁ ପୂଜେ। ରମଜାନ ଏବଂ ଦୁର୍ଗା ପୂଜା ସମୟରେ ଆମେ ଏକାଠି ପ୍ରାର୍ଥନା କରୁ। ଯେଉଁମାନେ ଗୀତାକୁ ନେଇ ହୋହଲ୍ଲା କରୁଛନ୍ତି, ସେମାନଙ୍କୁ ପଚାରିବାକୁ ଚାହୁଁଛି, ଭଗବାନ କୃଷ୍ଣ କଣ କହିଥିଲେ? ଧର୍ମର ଅର୍ଥ ପବିତ୍ରତା, ମାନବତା ଏବଂ ଶାନ୍ତି। ହିଂସା, ଭେଦଭାବ ଏବଂ ବିଭାଜନ ନୁହେଁ।'

ବିଜେପ ଆଡ଼କୁ ଇସାରା କରି ମମତା କହିଛନ୍ତି, 'ଦଙ୍ଗା କରୁଥିବା ଦଳ ନିକଟରେ ମୁଁ କ'ଣ ମୋର ନାଗରିକତାର ପ୍ରମାଣ ଦେବି? ଆମ ପାଖରେ ଜଣେ କେନ୍ଦ୍ର ଗୃହମନ୍ତ୍ରୀ ଅଛନ୍ତି। ଯିଏ ସବୁ ବେଙ୍ଗଲୀଙ୍କୁ ବାଂଲାଦେଶୀ ବୋଲି କହି ଡିଟେନ୍ସନ ସେଣ୍ଟର ପଠାଇ ଦେଉଛନ୍ତି। କିନ୍ତୁ ଆମେ କାହାକୁ ପଶ୍ଚିମବଙ୍ଗ ବାହାରକୁ ଯିବାକୁ ଦେବୁନି। ଯଦି କୌଣସି ଲୋକକୁ ଜବରଦସ୍ତି ବାହାର କରାଯାଉଛି, ତେବେ ସେମାନଙ୍କୁ କେମିତି ଫେରାଇ ଆଣିବାକୁ ହେବ ତାହା ଆମକୁ ଭଲ ଭାବରେ ଜଣା ଅଛି।'

# ମୋକିମଙ୍କୁ ସୁରଙ୍କ ପରାମର୍ଶ: କନ୍ୟାଙ୍କ ଭବିଷ୍ୟତକୁ ନଷ୍ଟ ନକରନ୍ତୁ

ଭୁବନେଶ୍ୱର,୧୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍

ମୋକିମଙ୍କ ଚିଠି ମନ୍ତବ୍ୟକୁ ନେଇ ମୁହଁ ଖୋଲିଲେ ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟ। ସୁର କହିଛନ୍ତି, ମୋକିମ ଏପରି କରି ଝିଅ କ୍ୟାରିୟରକୁ ନଷ୍ଟ କରୁଛନ୍ତି। ସେ ତାଙ୍କର ବେପାର କରନ୍ତୁ କି ନୂଆ ଦଳ କରିବାର ଥିଲେ କରନ୍ତୁ। ଯଦି ଚିଠି ଲେଖିଲ ତାହା ପଦାକୁ ଆସିଲା କାହିଁକି ବୋଲି ସୁର ପଚାରିଛନ୍ତି। ଅନ୍ୟପଟେ ଅନନ୍ତ ସେଠୀ କହିଛନ୍ତି, ହାଇକମାଣ୍ଡକୁ ଜଣାନ୍ତୁ, ମାତ୍ର ମିଡିଆକୁ ଆସିବା ଠିକ ହେଲାନି। ମୁଁ ମୋକିମଙ୍କ ଏପରି କାର୍ଯ୍ୟକୁ ନାପସନ୍ଦ କରୁଛି। ଜୟଦେବ ଜେନା ମଧ ମୋକିମଙ୍କ ସହ ଏକମତ ନୁହେଁ ବୋଲି କହିଛନ୍ତି। ଖାର୍ଗେଙ୍କ ବୟସକୁ ନେଇ ପ୍ରଶ୍ନ କରିବା ଠିକ୍ ହେଲାନି ଭାବୁଛି। ରାହୁଲଙ୍କୁ ଦେଖା କରିପାରିଲେନି କହିବା ତାଙ୍କର ବ୍ୟକ୍ତିଗତ ମନ୍ତବ୍ୟ। ରାହୁଲ ସାରା ଦେଶ କଥା ବୁଝୁଛନ୍ତି, ମୁଁ ଲେଖିଥିବା ଚିଠିର ଉତ୍ତର ପାଇଛି। ତେଣୁ ଏହାକୁ ଏକ ଇସ୍ୟୁ କରିବା ବେକାର କଥା।

# ଦିଲ୍ଲୀ ଦଙ୍ଗାର ଅଭିଯୁକ୍ତ ଉମର ଖାଲିଦକୁ ଅନ୍ତରୀଣ ଜାମିନ

ନୂଆଦିଲ୍ଲୀ,୧୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍

ଦିଲ୍ଲୀ ଦଙ୍ଗାର ଅଭିଯୁକ୍ତ ଉମର ଖାଲିଦକୁ ଅନ୍ତରୀଣ ଜାମିନ ମିଳିଛି। ଭଉଣୀ ବିବାହରେ ସାମିଲ ହେବାକୁ ଯିବ ଉମର ଖାଲିଦ। ତାକୁ ୧୬ ଡିସେମ୍ବରରୁ ୨୯ ଡିସେମ୍ବର ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ଦିଆଯାଇଛି। ଅନ୍ତରୀଣ ଜାମିନ ପ୍ରଦାନ କରିବା ସମୟରେ ଦିଲ୍ଲୀର କରକାରଡୁମା କୋର୍ଟ କହିଛନ୍ତି ଯେ, ଉମରକୁ ଡିସେମ୍ବର ୨୯ ସନ୍ଧ୍ୟାରେ ଆତ୍ମସମର୍ପଣ କରିବାକୁ ପଡିବ। ଏହି ସମୟ ମଧ୍ୟରେ ଉମର ଖାଲିଦ ସୋସିଆଲ ମିଡିଆ ବ୍ୟବହାର କରିବ ନାହିଁ, କୌଣସି ସାକ୍ଷୀଙ୍କ ସହିତ ଯୋଗାଯୋଗ କରିବ ନାହିଁ ଏବଂ କେବଳ ପରିବାର ସଦସ୍ୟ, ସମ୍ପର୍କୀୟ ଏବଂ ବନ୍ଧୁମାନଙ୍କ ସହିତ ସାକ୍ଷାତ କରିପାରିବ।

ପୂର୍ବତନ ଜେଏନୟୁ ଛାତ୍ର ନେତା ଉମର ଖାଲିଦ କରକାରଡୁମା କୋର୍ଟରେ ଅନ୍ତରୀଣ ଜାମିନ ପାଇଁ ଆବେଦନ କରିଥିଲେ। ଖାଲିଦ ନିଜ ଭଉଣୀଙ୍କ ବିବାହରେ ଯୋଗଦେବା ପାଇଁ ଡିସେମ୍ବର ୧୪ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ଆବେଦନ କରିଥିଲେ। ଆବେଦନରେ ଉଲ୍ଲେଖ କରାଯାଇଥିଲା ଯେ, ତା ଭଉଣୀଙ୍କ ବିବାହ ଡିସେମ୍ବର ୨୭ ତାରିଖରେ ହେବାକୁ ଯାଉଛି ଏବଂ ଗୁରୁତ୍ୱପୂର୍ଣ୍ଣ ପାରିବାରିକ କାର୍ଯ୍ୟକ୍ରମ ପାଇଁ ତାର ଉପସ୍ଥିତି ଜରୁରୀ।

# ଦୁଇ ବନ୍ଧୁକ ବେପାରୀ ଗିରଫ

ଭୁବନେଶ୍ୱର,୧୧।୧୨

ଏକ୍ସପ୍ରେସ୍ ନ୍ୟୁଜ୍

ନୂଆବର୍ଷ ପୂର୍ବରୁ ଦୁଇ ବନ୍ଧୁକ ବେପାରୀଙ୍କୁ ଗିରଫ କରିଛି ସ୍ପେଶାଲ ଟାସ୍କଫୋର୍ସ। ଭୁବନେଶ୍ୱର ବାଙ୍କୁଆଳ ବାଲିଯାତ୍ରା ପଡିଆରେ ବନ୍ଧୁକ ଡିଲ କରୁଥିବା ସମୟରେ ମାଡି ବସିଲା ସ୍ପେଶାଲ ଟାସ୍କଫୋର୍ସ।

ଘଟଣାସ୍ଥଳରୁ ବେପାରୀଙ୍କ ପାଖରୁ ୫ଟି ଦେଶୀ ବନ୍ଧୁକ, ଗୋଟିଏ ପିସ୍ତଲ ଓ ସାତ ରାଉଣ୍ଡ ଗୁଳି ଜବତ କରିଛି। ଦୁଇ ବେପାରୀ ହେଉଛନ୍ତି ମୁଙ୍ଗେରର ପିଣ୍ଟୁ କୁମାର ଓ ଅବିନାଶ କୁମାର। ସ୍ପେଶାଲ ଟାସ୍କଫୋର୍ସ ପକ୍ଷରୁ ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବା ନେଇ ଏସଟିଏଫ ଏସପି ସୂଚନା ଦେଇଛନ୍ତି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ